

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୧୫ ଡିସେମ୍ବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 15 December 2024

Vol.No. 35 ■ No.333 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା ପୂଜା ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ସିବିଆଇ ସ୍କାନରରେ ଆଇଏଏସ ବିଷ୍ଣୁପଦ ସେଠୀ

## ୩ ଡ୍ରାଇଭରଙ୍କୁ ଜେରା ସହ ବାବୁଙ୍କୁ ହାଜର ପାଇଁ ସମନ୍




ଭୁବନେଶ୍ୱର, ୧୪/୧୨ (ନି.ପ୍ର): ପୁଣି ବିବାଦରେ ଆଇଏଏସ ବିଷ୍ଣୁପଦ ସେଠୀ। ଏଥର ସିଧା ସିବିଆଇ ସ୍କାନରରେ । ବିଷ୍ଣୁପଦଙ୍କୁ ହାଜର ପାଇଁ ସମନ ହୋଇଛି । ଆଉ ତାଙ୍କ ୩ ଡ୍ରାଇଭରଙ୍କୁ ବି ଜେରା କରିଛି ସିବିଆଇ। ଭୁବନେଶ୍ୱର ମେ ଫେୟାର ହୋଟେଲ୍ ସାମ୍ନାରେ ବ୍ରିଜ ଆଣ୍ଡ ରୁଫ୍ କମ୍ପାନୀ ଲିମିଟେଡ ନିର୍ଦ୍ଦେଶକ ଜଣେ ଠିକାଦାରଙ୍କ ଠାରୁ ୧୦ ଲକ୍ଷ ଲାଞ୍ଚ ନେବା ମାମଲାରେ ଅଧିକ ଖୋଳତାଡ ପରେ ସାମ୍ନାକୁ ଆସିଛି ବିଷ୍ଣୁପଦଙ୍କ ଲିଙ୍କ୍ । ଆହୁରି ବଡ କଥା ହେଲା ନିକଟରେ ଝଉ/ଝଞ ବିଭାଗର କିଛି ସ୍କୁଲର ଅପଗ୍ରେଡେସନ କାମ ବି ସେଇ କଂପାନୀକୁ ଦେବାର ପ୍ରମାଣ ସାମ୍ନାକୁ ଆସିବା ପରେ ବିଷ୍ଣୁପଦ ଓ ସଂପୃକ୍ତ କଂପାନୀ ଭିତରେ ସଂପର୍କକୁ ନେଇ ବି ଚର୍ଚ୍ଚା ବଢିଛି । ଭୁବନେଶ୍ୱରରୁ ୧୦ ଲକ୍ଷ ଲାଞ୍ଚ ଜବତ ଘଟଣାରେ ଲିଙ୍କର ଚେର ଖୋଜି କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ବିଷ୍ଣୁପଦଙ୍କ ପାଖରେ ପହଞ୍ଚିବା ପରେ ପାୱାର କରିଡରରେ ହଇଚଇ । ଲାଞ୍ଚ କାରବାରରେ ଅଛି କି ସଂପୃକ୍ତି ? ଡାଇରେକ୍ଟ ନା ଇଣ୍ଡାଇରେକ୍ଟ ? ଗିରଫ ତିନି ଅଭିଯୁକ୍ତଙ୍କ ଭିତରୁ କାହା ସହ ଥିଲା ବିଷ୍ଣୁପଦଙ୍କ ଲିଙ୍କ ? ଗତ ୭ ତାରିଖ ରାତିରେ ମେ ଫେୟାର ସାମ୍ନାରୁ ବ୍ରିଜ୍ ଆଣ୍ଡ ରୁଫ୍ କମ୍ପାନୀ ଲିମିଟେଡ ନିର୍ଦ୍ଦେଶକ ଚଞ୍ଚଳ ମୁଖାର୍ଜୀ ଜଣେ ଠିକାଦାରଙ୍କଠୁ ଲାଞ୍ଚ ନେବା ବେଳେ ମାଡି ବସିଥିଲା ସିବିଆଇ । ଚଞ୍ଚଳଙ୍କ ସହ ଠିକାଦାର ସନ୍ତୋଷ ମହାରଣା ଏବଂ ମଧ୍ୟସ୍ଥି ଦେବୀଦତ୍ତ ମହାପାତ୍ରଙ୍କୁ ଗିରଫ ଆରମ୍ଭ କରିଥିଲା ଖୋଳତାଡ। ଆଉ ଆଳୁ ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା ଭଳି ଏବେ ଏଥିରେ ସାମ୍ନାକୁ ଆସିଛି ବରିଷ୍ଠ ଆଇଏଏସ ଅଫିସର ବିଷ୍ଣୁପଦଙ୍କ ନାଁ । ଯେଉଁଥିପାଇଁ ଗତ ୧୧ ତାରିଖରେ ହାଜର ହେବାକୁ ନୋଟିସ୍ ? ସହ ଯା ଭିତରେ ତାଙ୍କ ୩ ଡ୍ରାଇଭରଙ୍କୁ ଜେରା କରିଛି ସିବିଆଇ। ଏଠି ପ୍ରଶ୍ନ ବିଷ୍ଣୁପଦଙ୍କ ଡ୍ରାଇଭରଙ୍କୁ କାହିଁକି ଜେରା କଲା ସିବିଆଇ ? ଡ୍ରାଇଭରଙ୍କ ଜରିଆରେ ହୋଇଥିଲା କି କିଛି ଡିଲ୍ ? କୌଣସି ପ୍ରକାର ନେଣଦେଣରେ ଏମାନେ ସଂପୃକ୍ତ ଥିଲେ କି ? ▶▶ପୃଷ୍ଠା ୭

## ସମ୍ବିଧାନ ଭାରତୀୟ ଏକତାର ପ୍ରତୀକ: ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ, ୧୪/୧୨ : ସଂସଦରେ ସମ୍ବିଧାନ ବିତର୍କରେ ଭାଗ ନେଇ ପ୍ରଧାନମନ୍ତ୍ରୀଙ୍କ ସମ୍ବୋଧନ। ସମ୍ବିଧାନ ନିର୍ମାତାଙ୍କୁ ଭୂରି ଭୂରି ପ୍ରଶଂସା କଲେ ପ୍ରଧାନମନ୍ତ୍ରୀ ମୋଦି। ୭୫ ବର୍ଷର ଉପଲବ୍ଧି ଅସାଧାରଣ ବୋଲି କହିଲେ ପ୍ରଧାନମନ୍ତ୍ରୀ। ଏଥିପାଇଁ ଭାରତର ନାଗରିକ ସବୁଠୁ ବେଶୀ ଅଭିନନ୍ଦନର ପାତ୍ର ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ଭାରତୀୟ ଗଣତନ୍ତ୍ର ସାରା ବିଶ୍ୱ ପାଇଁ ପ୍ରେରଣାର ଉତ୍ସ। ଭାରତ ବର୍ତ୍ତମାନ ଗଣତନ୍ତ୍ରର ଜନନୀ ଭାବେ ପରିଚିତ। ସମ୍ବିଧାନକୁ ସଶକ୍ତ କରିବାରେ ନାରୀଶକ୍ତି ପ୍ରମୁଖ ଭୂମିକା ତୁଲାଇଛନ୍ତି। ଆରମ୍ଭରୁ ସମ୍ବିଧାନ ମହିଳାଙ୍କୁ ଭୋଟଦାନ ଅଧିକାର ଦେଇଛି। ଏଥିପାଇଁ ଆମେ ନାରୀଶକ୍ତି ବନ୍ଦନ ନିୟମ ପ୍ରଣୟନ କରିଛୁ। ଆଜି ଜଣେ ଆଦିବାସୀ ମହିଳା ଦେଶର ରାଷ୍ଟ୍ରପତି। ▶▶ପୃଷ୍ଠା ୭

## ମୋ ବସ୍‌ରେ ଲାଗିଲା ନିଆଁ: ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

କଟକ, ୧୪/୧୨ (ନି.ପ୍ର): କଟକ ମଧୁପାଟଣା ଛକରେ ହୁତୁ ହୁତୁ ହୋଇ ଜଳିଗଲା ମୋ ବସ୍। ବସ୍‌ଟି ଭୁବନେଶ୍ୱରରୁ କଟକ ଫେରୁଥିଲା। ମଧୁପାଟଣା ଛକରେ ପହଞ୍ଚିଲା ବେଳେ ନିଆଁ ଲାଗି ଯାଇଥିଲା। ଏହି ବସ୍‌ଟି ଡିଜେଲ୍ ଚାଳିତ ବସ୍ ବୋଲି ଜଣାପଡ଼ିଛି। ବସ୍‌ରେ ନିଆଁ ଲାଗୁଥିବା ଦେଖି ଯାତ୍ରୀମାନେ ଭୟଭୀତ ହୋଇପଡ଼ିଥିଲେ। ଆଉ କାଳବିଳମ୍ବ ନକରି ତରବରିଆ ଭାବେ ଜୀବନକୁ ବାଜି ଲଗାଇ ବସ୍‌ରୁ ବାହାରି ଆସିଥିଲେ। ଯାତ୍ରୀମାନେ ସୁରକ୍ଷିତ ଅଛନ୍ତି। ଖବର ପାଇ ଘଟଣା ସ୍ଥଳରେ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁ ଲିଭାଇଥିଲେ।

## ସମ୍ବଲରେ ମିଳିଲା ୪୬ ବର୍ଷ ଧରି ବନ୍ଦ ପଡ଼ିଥିବା ମନ୍ଦିର



ନୂଆଦିଲ୍ଲୀ, ୧୪/୧୨ : ଉତ୍ତରପ୍ରଦେଶର ସମ୍ଭଲ ବିବାଦ ମଧ୍ୟରେ ସ୍ଥାନୀୟ ଏକ ଅଞ୍ଚଳରୁ ଏକ ବହୁ ପୁରାତନ ଶିବ-ହନୁମାନ ମନ୍ଦିରର ସନ୍ଧାନ ମିଳିଛି। ଦୀର୍ଘ ବର୍ଷ ଧରି ଏହି ମନ୍ଦିରରେ ପୂଜାପାଠ ହୋଇନାହିଁ। ସାମ୍ପ୍ରଦାୟିକ କାରଣରୁ ଏହି ମନ୍ଦିର ବନ୍ଦ ହୋଇ ରହିଥିବା କୁହାଯାଉଛି। ବିଦ୍ୟୁତ୍ ଚୋରି ନେଇ ସ୍ଥାନୀୟ ପ୍ରଶାସନ ଏବଂ ପୁଲିସର ମିଳିତ ଚଢ଼ାଉବେଳେ ଶନିବାର ଏହି ମନ୍ଦିର ଦେଖିବାକୁ ମିଳିଥିଲା। ଏହାପରେ ପ୍ରଶାସନ ଉପସ୍ଥିତିରେ ପୁଲିସ ମନ୍ଦିର ଦ୍ୱାର ଖୋଲିଥିଲା। କୁହାଯାଉଛି ଯେ ୧୯୭୮ ମସିହାରେ ସାମ୍ପ୍ରଦାୟିକ ବିବାଦ ପରେ ଏହି ମନ୍ଦିର ବନ୍ଦ ହୋଇଯାଇଥିଲା। ଯେତେବେଳେ ପୁଲିସ କର୍ମଚାରୀମାନେ ମନ୍ଦିରର ଭିତର ସଫା କରିଥିଲେ, ମନ୍ଦିରର ଗର୍ଭ ଗୃହରେ ଶିବଲିଙ୍ଗ ଏବଂ ହନୁମାନଙ୍କ ମୂର୍ତ୍ତି ରହିଥିବା ଦେଖିବାକୁ ମିଳିଥିଲା। ଏହି ମନ୍ଦିର ନଖାସା ଥାନା ଅଞ୍ଚଳର ଖଗୁ ସରାଇ ଅଞ୍ଚଳରେ ରହିଛି। ଜଣେ ପୂଜକଙ୍କ କହିବା ଅନୁଯାୟୀ ଏହି ମନ୍ଦିରରେ ପୂଜା କରିବା ପାଇଁ କାହାର ସାହସ ନଥିଲା। ପୂଜକମାନେ ନିଜ ନିଜର ଘର ବିକ୍ରି କରି ମନ୍ଦିର ବନ୍ଦ କରି ଚାଲିଯାଇଥିଲେ। ପୂର୍ବରୁ ଜଣେ ପୂଜକ ଏହି ମନ୍ଦିରରେ ରହୁଥିଲେ, କିନ୍ତୁ ଭୟରେ ସେ ମଧ୍ୟ ମନ୍ଦିର ଏବଂ ଅଞ୍ଚଳ ଛାଡି ଚାଲିଯାଇଥିଲେ। ଅନ୍ୟପଟେ ପୁଲିସ ଅଧିକ୍ଷକ କୃଷ୍ଣ କୁମାର କହିଛନ୍ତି ଯେ ଶନିବାର ସକାଳେ ସମ୍ଭଲରେ ଲାଉଡ ସ୍ପିକର ଯାଞ୍ଚ କରାଯାଉଥିବାବେଳେ ବେଆଇନ ବିଦ୍ୟୁତ ସଂଯୋଗ ମାଧ୍ୟମରେ ସମଗ୍ର ଅଞ୍ଚଳକୁ ବିଦ୍ୟୁତ ଯୋଗାଣ କରାଯାଉଥିବା ଜଣାପଡିଥିଲା। ଯେତେବେଳେ ବିଦ୍ୟୁତ୍ ବିଭାଗ ଯାଞ୍ଚ କଲେ, ସେଠାରେ ଶତାଧିକ ବେଆଇନ ସଂଯୋଗ ଥିବା ଜାଣିବାକୁ ପାଇଥିଲେ। ବର୍ତ୍ତମାନ ଚାରୋଟି ମସଜିଦରୁ ବିଭିନ୍ନ ପ୍ରକାରର ତାର ବାହାରିଛି। ଏଠାରେ ଏକ ପାୱାର ହାଉସ୍ ନିର୍ମାଣ କରି ବେଆଇନ ଭାବେ ଲୋକଙ୍କୁ ବିଦ୍ୟୁତ୍ ଯୋଗାଇ ଦିଆଯାଉଥିଲା ବୋଲି ଜଣାପଡ଼ିଛି। ଏହାପରେ ଜିଲ୍ଲାପାଳ ଓ ଏସପିଙ୍କ ଉପସ୍ଥିତିରେ ବିଜୁଳି ବିଭାଗ ଓ ପୁଲିସ ମିଳିତ ଭାବେ ସେଠାରେ ଥିବା ସମସ୍ତ ଘର ଓ ମସଜିଦ ଉପରେ ଚଢ଼ାଉ କରିଥିଲେ। ▶▶ପୃଷ୍ଠା ୭

## ଦୋଛକିରେ ବିଜେଡ଼ି: ଦ୍ୱନ୍ଦ୍ୱରେ ନେତା

### ବିଗିଡ଼ିଲାଣି ସଂଗଠନ, ଦୋହଲିଗଲାଣି ନେତୃତ୍ୱ




ଭୁବନେଶ୍ୱର, ୧୪/୧୨ (ନି.ପ୍ର): ବିଜେଡିର ସଭ୍ୟସଂଗ୍ରହ ଅଭିଯାନ ଏକପ୍ରକାର ଫେଲ୍ । ଜାତୀୟ ରାଜନୀତିରୁ ପ୍ରଭାବ ହରାଇ ଚାଲିଛି ବିଜେଡି । ୨୪ ବିପର୍ଯ୍ୟୟ ପରଠୁ ଆଉ କାମ କରୁନି ବିଜେଡି ସୁପ୍ରିମୋ ନବୀନଙ୍କ ଗୋଟି ଚାଳନା। ଦିନେ ଜାତୀୟ ରାଜନୀତିରେ ଦବଦବା ରଖୁଥିଲେ। ଏବେ ଚିତ୍ର କିନ୍ତୁ ପୂରା ଓଲଟା, ଏକରକମ୍ ପ୍ରାସଙ୍ଗିକତା ହରାଇବାର ସ୍ଥିତି। ଆଭିମୁଖ୍ୟ ସ୍ପଷ୍ଟ ନଥିବାରୁ ଦ୍ୱନ୍ଦ୍ୱରେ ବିଜେଡି ନେତା ଓ କର୍ମୀ। ଦଳର ସମଦୂରତା ନୀତି ବି ପ୍ରଶ୍ନ ଘେରରେ। ଏଭଳି ସ୍ଥିତିରେ ବିଜେପି କହିଛି, ବିଜେଡି ଭାଡି ଫାଙ୍କା ହେଇଯିବ। ଦୋଛକିରେ ବିଜେଡି, ଦ୍ୱନ୍ଦ୍ୱରେ ନେତା । ବିଗିଡ଼ିଲାଣି ତୃଣମୂଳ ସଂଗଠନ, ଦୋହଲିଗଲାଣି ନେତୃତ୍ୱ । ଦୁଇ ଦୁଇ ଜଣ ରାଜ୍ୟସଭା ସାଂସଦ ବିଜେଡି ଛାଡି ବିଜେପି ଯିବା ପରେ ଏବେ ଦଳ ମୁଖିଆଙ୍କ ଉପରୁ ଧୀରେ ଧୀରେ ଆସ୍ଥା ହରାଇଲେଣି ନେତା ଓ କର୍ମୀ। ଏପରିକି ସଭ୍ୟସଂଗ୍ରହ ଅଭିଯାନ ବି ଏକପ୍ରକାର ଫେଲ୍ ମାରିଛି। ସଂଗଠନ ଭୁଶୁଡୁଥିବା ଜାଣି ନବୀନ ଏବେ ବିଧାୟକ ଓ ପୂର୍ବତନ ବିଧାୟକଙ୍କୁ ଡାକି ଆଲୋଚନା କରୁଛନ୍ତି। ଏମିତିକି ପଞ୍ଚାୟତ ପ୍ରତିନିଧିଙ୍କୁ ବି ସିଧାସଳଖ ଭେଟି କଥା ହେଉଛନ୍ତି। ଏପଟେ ସତ୍ତାରୁ ଯିବା ପରେ ଦଳ ଜାତୀୟ ରାଜନୀତିରୁ ବି ପ୍ରଭାବ ହରାଇ ଚାଲିଛି। କାରଣ ଲୋକସଭାରେ ଦଳ ତ ଖାତା ଖୋଲି ପାରି ନଥିଲା, ରାଜ୍ୟସଭାରୁ ▶▶ପୃଷ୍ଠା ୭

## ଲାଲକୃଷ୍ଣ ଆଡ଼ଭାନୀ ଡାକ୍ତରଖାନାରେ ଭର୍ତ୍ତି

ନୂଆଦିଲ୍ଲୀ, ୧୪/୧୨ : ବର୍ଷୀୟାନ ବିଜେପି ନେତା ତଥା ପୂର୍ବତନ ଉପ-ପ୍ରଧାନମନ୍ତ୍ରୀ ଲାଲକୃଷ୍ଣ ଆଡ଼ଭାନୀ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ତାଙ୍କୁ ନୂଆଦିଲ୍ଲୀ ସ୍ଥିତ ଆପୋଲୋ ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି । କିଛି ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ଖବର ଅନୁଯାୟୀ ୯୭ ବର୍ଷୀୟ ଆଡ଼ଭାନୀଙ୍କୁ ଦୁଇ ଦିନ ପୂର୍ବରୁ ଡାକ୍ତରଖାନାକୁ ରୁଟିନ୍ ଚେକ୍ ଅପ୍ ପାଇଁ ଅଣାଯାଇଥିଲା। କିନ୍ତୁ ଗତକାଲି ରାତିରେ ପୁଣି ତାଙ୍କୁ ଡାକ୍ତରଖାନା ଅଣାଯାଇଥିଲା ଓ ସେଠାରେ ତାଙ୍କୁ ଭର୍ତ୍ତି କରାଯାଇଛି। ନ୍ୟୁରୋଲୋଜି ବିଭାଗର ବରିଷ୍ଠ ଡାକ୍ତର ବିନୀତ ସୂରୀଙ୍କ ତତ୍ତ୍ୱାବଧାନରେ ତାଙ୍କ ଚିକିତ୍ସା ଚାଲିଛି। ତାଙ୍କ ଅବସ୍ଥା ସ୍ଥିର ଥିବା ଜଣାପଡ଼ିଛି। ଗତ ଜୁଲାଇ ମାସରୁ ଏପର୍ଯ୍ୟନ୍ତ ଲାଲକୃଷ୍ଣ ଆଡ଼ଭାନୀଙ୍କୁ ୪ ଥର ଡାକ୍ତରଖାନାରେ ଭର୍ତ୍ତି କରାଗଲାଣି। ଗତ ଜୁଲାଇ ମାସରେ ଆଡ଼ଭାନୀଙ୍କୁ ଆପୋଲୋ ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେ କିଛି ଦିନ ରହିଥିଲେ। ବାର୍ଦ୍ଧକ୍ୟ ଜନିତ କିଛି ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ତାଙ୍କୁ ସେଠାରେ ଭର୍ତ୍ତି କରାଯାଇଥିଲା। ▶▶ପୃଷ୍ଠା ୭

## ମଣିପୁରରେ ୫.୮୭ କିଗ୍ରା ବ୍ରାଉନସୁଗାର ସହିତ ୪ ଗିରଫ

ଇମ୍ଫାଲ , ୧୪/୧୨: ମଣିପୁର ପୋଲିସ ୫.୮୭ କିଲୋଗ୍ରାମ ବ୍ରାଉନ ସୁଗାର ସହିତ ୪ଜଣ ଚୋରାଚାଲାଣକାରୀଙ୍କୁ ଗିରଫ କରିଛି।ପୋଲିସ ଶନିବାର କହିଛି ଯେ ସେନାପତି ଜିଲ୍ଲାର ଖାବୁଙ୍ଗ କାରୋଡ ନିକଟ ସ୍ଥିତ ଚିଫାଓଦାଇ ଗ୍ରାମରୁ ମଣୀପୁର ପୋଲିସ ୫.୮୭ କିଲୋଗ୍ରାମ ବ୍ରାଉନ ସୁଗାର ▶▶ପୃଷ୍ଠା ୭

## ଦିଲ୍ଲୀରେ ୩୦ରୁ ଅଧିକ ସ୍କୁଲକୁ ପୁଣି ମିଳିଲା ଧମକ

ନୂଆଦିଲ୍ଲୀ, ୧୪/୧୨: ଜାତୀୟ ରାଜଧାନୀ ଦିଲ୍ଲୀରେ ୩୦ରୁ ଅଧିକ ସ୍କୁଲକୁ ବୋମାରେ ଉଡାଇବାକୁ ପୁଣି ଧମକ ମିଳିବାର ଦିନକ ପରେ ଶନିବାର ପୁଣି ଦିଲ୍ଲୀର କିଛି ସ୍କୁଲକୁ ସେଭଳି ଧମକପୂର୍ଣ୍ଣ ଇମେଲ ମିଳିଛି । ଦିଲ୍ଲୀ ପୋଲିସ କହିଛି ଯେ, ଚଳିତ ସପ୍ତାହରେ ଏହା ତୃତୀୟ କଲ୍ ଅଟେ । ଆଜି ପୁଣି ଥରେ ଡିପିଏସ ଆରକେ ପୁରମ, ରେୟାନ ଇଂଟରନ୍ୟାସନାଲ ସ୍କୁଲ, ବସନ୍ତ କୁଂଜ ସହିତ ୬ଟି ସ୍କୁଲକୁ ବୋମାରେ ଉଡାଇବାକୁ ଧମକପୂର୍ଣ୍ଣ ଇମେଲ ମିଳିଛି । ଆଜି ସକାଳ ୬.୧୨ ମିନିଟ ସମୟରେ ସ୍କୁଲଗୁଡିକ ଏକ ଗ୍ରୁପ ଇମେଲ ମିଳିଥିଲା । ପୋଲିସ କହିଛି ଯେ, ଆଜି ସକାଳ ୬.୧୨ ମିନିଟ ସମୟରେ ସ୍କୁଲକୁ ବୈରୀ ଆଲହା ନାମରେ ଏକ ଗ୍ରୁପ ମେଲ ମିଳିଛି ।

## ଜେଲରୁ ମୁକୁଳିଲେ ଅଭିନେତା ଅଲ୍ଲୁ ଅର୍ଜୁନ

ହାଇଦ୍ରାବାଦ, ୧୪/୧୨: ଅଭିନେତା ଅଲ୍ଲୁ ଅର୍ଜୁନ ଜେଲରୁ ମୁକୁଳିଛନ୍ତି । ସନ୍ଧ୍ୟା ହଲ ଅଘଟଣ କେସରେ କୋର୍ଟ ତାଙ୍କୁ କାଲି ୧୪ଦିନିଆ ନ୍ୟାୟିକ ହେପାଜତକୁ ପଠାଇବାକୁ ନିର୍ଦ୍ଦେଶ ଦେଇଥିଲେ । ତାଙ୍କୁ ପୋଲିସ ଚଂଚଲଗୁଡା ସେଂଟ୍ରାଲ ଜେଲ ନେଇଯାଇଥିଲା । ଏହାପରେ ତାଙ୍କ ଓକିଲ ତେଲେଙ୍ଗାନା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟ ତାଙ୍କୁ ୫୦,୦୦୦ଟଙ୍କାର ବ୍ୟକ୍ତିଗତ ମୁଚାଲିକାରେ ଅନ୍ତରିଣ ଜାମିନ ପ୍ରଦାନ କରିଛନ୍ତି । ମୁକ୍ତ ହେବା ପରେ ଅଲ୍ଲୁ ଜୁବଲି ହିଲ୍ସ ସ୍ଥିତ ତାଙ୍କ ବାସଭବନରେ ପହଂଚିଥିଲେ । ମିଡିଆ ସହ କଥା ହେବା ପରେ ସେ ପ୍ରଶଂସକଙ୍କୁ ଧନ୍ୟବାଦ ଜଣାଇଥିଲେ ।

## ଖସୁଛି ପାରଦ, ବଢୁଛି ଶୀତ

### ୪୮ ଘଣ୍ଟା ପାଇଁ ପାଣିପାଗ ବିଭାଗର ଚେତାବନୀ



ଭୁବନେଶ୍ୱର, ୧୪/୧୨ (ନି.ପ୍ର): ରାଜ୍ୟରେ ପାଣିପାଗ ବଦଳିବା ପରେ ପାରଦ ଖସୁଛି। ଫଳରେ ଶୀତର ପ୍ରକୋପ ବଢ଼ିବାରେ ଲାଗିଛି। ଏଥି ପାଇଁ ସାରା ଓଡ଼ିଶା ଥରୁଛି। ପାଣିପାଗ ବିଭାଗ ରାଜ୍ୟରେ ୪୮ ଘଣ୍ଟା ଯାଏ ଶୀତ ଲହରୀ ଚେତାବନୀ ଦେଇଛି। ଆଗାମୀ ୨ ଦିନ ଯାଏ ଶୀତରେ ଥରିବ ଆଭ୍ୟନ୍ତରୀଣରୁ ଉପକୂଳରୁ ଓଡିଶା। ଆସନ୍ତା ୨୪ ଘଣ୍ଟାରେ ଝାରସୁଗୁଡା ଓ ସୁନ୍ଦରଗଡକୁ କୋଲଡ ୱେବ ପାଇଁ ୟେଲୋ ୱର୍ଣ୍ଣିଙ୍ଗ ଜାରି କରିଛି। ସେହିପରି ପାଣିପାଗ ବିଭାଗ ଆସନ୍ତାକାଲି ମଧ୍ୟ ଝାରସୁଗୁଡା ଓ ସୁନ୍ଦରଗଡ଼ ଏହି ୨ ଜିଲ୍ଲାରେ ଶୀତ ଲହରୀ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି। ଏହାସହ ଆସନ୍ତା ୨୪ ଘଂଟାରେ କଳାହାଣ୍ଡି ଓ କନ୍ଧମାଳରେ ଗୋଟିଏ ଦୁଇଟି ସ୍ଥାନରେ ହାଲୁକରୁ ମଧ୍ୟମଧରଣର କୁହୁଡି ପଡ଼ିବାର ସମ୍ଭାବନା ଅଛି। ଆଗାମୀ ୩ ଦିନ ପାଇଁ ସର୍ବନିମ୍ନ ତାପମାତ୍ରାରେ ପରିବର୍ତ୍ତନ ହେବାର ନାହିଁ। ପରେ ୨ ରୁ ୫ ଡିଗ୍ରି ତାପମାତ୍ରା ବୃଦ୍ଧି ହେବାର ଅଛି। ▶▶ପୃଷ୍ଠା ୭

## ପୁଣି ଶମ୍ଭୁସୀମାରେ ଗର୍ଜିଲେ ଚାଷୀ :୧୬ରେ ଟ୍ରାକ୍ଟର ରାଲି ଓ ୧୭ରେ ରେଳ ରୋକ କରିବାକୁ ଘୋଷଣା



ନୂଆଦିଲ୍ଲୀ, ୧୪/୧୨ : ପଞ୍ଜାବ ହରିୟାଣା ଶମ୍ଭୁ ବର୍ଡରରେ ଶନିବାର ପୁଣି ଉତ୍ତେଜନା ଦେଖିବାକୁ ମିଳିଛି। ଦାବି ପୂରଣ ପାଇଁ ବିକ୍ଷୋଭ କରୁଥିବା ଚାଷୀ ଦିଲ୍ଲୀ ଅଭିମୁଖେ ଯିବାବେଳେ ଲୁହା ବୁହା ଗ୍ୟାସ କରି ସେମାନଙ୍କୁ ଅଟକାଇଛି ପୋଲିସ। ଏହା ପରେ ବିକ୍ଷୋଭ କରୁଥିବା ଚାଷୀ ଦିଲ୍ଲୀ ଅଭିମୁଖେ ଯାତ୍ରା ବନ୍ଦ କରିଛନ୍ତି। ପଞ୍ଜାବ ଚାଷୀ ନେତା ସରବନ ସିଂହ ପଣ୍ଢେର କହିଛନ୍ତି, ଦୁଇ ଚାଷୀ ଗୋଷ୍ଠୀ ପଛକୁ ହଟିଛନ୍ତି। ହରିୟାଣାର ସୁରକ୍ଷାକର୍ମୀଙ୍କ କାର୍ଯ୍ୟାନୁଷ୍ଠାନରେ ୧୭-୧୮ ଚାଷୀ ଆହତ ହୋଇଛନ୍ତି। ତେବେ ଏହା ସହ ସେ ଆଗକୁ ବଡ଼ ଆନ୍ଦୋଳନର ଘୋଷଣା କରିଛନ୍ତି। ପଣ୍ଢେର କହିଛନ୍ତି ଡିସେମ୍ବରରେ ପଞ୍ଜାବକୁ ଛାଡ଼ି ସମଗ୍ର ଦେଶରେ ଟ୍ରାକ୍ଟର ରାଲି ବାହାର କରାଯିବ। ଡିସେମ୍ବର ୧୮ରେ ପଞ୍ଜାବରେ ୧୨ଟାରୁ ୩ଟା ପର୍ଯ୍ୟନ୍ତ ରେଳ ରୋକ ଅଭିଯାନ କରାଯିବ। ୧୮ ପର୍ଯ୍ୟନ୍ତ କୌଣସି ଚାଷୀ ସଂଗଠନ ଦିଲ୍ଲୀ ଅଭିମୁଖେ ଯିବେନାହିଁ। ସରବନ ସିଂହ ପଣ୍ଢେର କହିଛନ୍ତି ଭାରତ ଏବେ ଦୁନିଆର ପଞ୍ଚମ ମହାଶକ୍ତି। ପିଏମ ମୋଦୀ ୧୦୧ ଚାଷୀଙ୍କ ଉପରେ ବଳ ପ୍ରୟୋଗ କରୁଛନ୍ତି। ସେ କହିଛନ୍ତି ଗୋଟିଏ ପଟେ ଆମେ କଥା କହୁଛେ ଆଉ ଅନ୍ୟ ପଟେ ବଳ ପ୍ରୟୋଗ କରୁଛେ। ଏବେ ଲୋକେ ହିଁ କହିବେ ହିଂସା କିଏ କରୁଛି ? ଆମ ଉପରେ ଲୁହା ବୁହା ଗ୍ୟାସ ବ୍ୟବହାର କରାଯାଉଛି। ଏହା ପଛରେ ସରକାରଙ୍କ ଉଦ୍ଦେଶ୍ୟ କ'ଣ ? ପ୍ରାୟ ୧୦ ହଜାର ଲୋକ ଆସିଥିଲେ ସାଧାରଣ ଲୋକଙ୍କ ଉପରେ ▶▶ପୃଷ୍ଠା ୭

# ଓଷ୍ଟା ପକ୍ଷରୁ ୪୧ ତମ ବାର୍ଷିକ ଶିଶୁ ଉତ୍ସବ ଅନୁଷ୍ଠିତ

ବାସୁଦେବପୁର, ୧୪/୧୨ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବିନାୟକପୁର ପଞ୍ଚାୟତର ବେଲ ସାଉଁଳିଆ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବାସୁଦେବପୁର ଓଷ୍ଟା ପକ୍ଷରୁ ୪୧ ତମ ବାର୍ଷିକ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବାସୁଦେବପୁର ର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ । ଶ୍ରୀ ଦାସ ତାଙ୍କ ବକ୍ତବ୍ୟରେ କହିଲେ ଭାରତ ବର୍ଷର ଆଜିର ଛାତ୍ର ଛାତ୍ରୀ ଆଗାମୀ କାଲିର ଭବିଷ୍ୟତ । ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଛାତ୍ର ଛାତ୍ରୀ ମାନଙ୍କୁ ସମୟାନୁ ବର୍ତ୍ତିତା ସହିତ ଶୃଙ୍ଖଳିତ ହେବାକୁ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଓଷ୍ଟା ର ଜିଲ୍ଲା ସଭାପତି ଶଶି ଶେଖର କର ଶର୍ମା, ସମ୍ପାଦକ ପ୍ରଭାତ ପାଣିଗ୍ରାହୀ, କାର୍ଯ୍ୟକାରୀ ସଭାପତି ଅନିଲ କୁମାର ମିଶ୍ର, ବିନାୟକପୁର ସରପଞ୍ଚ ମଧୁସ୍ମିତା ମଲ୍ଲିକ, ଶିକ୍ଷାବିତ୍ ଗଜେନ୍ଦ୍ର ପ୍ରସାଦ ମିଶ୍ର, ବେଲ ସାଉଁଳିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣ ଲତା ରାଉତ, ସି ଆର ସି ସି ରବୀନ୍ଦ୍ର ଜେନା, ସମିତି ସଭ୍ୟା ରଞ୍ଜିତା ମଲ୍ଲିକ, ଓଷ୍ଟା ର ପ୍ରାକ୍ତନ ଜିଲ୍ଲା ପ୍ରତିନିଧି ବସନ୍ତ ବିଶ୍ୱାଳ, ସଭାପତି ଅନିରୁଦ୍ଧ ଧନୀ ଓ ବାସୁଦେବପୁର ବ୍ଲକ ଓଷ୍ଟାର ସମ୍ପାଦକ କମଳାକାନ୍ତ ନାୟକ । ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଚିତ୍ରାଙ୍କନ, କୁଇଜ୍, ଡିବେଟ, ସଙ୍ଗୀତ,ସାଧାରଣ ଜ୍ଞାନ ପ୍ରଭୃତି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇ ଥିଲା । ଉଦଯାପନ ଉତ୍ସବରେ ବାସୁଦେବପୁର ବ୍ଲକ ଓଷ୍ଟା ସଭାପତି ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ ଓ ମୁଖ୍ୟ ବକ୍ତା ଭାବେ ଜିଲ୍ଲା ସଭାପତି ଶଶି ଶେଖର କର ଶର୍ମା ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଜିଲ୍ଲା ସମ୍ପାଦକ ପ୍ରଭାତ ପାଣିଗ୍ରାହୀ, ଅନିଲ କୁମାର ମିଶ୍ର, ଯୁଗ୍ମ ସମ୍ପାଦକ ଅରୁଣ କୁମାର ଶତପଥି, ବିନାୟକ ପୁର ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ପାତ୍ର, ଉପ ସଭାପତି ଅନିରୁଦ୍ଧ ଧନୀ ଓ ଉପ ସଭା ନେତ୍ରୀ ଜୟନ୍ତୀ ଜେନା । ଓଷ୍ଟା ର ଯୁଗ୍ମ ସମ୍ପାଦକ ଅମୂଲ୍ୟ ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ମଞ୍ଜୁଶ୍ରୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ନୃତ୍ୟ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇ ଥିଲା । ଶିଶୁ ମାନଙ୍କ ର ଅନ୍ତର୍ନିହିତ ଗୁଣ ର ପରି ପ୍ରକାଶ ପାଇଁ ୧୯୭୯ ମସିହା ପର ଠାରୁ ବାସୁଦେବପୁର ଓଷ୍ଟା ଆଜି ପର୍ଯ୍ୟନ୍ତ ଲଗାତର ଭାବରେ ଶିଶୁ ଉତ୍ସବ ପାଳନ କରି ଆସୁଛି ।

## ହୀରକ ଜୟନ୍ତୀ ଉପଲକ୍ଷେ ଚିତ୍ରାଙ୍କନ ପ୍ରତିଯୋଗିତା ଓ କୁଇଜ୍ ପ୍ରତିଯୋଗିତା

ବଲାଙ୍ଗିର, ୧୪/୧୨ (ନି.ପ୍ର): ପି. ପି ଏକାଡେମୀର ହୀରକ ଜୟନ୍ତୀ ଉପଲକ୍ଷେ ଚିତ୍ରାଙ୍କନ ପ୍ରତିଯୋଗିତା ଓ କୁଇଜ୍ ପ୍ରତିଯୋଗିତା ହୋଇଥିଲା। ଏହି ପ୍ରତିଯୋଗିତାରେ ଶେଖର ସେଠ୍, ଦୀପକ ବରାଳ, ରଣ୍ଡାଉ ଭୋଇ, ସତ୍ୟ ମିଶ୍ର, ଅନିଲ ମୋଦି, ସରୋଜ କୁମାର ନାୟକ, ଶ୍ରୀମତୀ କମଳିନୀ ନାଥ, ଶ୍ରୀମତୀ ଖୁସବୁ ବେଗମ୍, ଅନନ୍ୟା ମିଶ୍ର, ଓ ଟ୍ୱିଙ୍କିଲ ସାହୁ ପ୍ରତିଯୋଗିତା ଆୟୋଜନରେ ସହଯୋଗ କରିଥିଲେ। ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଭିନାଶ ଭୋଇ ପ୍ରଥମ, ଆୟୁଷ କୁମାର ଠାକୁର ଦ୍ୱିତୀୟ ଏବଂ ହରିପ୍ରୀୟା ଜେନା ଓ ରଶ୍ମିତା ମେହେର ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ କୁଇଜ୍ ପ୍ରତିଯୋଗିତାରେ ମନୋରଞ୍ଜନ ବ୍ରହ୍ମା ପ୍ରଥମ, ସ୍ନେହା ସା ଦ୍ୱିତୀୟ ଏବଂ ରୁଚିକା ସାଏ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପୁରାତନ ଛାତ୍ର ମହେନ୍ଦ୍ର ଦର୍ଜୀ, ଅମିୟ ମିଶ୍ରଙ୍କ ସମେତ ବହୁ ପୁରାତନ ଛାତ୍ର ଉପସ୍ଥିତ ଥିଲେ।

# ସହଯୋଗ ଫାଉଣ୍ଡେସନ୍ ଦ୍ୱାରା ଜିଲ୍ଲା ଜେଲ୍ ବଲାଙ୍ଗୀରରେ ୩ ଦିନିଆ ଯୋଗ ଏବଂ ଧ୍ୟାନ ଶିବିର ସଫଳତାର ସହିତ ସମ୍ପନ୍ନ

ବଲାଙ୍ଗିର, ୧୪/୧୨ (ନି.ପ୍ର): ମାନସିକ ସ୍ୱାସ୍ଥ୍ୟ ଏବଂ ବ୍ୟକ୍ତିଗତ ପରିବର୍ତନକୁ ଉନ୍ନତ କରିବା ପାଇଁ ଏକ ଅପୂର୍ବ ପ୍ରୟାସରେ ବଲାଙ୍ଗୀରର ଆଗଣୁଆ ସାମାଜିକ ସଂଗଠନ ସହଯୋଗ ଫାଉଣ୍ଡେସନ୍ ୧୧ ଡିସେମ୍ବର ୨୦୨୪ ଠାରୁ ୧୩ ଡିସେମ୍ବର ୨୦୨୪ ପର୍ଯ୍ୟନ୍ତ ଜିଲ୍ଲା ଜେଲ୍ ବଲାଙ୍ଗୀରରେ ୩ ଦିନିଆ ଯୋଗ ଏବଂ ଧ୍ୟାନ ଶିବିରର ଆୟୋଜନ କରିଥିଲା। ଏହି ଶିବିରକୁ ଅନୁଭବୀ ଯୋଗ ଗୁରୁ ଶୁଜାତା ଦିଶ୍ରି ଏବଂ ଯୋଗ ପ୍ରଶିକ୍ଷକା ମିସ୍ ସୁଶୋଭିତା ଗୁରୁ ଦ୍ୱାରା ନେତୃତ୍ୱ ପ୍ରଦାନ କରାଯାଇଥିଲା, ଯେଉଁଠାରେ ସେମାନେ ଜେଲ୍ ଅନ୍ତେବାସୀ ମାନଙ୍କୁ ଆନ୍ତରିକ ଶାନ୍ତି, ଶାରୀରିକ ସ୍ୱାସ୍ଥ୍ୟ ଏବଂ ଭାବନାତ୍ମକ ସ୍ଥିରତାକୁ ପ୍ରୋତ୍ସାହିତ କରିବା ପାଇଁ ବିଭିନ୍ନ ମାଧ୍ୟମରେ ଦିଗନିର୍ଦ୍ଦେଶନା କରିଥିଲେ। ଜେଲର ଶ୍ରୀ ସର୍ବେଶ୍ୱର ସାହୁ ଙ୍କ ନିର୍ଦ୍ଦେଶନାରେ ଏହି କାର୍ଯ୍ୟକ୍ରମ ସଫଳ ଭାବରେ ସମ୍ପନ୍ନ ହୋଇଥିଲା ଏବଂ ଯାହା ଜେଲ୍ ଅନ୍ତେବାସୀଙ୍କ ସକାରାତ୍ମକ ପରିବର୍ତନ ଆଣିବାରେ ସହାୟକ ହୋଇଥିଲା। ଯୋଗ ଏବଂ ଧ୍ୟାନ ଗୋଟିଏ ପ୍ରଭାବଶାଳୀ ଉପାୟ ଯାହା ଶାରୀରିକ ସ୍ୱାସ୍ଥ୍ୟକୁ ଉନ୍ନତ କରିବାର ସହିତ ଜେଲ୍ ଅନ୍ତେବାସୀ ମାନଙ୍କୁ ମାନସିକ ଶାନ୍ତି ପ୍ରବନ୍ଧନ କରିବାରେ, ଆତ୍ମ-ଶିକ୍ଷାର ଉନ୍ନତି କରିବାରେ ଏବଂ ସଂସ୍କାର ଯାତ୍ରାରେ ଆଶା ଆଣିବାରେ ସାହାଯ୍ୟ କରେ। ଏହି ପଦକ୍ଷେପ ଜେଲ୍ ଅନ୍ତେବାସୀଙ୍କୁ ମନ ଶାନ୍ତ କରିବା, ଆତ୍ମଚେତନାକୁ ବୃଦ୍ଧି କରିବା ଏବଂ ଜେଲ୍ ପରେ ଏକ ଭଲ ଜୀବନ ପାଇଁ ତିଆରି କରିବାର ତନ୍ତ୍ର ଶିଖାଇଲା। ଏହି କାର୍ଯ୍ୟକ୍ରମର ସଫଳତା ଅନେକ ବ୍ୟକ୍ତିଙ୍କ ଅହର୍ନିଶ ସମର୍ପଣ ଦ୍ୱାରା ସମ୍ଭବ ହୋଇଥିଲା ଯେଉଁମାନେ ହେଲେ ପଂଚାନନ ଭୋଇ, ବିଜୟ ବେହେରା, ସସ୍ମିତା ମେହେର, ସୁଦୀପ୍ତା ତ୍ରିପାଠୀ, ପବନ ଅଗ୍ରୱାଲ, ସନ୍ତୋଷ ଲାଲ, ନୀଳମ ଅଗ୍ରୱାଲ, ରାମ ଅବତାର ଅଗ୍ରୱାଲ, ସୁନୀତା ଅଗ୍ରୱାଲ, ସୁଶାନ୍ତ ପାତ୍ର ଏବଂ ମହାବୀର ମିଶ୍ର। ସେମାନଙ୍କ ନିଷ୍ଠା ଏବଂ ସହଯୋଗ ଏହି ଶିବିରକୁ ପ୍ରଭାବଶାଳୀ ଭାବରେ ସଫଳ କରିଥିଲା।

ଏହି ଅବସରରେ, ସହଯୋଗ ଫାଉଣ୍ଡେସନ୍ ର ସମ୍ପାଦିକା ପିଙ୍କି ମୋଦୀ କହିଲେ ଏହା ଦ୍ୱିତୀୟ ବର୍ଷ ଯେଉଁଠାରେ ଆମେ ଜେଲ୍ ଅନ୍ତେବାସୀଙ୍କ ପାଇଁ ୩ ଦିନିଆ ଯୋଗ ଏବଂ ଧ୍ୟାନ ଶିବିର ଆୟୋଜନ କରିଛୁ। ଏପରି କାର୍ଯ୍ୟକ୍ରମ ଗୋଟିଏ ପୁନଃସଂସ୍କାରମୂଳକ ପରିବେଶ ସୃଷ୍ଟି କରିବାରେ ଏକ ପଦକ୍ଷେପ, ଯେଉଁଠାରେ ଜେଲ୍ ଅନ୍ତେବାସୀ ମାନେ ଆତ୍ମନିର୍ବଳନ କରିବା, ଉନ୍ନତି କରିବା ଏବଂ ଏକ ସକାରାତ୍ମକ ଭବିଷ୍ୟତ ପାଇଁ ପ୍ରସ୍ତୁତ ହେବାକୁ ସମର୍ଥ ହୋଇଥାନ୍ତି। ଭବିଷ୍ୟତରେ ଆମେ ଜୀବନ ଶୈଳୀ' ଏବଂ 'ଭଲ ମାନବ ହେବାର ପ୍ରଶିକ୍ଷଣ' ପରି ଅନ୍ୟାନ୍ୟ କାର୍ଯ୍ୟକ୍ରମ ଆୟୋଜନ କରିବାର ଯୋଜନା କରୁଛୁ।" ଜେଲ୍ ରେ କାର୍ଯ୍ୟକ୍ରମ ସହିତ ସହଯୋଗ ଫାଉଣ୍ଡେସନ୍ ଏହାର ବାର୍ଷିକ କମ୍ବଳ ବଂଟନ ଅଭିଯାନ ମଧ୍ୟ ଆରମ୍ଭ କରିଛି, ଯାହା ଗରିବମାନଙ୍କୁ ଶୀତ ରୋକିବାରେ ସାହାଯ୍ୟ କରିବ। ଡ଼ିସେମ୍ବର ୧ ରୁ କମ୍ବଳ ବଂଟନ ଚାଲୁ ହୋଇଛି ଏବଂ ୧୫ ଜାନୁଆରୀ ୨୦୨୫ ପର୍ଯ୍ୟନ୍ତ ଚାଲୁରହିବ ବୋଲି ଶ୍ରୀମତୀ ମୋଦି ସୂଚନା ଦେଇଛନ୍ତି।

# ଉମଙ୍ଗ ଆଉଟବାଉଣ୍ଡ ରିଟ୍ରୀଟ କାର୍ଯ୍ୟକାରିଣୀ ଦଳ ସମ୍ବର୍ଦ୍ଧିତ




ରାଉରକେଲା, ୧୪/୧୨ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନାର ଡି ଆଇ ସି ଙ୍କ କାର୍ଯ୍ୟାଳୟ ସ୍ଥିତ ମନ୍ଥନ ସମ୍ମିଳନୀ କକ୍ଷରେ ଏକ ସ୍ୱତନ୍ତ୍ର ପୁରସ୍କାର ବିତରଣ ଉତ୍ସବ ଆୟୋଜିତ ହୋଇଥିଲା । ଏଥିରେ ମନ୍ଦିରା ଜଳଭଣ୍ଡାର ସ୍ଥିତ ତରଙ୍ଗିଣୀ କମ୍ପ୍ଲେକ୍ସକୁ 'ଉମଙ୍ଗ ଆଉଟବାଉଣ୍ଡ ରିଟ୍ରୀଟରେ ରୂପାନ୍ତରଣ କରି ଏହାକୁ ଜୀବନ୍ତ, ସୁଦୃଶ୍ୟ ତଥା ଚମତ୍କାର ଗଢିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଉତ୍ସର୍ଗୀକୃତ କାର୍ଯ୍ୟକାରିଣୀ ଦଳର ସଦସ୍ୟଙ୍କୁ ଡି ଆଇ ସି ଶ୍ରୀ ଅତନୁ ଭୌମିକ ସମ୍ବର୍ଦ୍ଧିତ କରିଥିଲେ। ଏହି ପରିପ୍ରେକ୍ଷୀରେ କାର୍ଯ୍ୟ ବିଭାଗର ଭାରପ୍ରାପ୍ତ ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମା, ଅପରେସନ୍ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବିଆର ପଲାଇଙ୍କ ସମେତ ବହୁ ମୁଖ୍ୟ ମହା ପ୍ରବନ୍ଧକ, ବିଭାଗ ମୁଖ୍ୟ ତଥା ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। କର୍ପୋରେଟ୍ ସେକ୍ଟରରେ ସମାନ ଧରଣର ପ୍ରଥମ ସୁବିଧା ରୂପେ 'ଉମଙ୍ଗ ଆଉଟବାଉଣ୍ଡ୍ ରିଟ୍ରୀଟ ' କେବଳ ଆରଏସପି କର୍ମଚାରୀଙ୍କ ଦ୍ୱାରା ନୁହେଁ ବରଂ ସେଲର ଅନ୍ୟ ସମସ୍ତ ୟୁନିଟ୍ର କର୍ମଚାରୀଙ୍କ ଦ୍ୱାରା ମଧ୍ୟ ବ୍ୟବହୃତ ହେଉଅଛି। କାର୍ଯ୍ୟକାରିଣୀ ଦଳର ସଦସ୍ୟମାନେ ହେଉଛନ୍ତି ବିଏସଏଲ ବୋକାରୋ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଶ୍ରୀ ରାଜଶ୍ରୀ ବାନାର୍ଜୀ, ମେକାନିକାଲ ବିଭାଗର ସିଜିଏମ ଶ୍ରୀ ଆର ଏନ ରାଜେନ୍ଦ୍ରନ୍, ଡିଜାଇନ ଏଣ୍ଡ ସପ ବିଭାଗର ସିଜିଏମ ଶ୍ରୀ ରବି ରଂଜନ, ସହର ପ୍ରଶାସନ ଓ ସି ଏସ ଆର ବିଭାଗର ସିଜିଏମ ଇନଚାର୍ଜ ଶ୍ରୀ ପି କେ ସ୍ୱାଇଁ, ପି ଡି ବିଭାଗର ସି ଜି ଏମ ଶ୍ରୀ ଡିକେ ଭଞ୍ଜ, ଡବ୍ଲୁଏମ ଡି ବିଭାଗର ଜିଏମ ଇନ ଚାର୍ଜ , ଶ୍ରୀ ଦେବଜିତ୍ ରାଭା, ସି ଇଏସ ବିଭାଗର ଜିଏମ ଇନ-ଚାର୍ଜ ଶ୍ରୀ ପବନ ଗୁପ୍ତା, ଡିଜାଇନ ଏଣ୍ଡ ସପ ମେକାନିକାଲ ଓ ଫେବ୍ରିକେସନ ବିଭାଗର ଜି ଏମ ଇନ-ଚାର୍ଜ , ଶ୍ରୀ ଶେଖର ନାରାୟଣ, ଡିଆଇସି ସେକ୍ରେଟାରିଏଟର ଜିଏମ ଟେକନିକାଲ ଶ୍ରୀ ଏସ୍ କେ ମଲ୍ଲିକ୍, ସପ ଓ ଷ୍ଟ୍ରକଚରାଲ ଫେବ୍ରିକେସନ ବିଭାଗର ଜିଏମ ଶ୍ରୀ ଏସସି ସାବତ, ଡବ୍ଲୁଏମଡି ବିଭାଗର ଜିଏମ ଶ୍ରୀ ଅଜିତ କୁମାର ବେହେରା, ଆରଏମଏଚପି ବିଭାଗର ଜିଏମ, ଶ୍ରୀ କେ ପି ନାୟକ, ବିଏଫ ବିଭାଗର ଜିଏମ ଶ୍ରୀ ପି କେ ନନ୍ଦ, କୋକ ଓଭେନ ମେକାନିକାଲ ବିଭାଗର ଜିଏମ, ଶ୍ରୀ ଭି କେ ରାହୁଲ, ସିଇଡି ବିଭାଗର ଡିଜିଏମ ଶ୍ରୀକେ କେ ଜୟଶ୍ୱାଲ୍, ସହର ଇଞ୍ଜିନିୟରିଂ ଜଳଯୋଗାଣ ବିଭାଗର ଡିଜିଏମ, ଶ୍ରୀ ଭି ବି ଏକ୍କା, ଅପରେସନ ଏଣ୍ଡ ଗ୍ୟାରେଜ୍ ବିଭାଗର ଏଜିଏମ, ଶ୍ରୀ ବିନୟ କୁମାର ଚୌଧୁରୀ, ସିଇଏସ ବିଭାଗର ସିନିୟର ମ୍ୟାନେଜର ଶ୍ରୀ ଅମ୍ବୁଜ କୁମାର ମଲ୍ଲିକ ଏବଂ ଜଳ ପରିଚାଳନା ବିଭାଗର ସିନିୟର ମ୍ୟାନେଜର ଶ୍ରୀ ଅମିତାଭ ବେହେରା।

# ପ୍ରବୀଣ କଂଗ୍ରେସ ନେତା ଭଗିଆ ନନାଙ୍କର ପରଲୋକ



ବାଲେଶ୍ୱର, ୧୪/୧୨ (ନି.ପ୍ର): ରେମୁଣା ବ୍ଲକ ଅନ୍ତର୍ଗତ ବିରୁଆଁ ଅଂଚଳର ପ୍ରବୀଣ କଂଗ୍ରେସ ନେତା,ସାମାଜିକ କର୍ମୀ, ସଫଳ ଚାଷୀ ଓ ଧାନ ବ୍ୟବସାୟୀ ବିନୋଦାନନ୍ଦ ପଣ୍ଡାଂ(ଭଗିଆ ନନାଂ)କର ୬୯ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ଗତ କିଛି ଦିନ ଧରି ଯକୃତ, ମଧୁମେହ,ଉଚ୍ଚ ରକ୍ତଚାପ ରୋଗରେ ପୀଡିତ ହୋଇ ଭୁବନେଶ୍ୱରର ହାଇଟେକ ମେଡିକାଲ କଲେଜରେ ଚିକିତ୍ସାଧୀନ ଥିବା ଅବସ୍ଥାରେ ଗତ ୧୦ ତାରିଖ ସକାଳେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି।ତାଂକର ଦିବଂଗତ ପିତା ନିତ୍ୟାନନ୍ଦ ପଣ୍ଡା, ମାତା ସତ୍ୟଭାମା ପଣ୍ଡା ଉଭୟ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇ ବହୁ ବାର କାରାବରଣ କରିବା ସହିତ ଡଃ ହରେକୃଷ୍ଣ ମହତାବ,ବିଜୁ ପଟ୍ଟନାୟକ,ନୀଳମଣି ରାଉତ ରାୟଂକର ଘନିଷ୍ଠ ସହଯୋଗୀ ଥିଲେ। ଭଗିଆ ନନା ଜଣେ ନିଷ୍ଠାପର, ସ୍ପଷ୍ଟବାଦୀ, ଧର୍ମପ୍ରାଣ ସାମାଜିକ କର୍ମୀ,ଅଗ୍ରଣୀ ଚାଷୀ ,କଂଗ୍ରେସ ସଂଗଠକ ଓ ସଫଳ ବ୍ୟବସାୟୀ ଭାବରେ ଲୋକପ୍ରିୟତା ଅର୍ଜନ କରିଥିଲେ।ତାଂକ ଉଦ୍ୟମ ଓ ପୃଷ୍ଠପୋଷକତାରେ ବିରୁଆଁ ପଂଚାୟତରେ ବିଦ୍ୟାଳୟ,ରାସ୍ତା, ପାନୀୟ ଜଳ, ଜଳସେଚନ ପ୍ରକଳ୍ପ, ବହୁ ସାଂସ୍କୃତିକ, ସାମାଜିକ, ଧାର୍ମିକ ଅନୁଷ୍ଠାନ ଗଢି ଉଠିଛି।ତାଂକର ପରଲୋକ ଖବର ପାଇ ପୂର୍ବତନ ବିଧାୟକ ସୁଦର୍ଶନ ଜେନା,ବରିଷ୍ଠ କଂଗ୍ରେସ ନେତା ଗଣେଶ ଚନ୍ଦ୍ର ପଣ୍ଡା, ସେରଗଡ ସରପଂଚ ଦୟାନିଧି ମହାପାତ୍ର, ପୂର୍ବତନ ସରପଂଚ ବନମାଳି ଦାସ, ଲକ୍ଷ୍ମୀଧର ରାଉତ,ସାମ୍ବାଦିକ ରବି ରାଉତ ପ୍ରମୁଖ ଶେଷ ଦର୍ଶନ କରିବା ସହିତ ଶୋକସନ୍ତପ୍ତ ପରିବାର ପରିଜନଂକୁ ସମବେଦନା ଜ୍ଞାପନ କରିଛନ୍ତି। ତାଂକ ଗାଆଁ ରଘୁବୀର ପାଟଣାର ଶ୍ମଶାନରେ ସହସ୍ରାଧିକ ଗ୍ରାମବାସୀ ଓ ଶୁଭେଚ୍ଛୁଂକ ଉପସ୍ଥିତିରେ ତାଂକର ଶେଷକୃତ୍ୟ ସମାପନ ହୋଇଛି। ମୃତ୍ୟୁ ସମୟରେ ତାଂକ ନିକଟରେ ଧର୍ମପତ୍ନୀ ତଥା ପୂର୍ବତନ ସମିତି ସଭ୍ୟା ଚଂଚଳା ପଣ୍ଡା, ପୁଅ ମନୋଜ, ସରୋଜ, ପଂକଜ, ଝିଅ ମଧୁସ୍ମିତା, ଜ୍ୱାଇଁ ପୁରୁଷୋତ୍ତମ, ନାତିନାତୁଣୀ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ।ତାଂକ ବିୟୋଗରେ ବିରୁଆଁ-ସେରଗଡ ଅଂଚଳରେ ଶୋକର ଛାୟା ଖେଳିଯାଇଛି।

## ହୃଦଘାତରେ ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜରଙ୍କ ପରଲୋକ

କେନ୍ଦ୍ରାପଡ଼ା, ୧୪/୧୨ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ବଡବାରଙ୍ଗ ଗ୍ରାମର ବାସିନ୍ଦା ତଥା ଅବସର ପ୍ରାପ୍ତ ବ୍ୟାଙ୍କ ମ୍ୟାନେଜର ଫକିର ମୋହନ ବେହେରାଙ୍କ ହୃଦଘାତରେ ପରଲୋକ ହୋଇଯାଇଛି । ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ଉତମ ଚିକିତ୍ସା ପାଇଁ ଭୁବନେଶ୍ୱର ଯାଉଥିବା ସମୟରେ ବାଟରେ ପରଲୋକ ହେଇ ଯାଇଥିଲା । ଖବରପାଇ ଷ୍ଟେଟ୍ ବ୍ୟାଙ୍କ ପେନଶନର ସଂଘର ସଂପାଦକ ଗଣେଶ୍ୱର ମେକାପଙ୍କ ସମେତ ଉଦୟନାଥ ସାହୁ, ଗେଲଖ ବିହାରୀ ବେହେରା, ଅଜୟ କୁମାର ନାୟକ, ରଜ୍ୟ ସଂଘର ପୂର୍ବତନ ସଭାପତି ସ୍ୱାଧିନ କୁମାରଦସ, ଗଣେଶ ଚନ୍ଦ୍ର ଜେନା ପ୍ରମୁଖ ସ୍ୱର୍ଗତ ବେହେରାଙ୍କ ବାସ ଭବନରେ ପହଁଚି ଶ୍ରଦ୍ଧା ସୁମନ ଅର୍ପଣ କରିବା ସହ ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି ।

# ବାରୋ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ସାର୍ବଜନୀନ ସ୍ୱାସ୍ଥ୍ୟସେବା ଦିବସ

କେନ୍ଦ୍ରାପଡ଼ା, ୧୪/୧୨ (ନି.ପ୍ର): ଗୁରୁବାର ଅପରାହ୍ନ ୩ଟାରେ ଇନ୍ଦୁପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆରୋଗ୍ୟ ମନ୍ଦିର, ବାରୋ ସାର୍ବଜନୀନ ସ୍ୱାସ୍ଥ୍ୟସେବା ଦିବସ ପାଳନ କରିଛି । କଳାମାଟିଆ ଗ୍ରାମ ରାଧାକୃଷ୍ଣ ମନ୍ଦିର ଓ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଆଶାକର୍ମୀ ସଂଯୁକ୍ତା ପ୍ରଧାନ ଗ୍ରାମବାସୀଙ୍କୁ ଏକଜୁଟ କରାଇଥିଲେ । ୱାର୍ଡମେମ୍ବର ପ୍ରଫୁଲ୍ଲ କୁମାର ରାଉତ, ଅଙ୍ଗନୱାଡି କର୍ମୀ କମଳା ସାମଲ, ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ସଦସ୍ୟା ସଭାକାର୍ଯ୍ୟରେ ସାମିଲ ହୋଇଥିଲେ । ସିଏଚ୍ଓ ଉପସ୍ଥିତ ଗ୍ରାମବାସୀମାନଙ୍କୁ ସ୍ୱାସ୍ଥ୍ୟସେବାର ଗୁଣାତ୍ମକ ମାନ ତଥା ଅର୍ଥ ବାଧା ଉପୁଜୁଥିବା ନେଇ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ ।


# ବାଲେଶ୍ୱର ପାଇକାରୀ ସମବାୟ ଭଣ୍ଡାର ଲିଃ, ବାଲେଶ୍ୱର

## ଚିଠି ନଂ. ୨୬୦/ ତା ୧୩.୧୨.୨୦୨୪ ରିଖ

ଏତଦ୍ୱାରା ବାଲେଶ୍ୱର ପାଇକାରୀ ସମବାୟ ଭଣ୍ଡାର ଲିଃର ପରିସରଭୁକ୍ତ ସମବାୟ ସମିତିର ସମସ୍ତ ସଦସ୍ୟ/ସଦସ୍ୟାମାନଙ୍କୁ ଜଣାଇ ଦିଆଯାଉଛି କି, ବାଲେଶ୍ୱର ପାଇକାରୀ ସମବାୟ ଭଣ୍ଡାର ଲିଃର ବାର୍ଷିକ ସାଧାରଣ ସଭା ଆସନ୍ତା ତା ୨୨.୧୨.୨୦୨୪ରିଖ ରବିବାର ଅପରାହ୍ନ ୩.୦୦ ମି. ସମୟରେ କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀ ସଂଘ ଅଫିସଠାରେ ଅନୁଷ୍ଠିତ ହେବ। ଏଣୁ ଆପଣମାନଙ୍କୁ ଅନୁରୋଧ କରାଯାଉଅଛି କି, ସମିତି ତରଫରୁ ଜଣେ ଲେଖାଁଏ ସଭ୍ୟ/ସଭ୍ୟା ନିଜ ସମିତିର ରିଜଲ୍ୟୁସନ ପତ୍ର ସହ ଉକ୍ତ ସାଧାରଣ ସଭାରେ ନିର୍ଦ୍ଧାରିତ ସମୟ, ତାରିଖ ଓ ସ୍ଥାନରେ ଯୋଗଦାନ କରିବା ହେବେ। ଭଣ୍ଡାରର ସଭାପତିଙ୍କ ଆଦେଶକ୍ରମେ :-

**ଆଲୋଚ୍ୟ ବିଷୟ:-**

୧. ପୂର୍ବ ସାଧାରଣ ସଭାର ବିବରଣୀ ପଠନ ଓ ଅନୁମୋଦନ।
୨. ୨୦୨୦-୨୧, ୨୦୨୧-୨୨, ୨୦୨୨-୨୩ ବର୍ଷର ଆୟ-ବ୍ୟୟର ପଠନ ଓ ଅନୁମୋଦନ।
୩. ଆୟ ଓ ବ୍ୟୟର ଆଲୋଚନା (୨୦୨୪-୨୦୨୫) ନଭେମ୍ବର ୨୦୨୪।
୪. ଭଣ୍ଡାରର ନୂତନ ଗୃହ ନିର୍ମାଣ ବାବଦରେ ଆଲୋଚନା।
୫. ପୂର୍ବତନ କର୍ମଚାରୀଙ୍କର ପି.ଏଫ୍, ଇ.ଏସ.ଆଇ ପଇଠ ବାବଦରେ ନିଷ୍ପତ୍ତି ଗ୍ରହଣ।
୬. ଅଫିସର ସମ୍ପାଦକ, କର୍ମଚାରୀ ଓ ଅସ୍ଥାୟୀ କର୍ମଚାରୀଙ୍କ ପାଉଣା ବାବଦରେ ଆଲୋଚନା ଓ ନିଷ୍ପତ୍ତି ଗ୍ରହଣ।
୭. ଭଣ୍ଡାରର ବାର୍ଷିକ ଅଡିଟ ବାବଦରେ ଆଲୋଚନା ଓ ନିଷ୍ପତ୍ତି ଗ୍ରହଣ।
୮. ସମିତି ମାନଙ୍କର ସେଆର ମନି ବୃଦ୍ଧି ବାବଦରେ ଆଲୋଚନା ଓ ନିଷ୍ପତ୍ତି ଗ୍ରହଣ।
୯. ଅନ୍ୟାନ୍ୟ ସଭାପତିଙ୍କ ଆଦେଶକ୍ରମେ।

ଗୋଲାମ କୁଦ୍ଦୁସ ଖାନ
ସମ୍ପାଦକ
ବାଲେଶ୍ୱର ପାଇକାରୀ ସମବାୟ
ଭଣ୍ଡାର ଲିଃ, ବାଲେଶ୍ୱର

ଅଜୟ କୁମାର ସାମଲ
ସଭାପତି
ବାଲେଶ୍ୱର ପାଇକାରୀ ସମବାୟ
ଭଣ୍ଡାର ଲିଃ, ବାଲେଶ୍ୱର


# ନାରୀଶକ୍ତି ହେଉଛି ଶକ୍ତି, ନମ୍ରତା ଏବଂ ଆଶାର ପ୍ରତୀକ: ଧର୍ମେନ୍ଦ୍ର ପ୍ରଧାନ



ନୂଆଦିଲ୍ଲୀ/ଭୁବନେଶ୍ୱର, ୧୪/୧୨ (ନି.ପ୍ର): ନାରୀଶକ୍ତି ହେଉଛି ଶକ୍ତି, ନମ୍ରତା ଏବଂ ଆଶାର ପ୍ରତୀକ । ଭାରତୀୟ ସଭ୍ୟତାରେ ମହିଳାମାନଙ୍କୁ ସମ୍ମାନ ଦେବା ଓ ସେମାନଙ୍କ ସହ ଉତ୍ତମ ବ୍ୟବହାର କରିବାର ଅନ୍ତର୍ନିହିତ ମୂଲ୍ୟବୋଧ ରହିଛି ବୋଲି ଶୁକ୍ରବାର ନୂଆଦିଲ୍ଲୀରେ ୟୁଜିସି ଦ୍ୱାରା ଆୟୋଜିତ ମହିଳା ନେତ୍ରୀମାନଙ୍କ ପାଇଁ ଦିନିକିଆ କର୍ମଶାଳାକୁ ଉଦଘାଟନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହି କର୍ମଶାଳାର ବିଷୟବସ୍ତୁ ରହିଥିଲା 'ମହିଳା ନେତୃତ୍ୱ: ୨୦୪୭ ସୁଦ୍ଧା ଭାରତକୁ ବିକଶିତ କରିବା ପାଇଁ ଏକାଡେମିକ ଉତ୍କର୍ଷତା'। ଏହି ଅବସରରେ ଶ୍ରୀ ପ୍ରଧାନ ଜାତୀୟ ଶିକ୍ଷା ନୀତିର ପରିକଳ୍ପନା, ଶିକ୍ଷାର ପ୍ରତ୍ୟେକ ସ୍ତରରେ ମହିଳା ସଶକ୍ତୀକରଣ ଉପରେ ଗୁରୁତ୍ୱରୋପ କରିଥିଲେ । ମହିଳାମାନେ କିପରି ଉଚ୍ଚଶିକ୍ଷାରେ ଆଗକୁ ବଢୁଛନ୍ତି ଏବଂ ସେମାନଙ୍କ ନେତୃତ୍ୱକୁ ଆଗକୁ ନେବା ପାଇଁ ପ୍ରେରିତ କରିବା ଦିଗରେ ଏହି କର୍ମଶାଳା ଏକ ମାଧ୍ୟମ ହେବ ବୋଲି ସେ କହିଛନ୍ତି । କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି ଯେ ଉଭା ହେଉଥିବା ନୂତନ ବିଶ୍ୱ ବ୍ୟବସ୍ଥା ଜ୍ଞାନ ଦ୍ୱାରା ପରିଚାଳିତ ହେବ । ବର୍ତ୍ତମାନ ସମୟରେ ମହିଳାମାନେ ଅନେକ ବାଧାବିଘ୍ନକୁ ସାମ୍ନା କରି ଆଗକୁ ବଢୁଛନ୍ତି । ଷ୍ଟେମ ଶିକ୍ଷା ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ସେମାନଙ୍କ ଅଂଶଗ୍ରହଣ ବୃଦ୍ଧି ପାଉଛି । ସବୁ କ୍ଷେତ୍ରରେ ମହିଳାଙ୍କ ପାଇଁ ସମାନ ସୁଯୋଗ ସୃଷ୍ଟି କରିବା ଜରୁରୀ । ଗତ ୧୦ ବର୍ଷ ମଧ୍ୟରେ ମୋଦୀ ସରକାର ମହିଳାଙ୍କ ବିକାଶରୁ ମହିଳାଙ୍କ ନେତୃତ୍ୱାଧୀନ ବିକାଶରେ ପରିବର୍ତ୍ତନ ଆଣିବା ଦିଗରେ ବିଶେଷ ଗୁରୁତ୍ୱ ଦେଇଛନ୍ତି । ବିକଶିତ ଭାରତର ଲକ୍ଷ୍ୟକୁ ସାକାର କରିବା ଦିଗରେ ନାରୀ ଶକ୍ତି ଅଧିକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ । ମହିଳାଙ୍କ ସମାନତା ଓ ସଶକ୍ତୀକରଣ ହିଁ ଆମ ସମାଜ ଓ ରାଷ୍ଟ୍ରକୁ ସଶକ୍ତ କରିପାରିବ ।

ଏହି ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ମହିଳା ସଶକ୍ତୀକରଣର ଏକ ଭାରତୀୟ ମଡେଲ ସୃଷ୍ଟି କରିବା ଉପରେ ଗୁରୁତ୍ୱରାପ କରିଥିଲେ । ସେ କହିଥିଲେ ଆମକୁ ମହିଳାଙ୍କ ପାଇଁ ଏପରି ଏକ ମଡେଲ ସୃଷ୍ଟି କରିବାକୁ ହେବ, ଯେଉଁ ମଡେଲ ଦ୍ୱାରା ମହିଳାମାନେ ସ୍ୱଇଚ୍ଛା ଅନୁସାରେ ସବୁ ନିଷ୍ପତି ନିଜେ ନେଇପାରିବେ । ତେବେ ଆଜିର କର୍ମଶାଳାରେ ହୋଇଥିବା ଆଲୋଚନା ଏବଂ ଅନେକ ବ୍ୟକ୍ତିବିଶେଷଙ୍କ ଅଭିଜ୍ଞତା ଆଦାନ ପ୍ରଦାନରେ ଏକ ରୋଡ୍ ମ୍ୟାପ୍ ପ୍ରଦାନ କରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଏହି ଅବସରରେ କେନ୍ଦ୍ର ଉତ୍ତର-ପୂର୍ବାଞ୍ଚଳ ଶିକ୍ଷା ଓ ବିକାଶ ରାଷ୍ଟ୍ରମନ୍ତ୍ରୀ ଡ. ସୁକାନ୍ତ ମଜୁମଦାର ମଧ୍ୟ ଉପସ୍ଥିତ ଥିଲେ।

# ନୂଆ ବଜାର ବଣିକ ସଂଘର ବସନ୍ତ ମିଳନ ଓ ନୂତନ କର୍ମକର୍ତ୍ତା ଚୟନ : ଦୁଷ୍ମନ୍ତ ପୃଷ୍ଟି ସଭାପତି, ଅରୁଣ ସାହୁ ସମ୍ପାଦକ

ଭୁବନ, ୧୪/୧୨ (ନି.ପ୍ର): ଭୁବନର ସର୍ବ ପୁରାତନ ଶ୍ରୀ ଶ୍ରୀ ମହାଲକ୍ଷ୍ମୀ ବଣିକ ସଂଘ, ନୂଆ ବଜାର ତରଫରୁ କଣପାଳ ହାଟ ପଡ଼ିଆ ଠାରେ (୫୯ ତମ ବାର୍ଷିକ ଉତ୍ସବ) ବସନ୍ତ ମିଳନ ଓ ନୂତନ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସମ୍ପାଦକ ତଥା ବରିଷ୍ଠ ସଭ୍ୟ ଭବାନୀ ଶଙ୍କର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ବସନ୍ତ କୁମାର ପୋଥାଳ ଗତ ବର୍ଷ (୨୦୨୩-୨୪) ଲକ୍ଷ୍ମୀପୂଜା, ମାଣ ବସା ଗୁରୁବାର ଆୟ,ବ୍ୟୟ ଉପସ୍ଥାପନ କରିଥିଲେ । ପରେ ପୁରୁଣା କମିଟି କୁ ଭଙ୍ଗ କରାଯାଇ ନୂତନ କମିଟି ଗଠନ କରାଯାଇଥିଲା । ଶତାଧିକ ବ୍ୟବସାୟୀ ଭାଇ ମାନଙ୍କ ଉପସ୍ଥିତିରେ ଚଳିତ ବର୍ଷ ସକାଶେ ଦୁଷ୍ମନ୍ତ କୁମାର ପୃଷ୍ଟି ( ସଭାପତି), ଅରୁଣ କୁମାର ସାହୁ (ସମ୍ପାଦକ), ହୃଷିକେଶ ଦାସ,ଅନିଲ ବେହେରା ( ଉପ ସଭାପତି), ମନମୋହନ ସାହୁ (ସହ ସମ୍ପାଦକ), ସରୋଜ ବିହାରୀ (ଯୁଗ୍ମ ସମ୍ପାଦକ) ଓ ବସନ୍ତ କୁମାର ପୋଥାଳଙ୍କୁ କୋଷାଧ୍ୟକ୍ଷ ଭାବେ ଚୟନ କରାଯାଇଥିଲା । ପ୍ରଥମ ଥର ପାଇଁ ଚଳିତ ବର୍ଷ ବରିଷ୍ଠ ସଭ୍ୟ ଭବାନୀ ଶଙ୍କର ବେହେରା ଙ୍କୁ ସଂଯୋଜକ ଭାବେ ଚୟନ କରାଯାଇଥିଲା । ନୂତନ କର୍ମକର୍ତ୍ତା ମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ବରିଷ୍ଠ ସଭ୍ୟ ଅକ୍ଷୟ କୁମାର ପାତ୍ର ନୂତନ କମିଟିକୁ ଶପଥ ପାଠ କରାଇଥିଲେ। ପୂର୍ବତନ ସଭାପତି ରମେଶ ଚନ୍ଦ୍ର ପୃଷ୍ଟି , ଗତିକୃଷ୍ଣ ବିହାରୀଙ୍କ ସମେତ ଶତାଧିକ ବ୍ୟବସାୟୀ ଭାଇ ଯୋଗଦେଇଥିଲେ ।ଦୁଷ୍ମନ୍ତ କୁମାର ପୃଷ୍ଟି ଏକାଦଶ ଥର ପାଇଁ ସଭାପତି ହୋଇଥିବାରୁ ଶ୍ରୀ ପୃଷ୍ଟିଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି ।

## ଧାରାବାହିକ ଉପନ୍ୟାସ



# ବୈଦେହୀ

### ଡ.ଭାଗବତ ବେହେରା

**ଭାଗ-୭୯**

(ପୂର୍ବ ପ୍ରକାଶିତ ଉତ୍ତାରୁ...)



**‘ବୈଦେହୀ’ ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ. ଭାଗବତ ବେହେରା ତାଙ୍କର ‘ବୈଦେହୀ’ ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର ‘ବୈଦେହୀ’ ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

ତୁମ ଭଳି ମାତା ମୋତେ ଜନ୍ମେଜନ୍ମେ ମିଳୁ, ଏହାହିଁ ଈଶ୍ୱରଙ୍କ ଠାରେ ମୋର ପ୍ରାର୍ଥନା । ମୋ କଥା ଶୁଣି ସେ ହସିହସି କହିଥିଲେ ତୋ ଭଳି ମୁଁ ମଧ ଚାହେଁଲୋ ମା’ ଈଶ୍ୱର ଯଦି ମୋତେ କେବେ ମାନବ ଜନ୍ମ ଦେବେ ତାହେଲେ ତୋରି ପରି ଝିଅଟିଏ ମୋ କୋଳରେ ଜନ୍ମ ଦେବେ । ଆମର ଏହି କଥୋପକଥନ ଭିତରେ ପାହି ଆସିଥିଲା ସେଦିନର ରାତ୍ରି । କାକ ପିକ ମାନଙ୍କର କ୍ଷୀଣ ସ୍ୱରର କାକଳି ସେଦିନ ଗୁଞ୍ଜରି ଉଠିଥିଲା ଅଶୋକବନରେ । ତହିଁ ପୂର୍ବଦିନ ପ୍ରଭାତରେ ପକ୍ଷୀଙ୍କର କାକଳି ଆଦୌ ଶୁଭିନଥିବାବେଳେ, ସେଦିନ ପକ୍ଷୀମାନଙ୍କର ଶାନ୍ତ କାକଳି ସୂଚାଇ ଦେଉଥାଏ ଲଙ୍କାନଗ୍ରର ଅଶାନ୍ତ ପରିବେଶ କ୍ରମେ ଶାନ୍ତ ହେବାକୁ ଯାଉଛି ।

ମୋତେ ଶୁଣାଇ ମାଆ ତ୍ରିଜଟା କହିଥିଲେ, ରାତି ପାହି ଆସିଲା ସୀତା । ଚାଲ ଶୀଘ୍ର ସ୍ନାନ କାର୍ଯ୍ୟ ଶେଷ କରି ଫେରିଆସିବୁ । ଆଉ ଅଳ୍ପ ସମୟ ପରେ ତୋ ସ୍ୱାମୀ ଆସି ଏଠାରେ ବିଜେ କରିବେ । ମାଆ ତ୍ରିଜଟାଙ୍କ ମୁଖରୁ ମୋ ପ୍ରଭୁ ଆସି ପହଞ୍ଚିଯିବେ କଥା ଶୁଣି ମୁଁ ଅସ୍ଥିର ହୋଇ ପଡ଼ିଥିଲି । ସ୍ୱାମୀ ମୋର ଆସି ଏଠାରେ ପହଞ୍ଚିବେ । ଦୁଇବର୍ଷ ପରେ ତାଙ୍କ ସହିତ ମୋର ହେବ ସାକ୍ଷାତ । କିପରି ମୁଁ ତାଙ୍କୁ ଏଠାରେ ଅଭ୍ୟର୍ଥନା କରିବି ? କିପରି ତାଙ୍କ ସେବା କରିବି ? ମୋ ସେବା ସେ ଗ୍ରହଣ କରିବେ ତ ? ଏହି କଥା ଭାବି ମୁଁ ଅଥୟ ହୋଇ ପଡୁଥିବାବେଳେ ସେ କହିଥିଲେ ତୋ ମନର ଅବସ୍ଥା ମୁଁ ବୁଝିପାରୁଛି ମା । ତୁ ଆଦୌ ଚିନ୍ତା କର ନାହିଁ । ପ୍ରତ୍ୟେକଦିନ ତୁ ତୋ ସ୍ୱାମୀଙ୍କ ଚିତ୍ର ଆଙ୍କି ତାଙ୍କ ପାଦଧୋଇ ଦେଉ, ତାଙ୍କ ପାଦରେ ପୁଷ୍ପାଞ୍ଜଳି ଦେଉ । ତାଙ୍କୁ ଫଳଟିଏ ଅର୍ପଣ କରି ତୁ ଭୋଜନ କରୁ, ଆଜି ସେହି କାର୍ଯ୍ୟ ତୁ ଆଉ ଚିତ୍ର ଶ୍ରୀରାମଙ୍କୁ ଅର୍ପଣ ନକରି ପ୍ରକୃତ ଶ୍ରୀରାମଙ୍କୁ ଅର୍ପଣ କରିବୁ । ଚାଲ ମାଆ ଶୀଘ୍ର ସ୍ନାନ ସାରି ଫେରିଆସିବା । ତାଙ୍କ କଥା ମାନି ମୁଁ ତାଙ୍କ ସହିତ ଯାଇ ସ୍ନାନ ସାରି ଫେରିଆସିଥିଲି । ସେ ମାଟିଘଟରେ ଘଟିଏ ଜଳ ଆଣି ଥୋଇ ଦେଇ କହିଥିଲେ ମାଆ ତୁ ଏହି ଚନ୍ଦନକାଠ ଖଣ୍ଡିକ ପଥର ଦେହରେ ଘଷି ସେ ଚନ୍ଦନକୁ ଆଣି ଜଳରେ ମିଶାଇଦେ । ମୁଁ ଫୁଲ ତୋଳିଆଣି ଦେଉଛି । ସେ ଫୁଲରେ ଗୋଟାଏ ମାଳା ତୁ ଗୁନ୍ଥି ପକାଇ ରଖିଥିବୁ । ତୋତେ ଆଉ ଅଧିକ କ’ଣ ବୁଝାଇବି ମାଆ । ତୁ ତ ବନବାସୀ ସ୍ୱାମୀଙ୍କ ସେବା କରି ସବୁ ଜାଣିଛୁ । ମୁଁ ଫୁଲ ଧରି ଆସୁଛି । ତୁ ତୋ ପ୍ରଭୁଙ୍କୁ ଅଭ୍ୟର୍ଥନା କରିବା ପାଇଁ ପ୍ରସ୍ତୁତ ହୋଇ ରହ ।

ମୋତେ ଏତକ କହି ଚାଲି ଯାଇଥିଲେ ମାଆ ତ୍ରିଜଟା । ତାଙ୍କ କହିବା ଅନୁଯାୟୀ ମୁଁ ଚନ୍ଦନ ଘୋରିବାକୁ ଲାଗିଲି । କ୍ରମେ ସିନ୍ଦୂରା ଫାଟି ଆସିଲା । ମାଆ କୋଳରୁ ଆକାଶ ବକ୍ଷକୁ ଡେଇଁ ପଡ଼ିଥିଲେ ଦିନନାଥ । ମୁଁ ଦେଖିଲି ଅଶୋକବନରେ ଥିବା ହରିଣ ଶାବକମାନେ ଆସି ମୋ ପାଖରେ ଧାଡ଼ି ବାନ୍ଧିଦେଲେଣି । ମୟୂର ମୟୂରୀମାନେ ଆସି ଅଶୋକବେଦୀ ଚାରିପଟେ ଘୂରି ବୁଲିଲେଣି । ଆଶ୍ଚର୍ଯ୍ୟ ହୋଇଯାଇଥିଲି ମୁଁ । କ’ଣ ହୋଇଛି ଆଜି ଏମାନଙ୍କର । କାଲି ତ ଏମାନଙ୍କର କାହାରି ଦେଖା ନଥିଲା, ଅଥଚ ଆଜି ଏମାନେ ଏତେ ସଂଖ୍ୟାରେ ଏଠାରେ କାହିଁକି ? ମୟୂର ବିନା ମେଘରେ ବି ପୁଚ୍ଛତୋଳି ନୃତ୍ୟ କଲେଣି । ପକ୍ଷୀମାନଙ୍କ କଣ୍ଠରୁ ଝରି ଆସିଲାଣି ମଧୁର ସଂଗୀତ । ଅଶୋକ ବୃକ୍ଷ ମାନଙ୍କରୁ ପେନ୍ଥା ପେନ୍ଥା ଫୁଲ ସବୁ ଝରି ପଡୁଛି । ସକାଳ ସୂର୍ଯ୍ୟଙ୍କର ନରମ କିରଣ ବିଛେଇ ହୋଇ ପଡ଼ିଲାଣି ଅଶୋକବନରେ । ପ୍ରକୃତି ଶାନ୍ତ, କୋମଳ, ନିର୍ମଳ । ଏମାନେ କ’ଣ ସତରେ ଜାଣି ପାରୁଛନ୍ତି ପ୍ରଭୁ ଆଜି ମୋର ଅଶୋକ ବନକୁ ବିଜେ କରିବେ ବୋଲି ? ମାଙ୍କଡ଼ ଛୁଆ ଗୁଡ଼ିକ ଅତି ଶାନ୍ତ ହୋଇ ବୃକ୍ଷଡାଳରେ ବସି ରହିଛନ୍ତି । ଏ ଦୃଶ୍ୟ ଦେଖି ମୁଁ ତାଟକା ହୋଇ ଯାଉଥାଏ ପ୍ରୀତିଦା । ଅନ୍ତରରେ ମୁଁ ଅନୁଭବ କରୁଥାଏ ଏକ ନୂତନ ପୁଲକ ।

ଚନ୍ଦନବଟା ସରିଲା । ସେ ଚନ୍ଦନକୁ ଆଣି ମିଶାଇ ଦେଲି କଳସ ପାଣିରେ । ମନରେ ଖେଳିଗଲା ଏକ ଅପୂର୍ବ ଆନନ୍ଦ । ଯେଉଁଦିନ ପ୍ରଭୁଙ୍କ ହସ୍ତଧରି ମୁଁ ତାଙ୍କ ସହଧର୍ମିଣୀ ସାଜିଥିଲି, ସେହିଦିନୁ ପ୍ରଭୁଙ୍କ ପାଦଧୂଆ ପାଣି ଗ୍ରହଣ ନକଲେ ମୁଁ ଅନ୍ନ ଜଳ କିଛି ସ୍ପର୍ଶ କରେ ନାହିଁ । ବନବାସ କାଳରେ ଏ ଧାରା ମୁଁ ଜାରି ରଖିଥିଲି । ଏବେ ଅଶୋକବନରେ ସେଥିରୁ ମୁଁ ବଞ୍ଚିତ ଥିଲି । ଆଜି ସେ ସୁଯୋଗ ମୋତେ ମିଳିବ । ପ୍ରଭୁଙ୍କ ପଦଧୋଇ, ପାଦୋଦକ ପାଇ, ମୋ ଜୀବନ ପୁଣି ଧନ୍ୟ ହେବ । ଏହି ସମୟରେ ମା’ ତ୍ରିଜଟା ଗୋଟାଏ ଡଲାରେ ଡଲାଏ ଫୁଲ ଆଣି ମୋ ନିକଟରେ ଥୋଇ ଦେଇ କହିଥିଲେ, ମା’ ସୀତା, ରାବଣର ପୁଷ୍ପ ଉଦ୍ୟାନରେ ଥିବା ମାଳୀ କନ୍ୟାମାନଙ୍କୁ କହିଥିଲେ ସେମାନେ ତୁମ ପତି ପାଇଁ ସୁନ୍ଦର ମାଳା ଗୁନ୍ଥି ଦେଇଥା’ନ୍ତେ । ହେଲେ ମୁଁ ତାହା ଚାହେଁନା । ମୁଁ ଚାହେଁ ତୁ ତୋ ନିଜ ହାତରେ ତୋ ସ୍ୱାମୀଙ୍କ ପାଇଁ ମାଳାଟିଏ ଗୁନ୍ଥି ରଖିବୁ । ମୁଁ ଜାଣେ ଅରଣ୍ୟବାସ କାଳରେ ତୁ ଏ କାର୍ଯ୍ୟ କରିଥିବୁ । ସେଇଥିପାଇଁ ମୁଁ ଏ ଦାୟିତ୍ୱ ତୋ ହସ୍ତରେ ଅର୍ପଣ କଲି । ଅସୁର କନ୍ୟାମାନେ ତୋ ସ୍ୱାମୀ ଦିଅରଙ୍କୁ ସମ୍ବର୍ଦ୍ଧନା ଜଣାଇବା ପାଇଁ ପ୍ରସ୍ତୁତ ହୋଇ ରହିଛନ୍ତି । ତୁ ମଧ ପ୍ରସ୍ତୁତ ହୋଇଯା । ମୁଁ ଯାଇ ଦେଖୁଛି ତୋ ସ୍ୱାମୀ ରାଘବ କେଉଁଠି ଅଛନ୍ତି । ମୁଁ ତାଙ୍କୁ ତୋ ନିକଟକୁ ପଥ କଢ଼ାଇ ନେଇ ଆସିବି । ଏହାକହି ତ୍ରିଜଟା ବିଦାୟ ନେଇ ଯାଇଥିଲେ ।

ମୋ ହୃଦୟରେ କାହିଁକି କେଜାଣି ଏକ ଛନକା ପଶିଗଲା ପ୍ରୀତିଦା । ସତରେ କ’ଣ ମୋ ପ୍ରଭୁ ଏଠାକୁ ଆସିବେ ? ସୀତା ସୀତା କହି ବାହୁ ବଢ଼ାଇ ମୋତେ କୋଳକରି ନେବେ ? ତାଙ୍କ ହୃଦୟରେ ଆଉ କିଛି ଭାବନା ଆସିବ ନାହିଁ ତ ? ମୁଁ ମୋ ସ୍ୱାମୀଙ୍କୁ ଭଲ ଭାବରେ ଜାଣିଛି ପ୍ରୀତିଦା । ତଥାପି ମନରେ ସନ୍ଦେହ । ସେହି ସନ୍ଦେହ ଭିତରେ ଥାଇ ମୁଁ ମାଳାଟିଏ ଗୁନ୍ଥି ବସିଲି । ମୁଁ ମାଳା ଗୁନ୍ଥୁଥିବା ସମୟରେ ହରିଣ ଶାବକମାନେ ମୋତେ ଚାରିପାଖୁଶରୁ ବେଢ଼ିଯାଇ ଅନାଇ ରହିଥାନ୍ତି । ମୋର ବନବାସର ସ୍ମୃତି ମନରେ ଜାଗି ଉଠିଲା । ପ୍ରଭୁ ମୋର ଫୁଲ ତୋଳିଆଣିବା ପରେ ମୁଁ ବସି ମାଳା ଗୁନ୍ଥେ । ହରିଣ ଶାବକ ମାନେ ମୋତେ ବେଢ଼ି ସେ ଦୃଶ୍ୟ ଅବଲୋକନ କରନ୍ତି । ତାଙ୍କୁ ଅନାଇ ହସିହସି ମୁଁ ଦୁବାଙ୍କୁର ଚୟନ କରି ତାଙ୍କ ତୁଣ୍ଡରେ ଦିଏ । ସ୍ୱାମୀ ମୋର କୋମଳ ପତ୍ର ଆଣି ତାଙ୍କୁ ଦିଅନ୍ତି । ସେ ସବୁ ଖାଇ ସେମାନେ ଆନନ୍ଦରେ ଡେଇଁ ବୁଲନ୍ତି । ଏଠାରେ ମଧ ସେହି ଦୃଶ୍ୟ । କିଛିସମୟ ପରେ ମାଳାଟି ଗୁନ୍ଥି ଦେଖିଲି ବେଶ୍ ସୁନ୍ଦର ହୋଇଛି । ଏହା ମୋ ପ୍ରଭୁଙ୍କ ମନକୁ ମାନିବକି ନାହିଁ ସେହି ଚିନ୍ତା କରୁଥିବାବେଳେ ହଠାତ୍ ଶଂଖଧ୍ୱନି ଶୁଣାଗଲା । ଆଶ୍ଚର୍ଯ୍ୟ ହୋଇ ଯାଇଥିଲି ମୁଁ । ଦୁଇବର୍ଷ ଅଶୋକବନର ରହଣୀ କାଳରେ କୌଣସି ଦିନ ମୁଁ ଶଂଖଧ୍ୱନି ଶୁଣି ନଥିଲି । ଆଜି ହଠାତ୍ ଶଂଖଧ୍ୱନି କାହିଁକି ? ଶଙ୍ଖଧ୍ୱନି ପରେପରେ ଶୁଣାଗଲା ଜୟ ପ୍ରଭୁ ଶ୍ରୀରାମଙ୍କର ଜୟ । ସେ ଧ୍ୱନି ଶୁଣି କମ୍ପି ଉଠିଥିଲା ମୋ ହୃଦୟ । ପ୍ରଭୁ ମୋର ଆସିଗଲେ ।

(କ୍ରମଶଃ)

♥ ଦର୍ଜୀପୋଖରୀ, ରାଣୀପାଟଣା,
ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪

## ଜୀବନଯାତ୍ରା

### ଡକ୍ଟର ମନୋରଞ୍ଜନ ବିଷୋୟୀ



ଏ ବିଶାଳ ପୃଥିବୀରେ ମନୁଷ୍ୟ ମୁକ୍ତ ଭାବରେ ଜନ୍ମନିଏ । ଜନ୍ମ ପରବର୍ତ୍ତୀ ସମୟ ଠାରୁ ବିଭିନ୍ନ ଭାବରେ ତା’ର ପ୍ରସାରଣର ମାର୍ଗ ଅବରୁଦ୍ଧ ହୋଇଉଠେ । କୁହାଯାଏ ମନୁଷ୍ୟ ଯେଉଁ ବନ୍ଦୀଶାଳାରେ ଅବରୁଦ୍ଧ; ତା’ର ସମସ୍ତ ଦ୍ୱାର ଉନ୍ମୁକ୍ତ ରହିଥାଏ । କିନ୍ତୁ ଏଇ ଦ୍ୱାର ଦେଇ ଅନ୍ୟ ଗୋଟିଏ ପରିସରକୁ ଗଲାବେଳେ ତାହା ମନେହୁଏ; ଯେପରି ଅନ୍ୟ ଏକ ବନ୍ଦୀଶାଳାର ପ୍ରବେଶ ଦ୍ୱାର । ବିଭିନ୍ନ ସମୟରେ ବିଭିନ୍ନ ପରିପ୍ରେକ୍ଷୀରେ ବ୍ୟକ୍ତିର ସ୍ୱଚ୍ଛନ୍ଦ ପରିପ୍ରକାଶ ଅବରୁଦ୍ଧ ହୋଇଥିବା ଭଳି ମନେହୁଏ । କିନ୍ତୁ ଏସବୁ ସତ୍ତ୍ୱେ ବଞ୍ଚିବାର ମୋହ ମନୁଷ୍ୟକୁ ଜଡ଼େଇ ରଖେ । ସବୁ ପ୍ରତିକୂଳତା ଭିତରେ ଜିଇଁବାର ଦୁର୍ବାର ବାସନା ଅନାହତ ହୋଇ ରହିଥାଏ । ଯଥାର୍ଥରେ କହିବାକୁ ଗଲେ ମନୁଷ୍ୟ ହେଉଛି ନିଜେ ସବୁ ଦୁଃଖର କାରଣ । ମନୁଷ୍ୟ ସମାଜ ଗଢ଼େ; ନିତି, ନିୟମ ଓ ଆଦର୍ଶର ଦ୍ୱାହି ଦେଇ ଆପଣା ନିମନ୍ତେ ଏକ ଆଦର୍ଶ ତିଆରି କରିଥାଏ । ଦୁର୍ବାର ମନର ଆହ୍ୱାନରେ ଏହାକୁ ଭାଙ୍ଗିବାକୁ ଚେଷ୍ଟା କରେ । ନିଜେ ହିଁ ପାପ ପୁଣ୍ୟର ମଧ୍ୟବିନ୍ଦୁରେ ପେଣ୍ଡୁଲମ୍ ଭଳି ଏପଟ ସେପଟ ହୁଏ । ନିଜର ବିଜ୍ଞତା / ଅଜ୍ଞତା ବିଶ୍ୱ ପ୍ରବାହରୁ କିଛି ବି ପରିବର୍ତ୍ତନ ଆଣିବାର ସମର୍ଥ ହୁଏନାହିଁ । କାରଣ କାଳ ଓ ସ୍ରୋତ କାହାକୁ ଅପେକ୍ଷା କରେନାହିଁ । ସମୟର ଧାରାରେ ଉତ୍ଥାନ ପତନ ଦେଇ ଗତି କରୁଥିବା ମନୁଷ୍ୟ ତା’ର ଚତୁର୍ଦ୍ଦିଗର ପରିବର୍ତ୍ତନକୁ ଅନୁଭବ କରେ । ଦର୍ଶନ ଓ ତତ୍ତ୍ୱର ନିବିଡ଼ ପରିସରରେ ତାକୁ ପରଖିବାକୁ ଚେଷ୍ଟା କରେ ।

> **ବିଭିନ୍ନ ସମୟରେ ବିଭିନ୍ନ ପରିପ୍ରେକ୍ଷୀରେ ବ୍ୟକ୍ତିର ସ୍ୱଚ୍ଛନ୍ଦ ପରିପ୍ରକାଶ ଅବରୁଦ୍ଧ ହୋଇଥିବା ଭଳି ମନେହୁଏ । କିନ୍ତୁ ଏସବୁ ସତ୍ତ୍ୱେ ବଞ୍ଚିବାର ମୋହ ମନୁଷ୍ୟକୁ ଜଡ଼େଇ ରଖେ । ସବୁ ପ୍ରତିକୂଳତା ଭିତରେ ଜିଇଁବାର ଦୁର୍ବାର ବାସନା ଅନାହତ ହୋଇ ରହିଥାଏ । ଯଥାର୍ଥରେ କହିବାକୁ ଗଲେ ମନୁଷ୍ୟ ହେଉଛି ନିଜେ ସବୁ ଦୁଃଖର କାରଣ ।**

ଏ ପରିପ୍ରେକ୍ଷୀରେ କହିରଖେ ଭାରତୀୟ ଦୃଷ୍ଟିକୋଣରେ ଜୀବନ ହେଉଛି ଏକ ରଙ୍ଗମଞ୍ଚ । ବିଶ୍ୱନିଅନ୍ତାଙ୍କ ନିର୍ଦ୍ଦେଶରେ ସମସ୍ତଙ୍କୁ ଏଠାରେ ଆପଣା ଆପଣାର ଅଭିନୟ ପ୍ରଦର୍ଶନ କରିବାକୁ ପଡ଼ିଥାଏ । ଏହି ରଙ୍ଗମଞ୍ଚରେ ବିଭିନ୍ନ ଭୂମିକାରେ ଅଭିନୟ କଲାବେଳେ ଅନେକ ସମୟରେ ନିଜର ସ୍ଥିତି ଭୁଲିଯାଏ ମନୁଷ୍ୟ । ଗଭୀର ତନ୍ମୟତାରେ ଆପେ ହିଁ ଘାରି ହୁଏ । ଏ ମୋହରୁ ମୁକ୍ତି ପାଇବା ହିଁ ହେଉଛି ଜୀବନର ଲକ୍ଷ୍ୟ । କିନ୍ତୁ ଏଠାରେ କହିରଖେ ସନାତନ ଆର୍ଯ୍ୟ ପରମ୍ପରାରେ ମନୁଷ୍ୟ ଜନ୍ମ ଓ ମୃତ୍ୟୁକୁ ଜୀବନର ଆରମ୍ଭ ଓ ଶେଷ ଭାବରେ ଗ୍ରହଣ କରିନାହିଁ । ପୁଣି ସେ ଜିଉଁଥିବା ଜୀବନ ତା’ର ସବୁକିଛି ନୁହେଁ । ସେ ସମକାଳରେ କେବଳ ବଞ୍ଚେ ନାହିଁ । ଅତୀତର କର୍ମଫଳ ଯେମିତି ଅନୁରଣିତ ହେଉଥାଏ ସମଗ୍ର ଜୀବନ । ପୁଣି ଆଗାମୀ ଜନ୍ମ ନିମନ୍ତେ କିଛି ସଞ୍ଚିତ କରି ରଖିବାର ବ୍ୟଗ୍ରତା ତାକୁ ଉଦ୍‌ଗ୍ରୀମ କରେ; ସତରେ କ’ଣ ପୁନର୍ଜନ୍ମ ସତ୍ୟ ? ପୁଣି ଅତୀତର କର୍ମଫଳ ନେଇ ବାକିଥିବା ଜୀବନ କାଟିବାକୁ ପଡ଼େ । ଏହିପରି ଏକ ଆବେଗର ସମାହାର ହେଉଛି ମନୁଷ୍ୟ ଜୀବନ । ତେଣୁ ତ କୁହାଯାଏ ଜୀବନର ଗତି ବଡ଼ ବୈଚିତ୍ରମୟ । ଏହି ସତ୍ୟକୁ ବୁଝିବା ପାଇଁ ଯୁଗେ ଯୁଗେ ମାନବ ଖୋଜିଛି ବିଭିନ୍ନ ପଥ । କିନ୍ତୁ ଜୀବନର ସୀମିତ ପରିଧି ଭିତରେ ହୁଏତ ସମ୍ଭବ ହୋଇପାରିନାହିଁ ଏହାର ସମାଧାନ ।

ପରିଶେଷରେ କେବଳ ଏତିକି କହିବି ମାନବ ଜୀବନ ହେଉଛି ଏକ ଅନ୍ୱେଷା । ଏ ଅନ୍ୱେଷାର ଧାରା ଗଡ଼ିଆସିଛି ଅବାରିତ ଭାବରେ କାଳ କାଳ ଧରି । ବିଶ୍ୱ ପ୍ରଦକ୍ଷିଣ ପରେ ଅନ୍ତରୀକ୍ଷ ଯାତ୍ରା ସାରି ସତେ ଯେମିତି ମନେ ହୋଇଛି ସବୁ ଅନ୍ୱେଷା ବୃଥା । ଏ ପିଣ୍ଡ ହିଁ ତ ବ୍ରହ୍ମାଣ୍ଡ । ଏଇଠି ନିତ୍ୟ ବୃନ୍ଦାବନ । ସୋ ଅହଂର ସ୍ୱର ନିନାଦିତ ହୁଏ ସଚରାଚର । ଜଗତ ରହେ ମନର ମୂଳରେ । ତେଣୁ ତ ଦୃଶ୍ୟମାନ ଜଗତ ହେଉଛି ମନର ଏକ ରୂପାନ୍ତରଣ । ଚିତ୍ତବୃତ୍ତିର ପ୍ରତିଫଳନ ନେଇ ଦିଗ୍‌ବିଦିଗ ଖେଳିଯାଏ ଭାବନାର ତରଙ୍ଗ । ସବୁ ସ୍ୱପ୍ନ, ସବୁ ବିଶ୍ୱାସ, ସବୁ ଆଶ୍ୱାସନା, ସବୁ ପ୍ରାପ୍ତି ଓ ଅପ୍ରାପ୍ତି ବେଦନା ତିଆରି ହୁଏ ଆପେ ଆପେ ଏବଂ ନିଶ୍ଚିହ୍ନ ମଧ ହୁଏ ।

♥ ଦାମୋଦରପୁର, ଗଂଜାମ
(ମୋ): ୮୮୯୫୧୪୧୭୨୭

## କବିତା...

### ତପସ୍ୟା

**ନିରଞ୍ଜନ ସେଠୀ**



ସୁଖର ପାହାଚ ଚଢ଼ିବାକୁ ପଣ କରି
ନି’ତି ଖସୁଛି ଦୁଃଖର ଶିଉଳିରେ ।
ରକ୍ତାକ୍ତ ଆଣ୍ଠୁରେ ବି ବଳ କିଏ
ଖୁନ୍ଦିଦିଏ କେଜାଣି
ଆପେ ଆପେ ଭୁଲି ହେଇଯାଏ
ଉଠିବାକୁ ପଣ କରି ପୁଣି ଚଢୁଥାଏ ।

ନାହିଁ ନାହିଁରେ ସୁସଜ୍ଜିତ ଘରର ଚାରିକାନ୍ଥ
ଦଂଶୁଥାଏ ବାରମ୍ବାର
ଚେତନାସିକ୍ତ ମନ ସାଉଁଟୁଥାଏ
ବନ୍ଦ ଦୁଆରର ମୁକୁଳା ଚାବିକାଠି
ମୁଁ ଧାଉଁଥାଏ ଭଉଁରୀ ଭିତରେ ।

ନିତି କୋଳେଇ ନିଏ ଦୁଃଖକୁ ସରଳରେ
ଗରଳ ନହେଲେ ଯେମିତି ନିଦ ଆସେ ନାହିଁ
ଶୋଇଯାଏ ନିଦ୍ରାରେ ସାଇତା ବିଛଣାରେ
ତୃପ୍ତିର ଘନଘଟା କୋଳେଇ ନିଏ ନିଦକୁ
ମୁଁ ଶୋଇଯାଏ ମୋ’ରି ଭିତରେ ।

ଶବ କରି ବୋହୁଥାଏ କାନ୍ଧରେ
ପେଡ଼ିଭରା ଦୁଃଖ
ଆତ୍ମାକୁ ଖୋଜି ଖୋଜି
ଜଞ୍ଜାଳ ଭିତରେ
ଛନ୍ଦାଛନ୍ଦି କାମନାର ବନ୍ଧା ସଂସାରରେ ।



♥ ଭୁବନେଶ୍ୱର
(ମୋ) ୯୯୩୭୩୪୦୨୧୫

### ବଣର ମଣିଷ ଆମେ

**ଅଶ୍ୱିନୀ କୁମାର ଦାଶ**





ବାଘର ଗର୍ଜନ ଏଠି ଏବେ ବି ଶୁଭୁଚି
ସଂରକ୍ଷିତ ଜଙ୍ଗଲ ଉହାଡୁ
ଏବେ ବି ଗୁଣ୍ଡୁଣି ହାତୀ
ଶୁଣ୍ଢ ଟେକି
ଜଣାଏ ସଲାମ୍ ।

ଆଜି ସିନା ସଂରକ୍ଷିତ ।
ହେଲେ, ଆମ ମନର ଅରଣ୍ୟ
ସେମାନେ ଯେ ଆତଯାତ ଜୀବନ ତମାମ୍ ।

ବଣର ମଣିଷ ଆମେ
ଏଇ ଆମ ଅରଣ୍ୟରେ ଦିନେ
ସେମାନେ ବି ବୁଝୁଥିଲେ ଆମ କଥା ।

ଆମ ଭାଷା
ହୃଦୟର ଭାଷା ।

ପାଟିରେ ପେଁକାଳି ଫୁଙ୍କି
ଡାକିଦେଲେ ‘ଶଶା’
କୁତୁକୁତୁ ହେଉଥିଲା
ଘେନିବାକୁ ଟିକିଏ ପରଶା ।

କହ୍ନେଇ ଡାକିଲା ପରି ବଇଁଶୀର ସୁରେ
ହୁଡ଼ାହୁଡ଼ା / କଣ୍ଡାବୁଦା
କୁଡ଼ାମାରି ଡାକ ଶୁଣୁଥିଲେ ।

ବଣରେ ରହି ବି ଆମେ ଅମଣିଷ ନୋହୁଁ ।
ବୁଢ଼ା ଆଜୁଆଳେ ବସି
ପଶୁପକ୍ଷୀ ପ୍ରୀତି ଦେଖୁଥାଉଁ ।

ଜହ୍ନକୁ ବଢ଼ାଇ ହାତ
ଶାଳମୂଳେ ନଇଁ ଦେଉ ଶୀର
ଆମେ ମାଗୁଁ ଆମ ପାଇଁ
ପ୍ରୀତିଭରା ସଂସାରର ମୂଳ ... ।

♥ ସିଦ୍ଧେଶ୍ୱର କଲୋନୀ, ଜାନୁଗଂଜ,
ରେମୁଣା, ବାଲେଶ୍ୱର
(ମୋ) ୯୮୬୧୧୦୩୯୬୭



### ପଦୁଟିଏ କଥା

**ନୀଳମାଧବ କର**

ଯେତେ ଚେଷ୍ଟା, ଇଚ୍ଛା,
ପ୍ରାର୍ଥନା ପରେ ବି,
ସବୁକଥା ସୁରୁଖୁରୁରେ ହେଇ ଯାଏନି ।
କିଛି ଗଡ଼ ବଡ଼ ହେଇଯାଏ
କାମ ସରୁ ସରୁ
କେଉଁଠି କିଛି ଟିକେ ଅଡୁଆ ରହିଯାଏ ।


ମନ ଗୁଡ଼େଇ ହୁଏ
ଉପଲବ୍‌ଧିର ହଜାରେ ଆନନ୍ଦ ଆଡ଼େଇ
ମନ ଗୋଟେ
ଛୋଟ କେଉଁ ଅଣଦେଖା ଖୁଣରେ
ଅଟକି ଥାଏ
ଧନ୍ଦି ହେଉଥାଏ ।

ଘୁରି ଘୁରି, ଏ ସବୁର କାରଣ
ପଦେ ଦି’ ପଦ କଥାରେ ହିଁ ଅଟକେ
ପ୍ରାୟ ସବୁବେଳେ ।
ଏତକ ନ’ କହିଥିଲେ
କଣ ହେଇ ନ’ଥାନ୍ତା ।
ପଦୁଟିଏ କଥା
ଦୁଧ ହାଣ୍ଡିରେ ମାଛିଟିଏ ପରି
ପହଁରୁ ଥାଏ
ସେମିତି ପହଁରୁଥାଏ
ସମାରୋହରୁ ସେତିକି ହିଁ
ମନେଥାଏ ଯେମିତି
ଆଉ ସବୁ ଖୁସିର ପାହାଡ଼
ଉଗୁଡ଼ା ହେଇଥାଏ ଅନ୍ଧାରରେ ।

♥ ଓଲଭରହାମ୍ପଟନ, ୟୁକେ

### ଯା’ ମୁକ୍ତ କଲି ତୋତେ...

**ସ୍ନେହଲତା ଦାସ ଲେଙ୍କା**



ଯା ମୁକ୍ତ କଲି ତୋତେ
ମୁଁ ପ୍ରେମ ଭାବୁଥିବା
ଆଉ ତୁ ତା ନାମ ଜଂଜାଳ ଦେଇଥିବା
ସେଇ ବନ୍ଧନରୁ ...

ଯା ମୁକ୍ତ କଲି ତୋତେ
ତୋ ପୃଥିବୀ ରେ ତୁ ମୋତେ ଦେଇଥିବା
ମୋର ଅଧିକାର ପଣର
ସେଇ ସତ୍ତା ଟିକକରୁ ...

ଯା ମୁକ୍ତ କଲି ତୋତେ
କେବେ ଦିନେ ଖିଆଲି ପଣରେ
ସଯତ୍ନେ ମୋତେ ସାଇତି ଥିବା
ତୋର ସେଇ ସ୍ମୃତି ଭିତରୁ ...

ଯା ଉଡେଇ ଦେଲି ତୋତେ
ତୁ ଉଡ଼ିଯା...
ତୁ ଚାଲିଯା ଖୋଜିବାକୁ
ତୋ ଈପ୍ସିତ ସନ୍ଧାନେ
ଯେଯାଏଁ ନ ଭରିଚି ତୋ ମନ
ନ ଥକିଛି ତୋର ଡେଣା
ଯଦିଓ ଜାଣିଛି
ତୁ ନିଶ୍ଚୟ ଫେରିଆସିବୁ
ମୋ ପାଖକୁ ଦିନେ

ପ୍ରେମରୁ ମୋହ
ମୋହରୁ ଯନ୍ତ୍ରଣା
ଯନ୍ତ୍ରଣାରୁ ନିର୍ବାଣ
ତୁ ଶିଖେଇ ଥିବା ପାଠ
ମୁଁ କିନ୍ତୁ ତୋ ପ୍ରେମରେ ଧ୍ୟାନସ୍ଥ

ଯିବା ଲୋକକୁ କିଏ ବା ଅଟକେଇ
ପାରିବ କୁହତ
ଛାଡି ଚାଲି ଯା ପଛେ
କିନ୍ତୁ ହେବୁନିରେ ତୁ ଯୋଗୀପୁଅ
ତୋ ଗୀତକୁ ବୁଝିବାର
ନାହିଁ ପରା ମୋର ସାମର୍ଥ୍ୟ

କେବେ ଯଦି ବାଟହୁଡ଼ି
ଆସିବାକୁ ଚାହୁଁ
ଫେରେଇବିନି ତୋତେ
ବନ୍ଦାଇ ଆଣିବି ସିଞ୍ଚି ସିଞ୍ଚି
ଚନ୍ଦନର ପାଣିରେ
ଯଦି କେବେ ତୋର
ମୁଁ ମନେ ପଡ଼େ ଝିପ ଝିପ ବର୍ଷାର
ମୁହଁସଂଜେ
ଅନ୍ଧାର ଦେଖି ଭୟ କରିବୁନି
ପାଇ ଯିବୁ ମୋତେ
ତୁ ଦେଇଥିବା ଠିକଣାରେ ।

କେବେ ମୋର ପସନ୍ଦ ନଥିବା
ତୋର ସେହି ପ୍ରିୟ ଲୁଣା ପବନରେ
କାନଡେରି ଶୁଣିବୁ ତ ଥରେ
କେହିଜଣେ ଅହରହ ଡାକୁଚି
ନାମ ଧରି ତୋର
ବିରହ ରାଗରେ ।

♥ ହରପ୍ରିୟା ରେସିଡେନ୍ସି
ଝାରପଡା
ଭୁବନେଶ୍ୱର
(ମୋ) ୭୦୦୮୩୧୪୫୬୫

# ‘ମଣିଷ ସଦା ସମ୍ବେଦନଶୀଳ ଏବଂ ସମ୍ଭାବନାମୟ ଜୀବନଟିଏ ଜିଉଁ’ : ଜ୍ଞାନରଂଜନ ନାୟକ

**ଜ୍ଞାନରଂଜନ ନାୟକ** ଓଡିଆ ସାହିତ୍ୟ ଜଗତରେ ଗୋଟେ ସ୍ୱଷ୍ଟ ପାଦଚିହ୍ନ । କୋଳାହଳ ଓ ପ୍ରଚାର ପ୍ରସାର ଠାରୁ ଦୂରରେ ରହି ନୀରବରେ ସେ ଗଢୁଥାନ୍ତି କଥାୟନର କୋଣାର୍କ । ତାଙ୍କ ଗଳ୍ପମାନଙ୍କରେ ଥାଏ ନିଆରା ଅନୁଭବ ଓ ଅନନ୍ୟ ଦୃଷ୍ଟିଭଙ୍ଗୀ । ଅଭିନୟ ମଧ୍ୟ କରନ୍ତି ସେ । ଆଶାବାଦ ହିଁ ତାଙ୍କର ସ୍ୱତନ୍ତ୍ରତା । ‘ମହିଳା କମିଶନ’ ନରହି ‘ମାନବିକ ଅଧିକାର କମିଶନ’ ଏକକ ଏବଂ ସର୍ବୋଚ୍ଚ ଭାବେ କାମ କରିବା ଉଚିତ ବୋଲି ବିଚାରୁଥିବା କଥାକାରଙ୍କ ଏଥରର ଆଳାପ...

ପ୍ରସ୍ତୁତି : **ସୈରିନ୍ଧ୍ରୀ ସାହୁ**



■ କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?

■■ ବିଦ୍ୟାଳୟର ପରିସରରେ ଏବଂ ଗୋଟେ ଚପଳ ପରିବେଶରେ ହେଇଥିଲା ମୋ ସୃଜନର ଆଦ୍ୟ ସ୍ଫୁରଣ । ସେତେବେଳେ ମୁଁ ଷଷ୍ଠ ଶ୍ରେଣୀରେ ପଢୁଥିଲି । କୌଣସି କାରଣରୁ ଶ୍ରେଣୀରେ ଶିକ୍ଷକ ନଥିଲେ । ପଢ଼ା ସାଥିମାନେ ନିଜ ନିଜ ଭିତରେ ପାଟିତୁଣ୍ଡରେ ମାତିଥିଲେ । ସେତିକି ବେଳେ ମୁଁ ପ୍ରଥମ କରି କବିତାଟିଏ ସେଇ ଶ୍ରେଣୀ ଗୃହରେ ହିଁ ଲେଖିଥିଲି ।

■ ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?

■■ ପ୍ରେରଣା କେହି ଜଣେ ନୁହଁନ୍ତି ବରଂ ଅନେକ । ମଣିଷମାନଙ୍କ ସହିତ ପ୍ରକୃତି ଏବଂ ପକ୍ଷୀମାକ୍ଷର ମଧ୍ୟ ମୋ ପାଇଁ ପ୍ରେରଣାର ଉତ୍ସ ହେଇଛନ୍ତି । ସତ କହିବାକୁ ଗଲେ ମୁଁ ନିଜେ ହିଁ ମୋର ପ୍ରଥମ ପ୍ରେରଣା । ନିଜ ଭିତରେ ସାହିତ୍ୟ ପ୍ରତି ଅନୁରାଗ ନଥିଲେ ଏ ବାହ୍ୟ ଘଟଣା ସମସ୍ତଙ୍କ ପାଇଁ ଯାହା ମୋ ପାଇଁ ମଧ୍ୟ ଠିକ୍ ସେଇଆ ହୋଇ ଥାଆନ୍ତା । ସେଇ ଅନ୍ତଃପ୍ରେରଣା ଯୋଗୁଁ, ମୁଁ ହେତୁ ହେଲା ଦିନରୁ ଗପ ଶୁଣିବାକୁ ଭଲ ପାଉଥିଲି । ପରେ ପର୍ଯ୍ୟାୟ କ୍ରମେ ପଢ଼ିବାକୁ ଏବଂ ଲେଖିବାକୁ ଆଗ୍ରହ ରଖିଲି । ମୋ ବୁଢ଼ୀମା’ର ଗପ, ସକାଳୁ ଗାଧେଇ ସାରି ବାପା ବଡ଼ ପାଟିରେ ପଢୁଥିବା ଗୀତା, ଭାଗବତ, ନିର୍ଦ୍ଦିଷ୍ଟ ତିଥିରେ ଘରେ ବୋଲା ଯାଉଥିବା ଲକ୍ଷ୍ମୀପୁରାଣ, ଭିକ୍ଷା କରୁଥିବା ଯୋଗୀର କେନ୍ଦରାଗୀତ, ଗାଁ ଦାଣ୍ଡରେ ହେଉଥିବା ଆଖଣ୍ଡଳମଣିଙ୍କ ମେଳାରେ ଭଜନଗାନ, ପାଲା ଅଥବା ଦାସକାଠିଆ, ରେଡିଓରେ ଗାନ କରାଯାଉଥିବା ବିଭିନ୍ନ ସଂଗୀତ, ନୀଡ଼ ଫେରନ୍ତା ପକ୍ଷୀଙ୍କ କଳରବ, ଦାଣ୍ଡରେ ଡେଉଁଥିବା କଅଁଳା ବାଛୁରୀ, ନଦୀରେ ଆସୁଥିବା ବଢ଼ିପାଣି- ଏସବୁ ମିଶି ମୋର କଅଁଳ ମନ ଉପରେ ଯଥେଷ୍ଟ ପ୍ରଭାବ ପକାଇଥିଲେ । ପରେ ଯେତେବେଳେ ବୟସ ବଢ଼ିଲା, ସେତେବେଳେ, ପଢ଼ାବହିରେ ଥିବା ଗୀତ, ଗପ, ‘ଜହ୍ନମାମୁଁ’ ପତ୍ରିକାର ଚିତ୍ରସମ୍ବଳିତ ସମସ୍ତ କାହାଣୀ ମୋତେ ଅକଳ୍ପନୀୟ ଉତ୍ସାହ ଯୋଗାଇଥିଲେ । ମୋତେ ଷୋହଳ ବର୍ଷ ବୟସ ହେବାଯାଏ, ଏଇ ପ୍ରକାରର ପରିବେଶରେ ହିଁ ମୁଁ ବଢୁଥିଲି । ତେଣୁ କେହି ଜଣେ ନୁହେଁ, ଏମାନେ ସମସ୍ତେ ମିଳିମିଶି ମୋ ଲେଖକୀୟ ଜୀବନର ପ୍ରେରଣାଦାତା ସାଜିଥିଲେ । ପ୍ରକାରନ୍ତରେ ଏଇମାନେ ହିଁ ମୋର ଆଦ୍ୟଗୁରୁ ସମୂହ । ଏଇ ଅବସରରେ ମୁଁ ତେଣୁ ସମସ୍ତଙ୍କୁ ପ୍ରଣାମ କରୁଛି ।

■ ବର୍ତ୍ତମାନ କେଉଁ କେଉଁ ସମସ୍ୟା ଉପରେ ଲେଖକମାନେ ଗୁରୁତ୍ୱ ଦେବା ଆବଶ୍ୟକ ? ସାହିତ୍ୟ ମାଧ୍ୟମରେ ସମାଜର ପରିବର୍ତ୍ତନ ସମ୍ଭବ କି ?

■■ ସବୁ ସମୟରେ ଭିନ୍ନ ଭିନ୍ନ ସାମାଜିକ ସମସ୍ୟାମାନ ଥାଏ । ଲେଖକମାନେ କେଉଁ ସମସ୍ୟାକୁ ଗୁରୁତ୍ୱ ଦେବେ ତାହା ତାଙ୍କ ବିଚାର ଶକ୍ତି ଉପରେ ନିର୍ଭର କରେ । ମୋ ବିଚାରରେ କୃତ୍ରିମ ବୁଦ୍ଧିମତାର ଆବିର୍ଭାବ, ନାରୀମାନଙ୍କର ସ୍ୱେଚ୍ଛାଚାରିତା, ଭାବହୀନ ସମ୍ପର୍କ, ମୂଲ୍ୟହୀନ ସାହିତ୍ୟ, ମଣିଷ ସମାଜର ବିବେକହୀନତା, ନିର୍ବାଚନ ପ୍ରତିଶ୍ରୁତି ସ୍ଥାନୀୟ ପଶୁପକ୍ଷୀ ଏବଂ ଜଳବାୟୁ ଉପରେ ନିରବତା ଆଦି ଏକ ଏକ ସମସ୍ୟା । ମୁଁ ବିଚାରକରେ ଯେ ‘ମହିଳା କମିଶନ” ନରହି ‘ମାନବିକ ଅଧିକାର କମିଶନ’ ଏକକ ଏବଂ ସର୍ବୋଚ୍ଚ ଭାବେ କାମ କରିବା ଉଚିତ । ଯୁଦ୍ଧ ପୂର୍ବରୁ ଜନସାଧାରଣଙ୍କ ମତାମତ ନିଆଯିବା ସହ ସମ୍ପୃକ୍ତ ଅଞ୍ଚଳର ପଶୁପକ୍ଷୀଙ୍କ ସୁରକ୍ଷା ଚିନ୍ତା ମଧ୍ୟ ଏକାନ୍ତ ଭାବେ ଆବଶ୍ୟକ । ମୋର ଗଳ୍ପ ଏବଂ ଉପନ୍ୟାସ ସମୂହରେ ଏଇପରି ଭାବଗତ ସମସ୍ୟା ଉପରେ ମୁଁ ଅଧିକ ଗୁରୁତ୍ୱ ଦେଇଥାଏ । ଆଉ ରହିଲା ସମାଜର ପରିବର୍ତ୍ତନ ପ୍ରସଙ୍ଗ । ବାସ୍ତବତା ହେଉଛି ଯେ, କୌଣସି ପରିବର୍ତ୍ତନ ପାଇଁ ମନନଶୀଳ, ବିଚାର ସମ୍ପନ୍ନ ଏକ ଶକ୍ତିଶାଳୀ ଭୂମିକାର ଆବଶ୍ୟକ ହୁଏ । ସାହିତ୍ୟ ଯେତେବେଳେ ଏଇସବୁ ଉପାଦାନ ସହ ଗତିଶୀଳ ହୁଏ, ସେତେବେଳେ ତାହା ମଧ୍ୟ ସାମାଜିକ ପରିବର୍ତ୍ତନ ଘଟାଏ । ଏହାର ଯଥେଷ୍ଟ ଉଦାହରଣ ବି ଆମ ସାମ୍ନାରେ ରହିଛି ।

■ ତୁଳନାତ୍ମକ ଭାବେ ପୂର୍ବାପେକ୍ଷା ଏବେ ଅଧିକ ସଂଖ୍ୟାରେ ଗଳ୍ପ ଲେଖା ଯାଉଥିଲେ ମଧ୍ୟ ସାଧାରଣ ପାଠକଙ୍କ ସଂଖ୍ୟା ସେହି ପରିମାଣରେ ବୃଦ୍ଧି ପାଉନଥିବା ଅଭିଯୋଗ ହୁଏ- ଏ ବାବଦରେ କଣ କହିବେ ? କଣ କଲେ ସେ ସମସ୍ୟାର ସମାଧାନ ହେବ ?

■■ ଏ ଅଭିଯୋଗ ମିଛ ଏବଂ ଅଜ୍ଞତା ପ୍ରସୂତ । ଏବେ ପାଠକ ସଂଖ୍ୟା ବରଂ ଯଥେଷ୍ଟ ବୃଦ୍ଧି ପାଇଛି । ନିୟମିତ ଭାବେ ପ୍ରକାଶ ପାଉଥିବା ନାମକରା ପତ୍ରିକାରେ ଗଳ୍ପଟିଏ ପ୍ରକାଶିତ ହେଲେ ଯେତେ ପାଠକୀୟ ପ୍ରତିକ୍ରିୟା ମିଳେ, ତାହା ସ୍ୱତଃ ଏଇ ଅଭିଯୋଗକୁ ମିଛ ପ୍ରମାଣିତ କରେ । ତେବେ କିଛି ବ୍ୟକ୍ତି ସାହିତ୍ୟକୁ ଆଧାର କରି ନାମ କମାଇବାକୁ ଇଚ୍ଛା କରୁଥିବାରୁ ଭଲ ଗଳ୍ପ ଲେଖକମାନେ ଠିକଣା ସମୟରେ ପାଠକଙ୍କ ପାଖରେ ପହଞ୍ଚି ପାରୁ ନାହାନ୍ତି । ଏଇ ‘ମନ୍ଦକବି ଯଶପ୍ରାର୍ଥୀ’ ମାନଙ୍କ ପାଇଁ ସାରସ୍ୱତ ନଦୀରେ ଜଳଭର୍ତ୍ତି । ଏହା ସମାଧାନ ପାଇଁ ନିଜେ ସୃଜନଶୀଳ ଗଳ୍ପ ଲେଖକମାନେ ଆଗେଇ ଆସିବା ଦରକାର । ସାମାଜିକ ଗଣମାଧ୍ୟମରେ ସେମାନଙ୍କର ପ୍ରକାଶିତ ଲେଖାର ସୂଚନା ଅଥବା ଫଟୋକପି ରଖିବା ଦରକାର । ଅବଶ୍ୟ ସେପରି କଲେ କିଛି ଅବୁଝା ଏବଂ ଆଉ କିଛି ଅସହିଷ୍ଣୁ ଏହାକୁ ନାପସନ୍ଦ କରୁଛନ୍ତି । ସେମାନଙ୍କୁ ଅବଶ୍ୟ ଅଣଦେଖା କରାଯାଇ ପରେ ।

■ କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବ କି ?

■■ ଏ ସଂକଟ କେବଳ ଆମ ପ୍ରଦେଶ ଓଡ଼ିଶାର ନୁହେଁ ଏହା ବିଶ୍ୱବ୍ୟାପୀ ସମସ୍ୟା ପାଲଟିଛି । ଆଧୁନିକ ବିଶ୍ୱ-ଉପଭୋକ୍ତା ପରିବାର ଯୋଗୁ, ଇଂରାଜୀ ସବୁ ଆଞ୍ଚଳିକ ଭାଷାକୁ ବର୍ଣ୍ଣସଙ୍କର କରିଦେଉଛି । ନିଜକୁ ଶିକ୍ଷିତ ଏବଂ ବିଜ୍ଞ ଦର୍ଶାଇବାକୁ ଯାଇ ସାଧାରଣ ଲୋକେ ନିଜ ଭାଷାରେ ନିଜର ଜାଣନ୍ତରେ ବହୁଳ ଇଂରାଜୀ ଶବ୍ଦ ଅଥବା ବାକ୍ୟ ବ୍ୟବହାର କରୁଛନ୍ତି। ପରିସ୍ଥିତି ଏପରି ଯେ ସାଧାରଣ ଲୋକେ ପ୍ରକୃତରେ କେଉଁ ଭାଷାରେ କଥାବାର୍ତ୍ତା କରୁଛନ୍ତି, ତାହା କହିବା ମୁସ୍କିଲ ହେଇ ପଡ଼ିଲାଣି । ସରକାରୀ ଗଣମାଧ୍ୟମ ଯଥା ରେଡିଓ, ଟେଲିଭିଜନ ବି ଏହାର ଶିକାର ହେଇ ସାରିଲାଣି। ତେଣୁ ମାତୃଭାଷା ଏବେ ଏକ ଅକଳ୍ପନୀୟ ଭବିଷ୍ୟତ ଆଡ଼କୁ ଗତି କରୁଛି । ଏଥିରୁ ମୁକ୍ତି ପାଇବା ପାଇଁ ସାହିତ୍ୟର ତ ଭୂମିକା ରହିଛି ମାତ୍ର ସବୁଠାରୁ ବଡ଼ ଆବଶ୍ୟକତା ହେଉଛି ସାଧାରଣ ଜନତାଙ୍କର ମାତୃଭାଷା ପ୍ରତି ଅନୁରକ୍ତି । ସେତକ ନରହିଲେ ଖାଲି ସାହିତ୍ୟ ରଚନା ଦ୍ୱାରା ଏହାର ସମାଧାନ ସେତେ ଫଳପ୍ରଦ ହେଇ ପାରିବନି ।

■ ସମାଜରେ ଯେଉଁ ଯେଉଁ ଅବ୍ୟବସ୍ଥା ଦେଖାଯାଉଛି, ଲେଖକଟିଏ ଚାହିଁଲେ ତା’ ଲେଖାରେ ସେସବୁର ପରିବର୍ତ୍ତନ କରିପାରିବ ବୋଲି ଆପଣ କେତେ ଆଶାବାଦୀ ?

■■ ଲେଖକ ଖାଲି ଚାହିଁଲେ ହେବନି, ଅବ୍ୟବସ୍ଥା ସମ୍ପର୍କରେ ତାଙ୍କର ଯଥେଷ୍ଟ ଜ୍ଞାନଥିବା ଆବଶ୍ୟକ । ତା’ର ସମାଧାନ ପାଇଁ ତାଙ୍କ ପାଖରେ ମନନଶୀଳ ଏବଂ ବୈଜ୍ଞାନିକ ଦୃଷ୍ଟିକୋଣ ସମ୍ପନ୍ନ ସମାଧାନ ଥିବା ଆବଶ୍ୟକ । ପୁଣି ଏସବୁକୁ ମିଳିତଭାବେ ସଠିକ ଏବଂ ଗ୍ରହଣୀୟ ଢଙ୍ଗରେ ଉପସ୍ଥାପନା କରିବା ଦରକାର। ତା’ ନହେଲେ ଜଣେ ଲେଖକଠାରୁ ବେଶୀ କିଛି ଆଶା କରିବା ନିରର୍ଥକ ।

■ ଓଡ଼ିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ ଆପଣ କେତେ ଆଶାବାଦୀ ?

■■ ମୁଁ ଜଣେ ଆଶାବାଦୀ ମଣିଷ । ଆଶା ଶୂନ୍ୟ ଯାଗାରେ ବି ମୁଁ ଆଶା ରଖି ବଞ୍ଚେ ।

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତା ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?

■■ ‘ମା ଫଳେଷୁ କଦାଚନ’ କଥାଟିକୁ ଗ୍ରହଣ କରିପାରୁନି। ପରିଶ୍ରମର ଫଳ ମିଳୁ- ମୁଁ ଏହା ନିଶ୍ଚିତ ଭାବରେ ଚାହିଁବି। ପୁନଶ୍ଚ, ପୁରସ୍କାର ଖାଲି ପରିଶ୍ରମର ଫଳ ନୁହେଁ, ଏଥି ସହ ଅର୍ଥ ଏବଂ ସ୍ୱୀକୃତି ମଧ୍ୟ ଜଡ଼ିତ । ତେଣୁ ମୋର ବ୍ୟକ୍ତିଗତ ବିଚାରରେ, ଏହା ଜଣେ ଲେଖକର ଜୀବନରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପୁରସ୍କାର ଜଣେ ଲେଖକଙ୍କ ପାଇଁ ଏକ ଉତ୍ସାହର ସ୍ରୋତ ମଧ୍ୟ! ସାହିତ୍ୟ ମାଧ୍ୟମରେ ଯେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ମୁଁ ଚାହିଁବି ତାହାହେଲା ‘ମଣିଷ ସଦା ସମ୍ବେଦନଶୀଳ ଏବଂ ସମ୍ଭାବନାମୟ ଜୀବନଟିଏ ଜୀଉଁ!’

♥♥

## ■ ଅଳ୍ପରେ ଜ୍ଞାନରଞ୍ଜନ ନାୟକ



ଜନ୍ମ ତାରିଖ - ୧୧/୧୧/୧୯୬୭
ପିତା : ସ୍ୱର୍ଗତ ଶ୍ୟାମସୁନ୍ଦର ନାୟକ
ମାତା : ସ୍ୱର୍ଗତ ଭାନୁମତୀ ନାୟକ
ଜନ୍ମସ୍ଥାନ: ଆୟତପୁର, ଆଳି, କେନ୍ଦ୍ରାପଡ଼ା
(ମୋ) ୯୯୩୮୮୬୭୩୨୧

### ପ୍ରକାଶିତ ପୁସ୍ତକ

| (ଗଳ୍ପ) | (ଉପନ୍ୟାସ) | (ଅନ୍ୟାନ୍ୟ) |
|---|---|---|
| ୧- ମେଘମଲ୍ଲାର | ୧- ଘାସଫୁଲର ଗୀତ | ୧- ବାରିଷ୍ଟର ଗାନ୍ଧୀ |
| ୨- ଲକ୍ଷ୍ମୀପାଦ | ୨- ଓଁ ଶ୍ରୀ ଶ୍ରୀ ପ୍ରଜାପତୟେ ନମଃ | ୨- ପରିବେଶ ଓ ଜୀବନ |
| ୩- ଧୂଳି | | |



ଜ୍ଞାନରଂଜନ ନାୟକଙ୍କ ପ୍ରକାଶିତ ପୁସ୍ତକ ସମୂହ



ସମ୍ମାନିତ ହେବାର ମହାର୍ଘ ମୁହୂର୍ତ୍ତ...



ନିଜ ପରିବାର ତଥା ପତ୍ନୀ ଓ କନ୍ୟାଙ୍କ ସହ କଥାକାର ଜ୍ଞାନରଂଜନ ନାୟକ...



କେନ୍ଦ୍ରାପଡାର ଲିଟ- ଫେଷ୍ଟିଭାଲରେ ଅତିଥି ଭାବରେ ଯୋଗ ଦେବାର ସୁଅବସର....

# ମୋ ଝର୍କାରୁ ଆମେରିକା

ଭାଗ-୧

## ନନ୍ଦିତା ମହାନ୍ତି

# ପ୍ରଥମ ବିଦେଶ ଯାତ୍ରା



**ମୁଁ ଏକୁଟିଆ ଯିବା କଥା ସ୍ଥିର ହେଲା ପରେ ସମସ୍ତେ ମୋତେ ତୁହାକୁ ତୁହା ପରାମର୍ଶ ଦେବାକୁ ଲାଗିଥିଲେ । ପ୍ରତିଦିନ ଝିଅ-ଜୋଇଁ ଫୋନ କରି କହୁଥିଲେ, "ଏଇଆ କରିବ, ସେଇଆ କରିବ। ଏଇ ଜିନିଷ ଏଇ ବ୍ୟାଗରେ ରଖିବ। କ୍ୟାବିନ ବ୍ୟାଗରେ କୌଣସି ତରଳ ଜିନିଷ କିମ୍ବା ମୁନିଆଁ କି ଧାରୁଆ ଜିନିଷ ରଖିବନି । ଖାଇବା ଜିନିଷ ରଖିବନି । ଚେକ-ଇନ ବ୍ୟାଗର ଓଜନ ତେଇଶି କିଲୋ ଆଉ କ୍ୟାବିନ ବ୍ୟାଗର ଓଜନ ଆଠ କିଲୋ ଭିତରେ ହେବା ଦରକାର, ଇତ୍ୟାଦି ଇତ୍ୟାଦି କେତେ କଥା ।"**

୨୦୧୭ ମସିହା ମାର୍ଚ୍ଚ ମାସ ଉଣେଇଶ ତାରିଖ । ଏଇ କିଛି ଦିନ ହେବ ଭୁବନେଶ୍ୱରରେ ଭୀଷଣ ଗରମ ଅନୁଭୂତ ହେଉଛି । ପୂର୍ବରୁ ଆମେ ଦେଖିଥିବା ମାର୍ଚ୍ଚର ସ୍ନିଗ୍ଧତା ଏବେ ଆଉ ନାହିଁ । ଫେବୃଆରୀ ଶେଷ ହେଉଛି କି ନାହିଁ ଭୀମକାୟ ଭାବରେ ମାଡି ଆସୁଛି ଖରା । କିଏ କହୁଛି ଗ୍ଲୋବାଲ ୱାର୍ମିଂ ଆଉ କିଏ କହୁଛି ଏସବୁ ଆଜିର ସ୍ୱାର୍ଥସର୍ବସ୍ୱ ମଣିଷର ପ୍ରକୃତିକୁ ଦାନ । ସେଦିନ କିନ୍ତୁ ହଠାତ ଭୁବନେଶ୍ୱରର ମିଜାଜ ବଦଳିଥିଲା । ଆକାଶ ଛାତିରେ ମେଳି ହେଇ ପଇଁତରା ମାରିବା ଆରମ୍ଭ କରିଥିଲେ କଳାହାଣ୍ଡିଆ ମେଘ । ଲାଗୁଥିଲା ଏଇ ଯେମିତି ଖୁବ ତୁହାଏ ବର୍ଷିଯିବ । ହେଲେ ମାଆ ଠାରୁ ଗାଳି ଶୁଣି ଅଭିମାନରେ ମୁହଁ ଓହଳେଇଥିବା ଛୁଆଟି ଲୁହକୁ ଆଖି ପତା ତଳେ ଚାପି ରଖିଲା ପରି ଜମାରୁ ବର୍ଷୁ ନ ଥିବ । ମୋ ଭିତରେ ବି ସେମିତି ଗୋଟେ ସୁପ୍ତ ଅଭିମାନ ମଥା ପିଟୁଥିଲା । ପ୍ରତି ମୂହୁର୍ତ୍ତରେ ଅଭିମାନ ସବୁ ଲୁହ ହୋଇ ବୋହିଯିବା ପାଇଁ ଥିଲେ ତତ୍ପର । ହେଲେ ମୁଁ ସେମାନଙ୍କୁ ବୋହିବାକୁ ଦେଉ ନ ଥିଲି । ଜୋରକରି ଚାପି ରଖିଥିଲି ଦୁଇ ଆଖିପତାର ଆଡରେ ।

ମୁଁ ଏକୁଟିଆ ଆମେରିକା ଯାଉଥିଲି। ତାହା ପୁଣି ପ୍ରଥମ ଥର ପାଇଁ। ଯଦିଓ ଆମ ଦୁଇ ଜଣଙ୍କର ଟିକେଟ ବୁକ୍ ହୋଇଥିଲା ହେଲେ ମୋ ସ୍ୱାମୀଙ୍କ ଅଫିସରେ ଛୁଟି ନ ମିଳିବାରୁ ଶେଷ ମୁହୂର୍ତ୍ତରେ ତାଙ୍କର ଟିକେଟ କ୍ୟାନସେଲ କରିବାକୁ ହେଲା । ମୁଁ ଆଜି ଯାଏଁ ଏକୁଟିଆ କହିଲେ କେବଳ ଭୁବନେଶ୍ୱରରୁ ରାଉରକେଲା ଯାଏଁ ହିଁ ଯାଇଥିଲି। ସିଏ ମୋତେ ଭୁବନେଶ୍ୱରରେ ବସ କିମ୍ବା ଟ୍ରେନରେ ବସେଇ ଦିଅନ୍ତି, ରାଉରକେଲାରେ ପହଞ୍ଚିଲେ ଭାଇ କିମ୍ବା ବାବା ଆସି ନେଇ ଯାଆନ୍ତି । ଏକୁଟିଆ ଯାତ୍ରା କହିଲେ କେବଳ ଏତିକି । ଆଉ ଉଡାଜାହାଜରେ ବି ମୁଁ ଥରେ ମାତ୍ର ଯାତ୍ରା କରିଛି । ତାହା ପୁଣି ଭୁବନେଶ୍ୱରରୁ ଦିଲ୍ଲୀ ଯେତେବେଳେ ଝିଅ ଗୁରୁଗ୍ରାମରେ ରହୁଥିଲା। ଚାକିରି କରୁଥିଲା ଟିସିଏସରେ। ଏଥରକ ମୋତେ ବମ୍ବେ ଦେଇ ଆମେରିକା ଯିବାକୁ ହେବ। ଆମେରିକା ତ ଆମେରିକା ବମ୍ବେ ସହର ବି ମୁଁ ଆଜି ଯାଏଁ କେବେ ଦେଖି ନାହିଁ। ଏକଥା ଭାବିଦେଲା ମାତ୍ରେ ଛାତି ଭିତରୁ କୋହ ଭଳି କିଛି ଗୋଟେ ଉଠି ଆସୁଥିଲା ଗଳା ଯାଏଁ ।

ଟ୍ୟାକ୍ସି ଆସି ଛିଡା ହୋଇଥିଲା ଗେଟ ପାଖରେ । ଇଏ ମୋତେ ତରତର କରୁଥିଲେ। ଶୀଘ୍ର ବାହାର, ଡେରି ହେଇଯିବ। ଟିକେଟ, ପାସପୋର୍ଟ, ବାକି ସବୁ କାଗଜପତ୍ର ଠିକରେ ରଖିଲ ତ ? ସେସବୁ ହ୍ୟାଣ୍ଡ ବ୍ୟାଗରେ ରଖିଛ ତ ? ଆଉ ଥରେ ଭଲ ଭାବରେ ଚେକ କରିନିଅ । ଟ୍ରଲିବ୍ୟାଗର ଚାବି ସବୁ ରଖିଲ ତ ? କାଳେ କେଉଁଠି ଗଳେଇ ପକେଇବ ବୋଲି ମୁଁ ସବୁ ଚାବିକୁ ଗୋଟିଏ ରିଙ୍ଗରେ ଲଗେଇ ଦେଇଛି । ବ୍ୟାଗ ଉପରେ ତୁମ ନାଁ ମାର୍କର ପେନରେ ଲେଖି ଦେଇଛି । ବ୍ୟାଗ ଚିହ୍ନିବାକୁ ସୁବିଧା ହେବ ବୋଲି । ଦେଖ ସମୁଦାୟ ତିନିଟି ବ୍ୟାଗ, ଦୁଇଟା ଚେକ-ଇନ ବ୍ୟାଗ ଆଉ ଗୋଟେ କ୍ୟାବିନ ବ୍ୟାଗ । କ୍ୟାବିନ ବ୍ୟାଗଟା ତୁମ ସାଙ୍ଗରେ ରହିବ । ସ୍ୱାମୀ ଉପଦେଶ, ପରାମର୍ଶ ଦେବା ଜାରି ରଖିଥିଲେ ।

ମୁଁ ଏକୁଟିଆ ଯିବା କଥା ସ୍ଥିର ହେଲା ପରେ ସମସ୍ତେ ମୋତେ ତୁହାକୁ ତୁହା ପରାମର୍ଶ ଦେବାକୁ ଲାଗିଥିଲେ । ପ୍ରତିଦିନ ଝିଅ-ଜୋଇଁ ଫୋନ କରି କହୁଥିଲେ, "ଏଇଆ କରିବ, ସେଇଆ କରିବ । ଏଇ ଜିନିଷ ଏଇ ବ୍ୟାଗରେ ରଖିବ । କ୍ୟାବିନ ବ୍ୟାଗରେ କୌଣସି ତରଳ ଜିନିଷ କିମ୍ବା ମୁନିଆଁ କି ଧାରୁଆ ଜିନିଷ ରଖିବନି । ଖାଇବା ଜିନିଷ ରଖିବନି । ଚେକ-ଇନ ବ୍ୟାଗର ଓଜନ ତେଇଶି କିଲୋ ଆଉ କ୍ୟାବିନ ବ୍ୟାଗର ଓଜନ ଆଠ କିଲୋ ଭିତରେ ହେବା ଦରକାର, ଇତ୍ୟାଦି ଇତ୍ୟାଦି କେତେ କଥା ।" କେହି ମୁହଁରେ ନ କହିଲେ ମଧ୍ୟ ମୋ ପାଇଁ ସମସ୍ତେ ଚିନ୍ତିତ ଥିଲେ । ସେମାନଙ୍କର ଏତେ ବେଶୀ ଉଦବିଗ୍ନତା ମୋତେ ଆହୁରି ଅଧିକ ଭୟଭୀତ କରି ପକାଉଥିଲା ।

ସମୟ ଅପରାହ୍ନ ଚାରିଟା । ଭୁବନେଶ୍ୱର ବିଜୁ ପଟ୍ଟନାୟକ ଏୟାରପୋର୍ଟ ଲୋକାରଣ୍ୟ। ଯାତ୍ରୀ ଆସୁଛନ୍ତି, ଯାଉଛନ୍ତି। ଆଉ କେହି ଆସିଛନ୍ତି ସେମାନଙ୍କୁ ସ୍ୱାଗତ କରିବା ପାଇଁ କିମ୍ବା ମେଲାଣି ଦେବା ପାଇଁ । ଏୟାରପୋର୍ଟରେ ଲାଗିଥିବା ସ୍କ୍ରିନରେ ଦେଖାଉଥିଲା ମୋର ଫ୍ଲାଇଟ ପାଇଁ ଚେକ-ଇନ ଆରମ୍ଭ ହେଇଗଲାଣି । ମୁଁ ବିଦାୟ ନେଇ ଏୟାରପୋର୍ଟ ଭିତରକୁ ଗଲି । ପଛକୁ ଅନେଇଲା ବେଳକୁ ମୋ ପଛରେ ଥିବା କାଚ କବାଟ ବନ୍ଦ ହୋଇ ଯାଇଥିଲା । ସେଇ ମୁହୂର୍ତ୍ତରେ ମନ ହେଲା ଦଉଡିକି ଫେରିଯିବି। ଏକ ଅଜ୍ଞାତ ଭୟ ମୋତେ କାବୁ କରିବାକୁ ଆରମ୍ଭ କରିଥିଲା । ଲାଗୁଥିଲା ମୁଁ ଯେମିତି ଏକ ଅନିଶ୍ଚିତତା ମଧ୍ୟକୁ ଠେଲି ହେଇଯାଉଛି। ପରମୁହୂର୍ତ୍ତରେ କେହି ଯେମିତି ଆଙ୍ଗୁଠି ଠିକେଇ ଚେତେଇ ଦେଲା ମୋତେ। ମୋ ଆଖି ଆଗରେ ନାଚିଗଲା ଝିଅର କାନ୍ଦୁରା ମୁହଁ । କେତେ ଆଗ୍ରହରେ ଚାହିଁଥିବ ମୋତେ। ମୁଁ ନ ପହଞ୍ଚିଲେ କାନ୍ଦି କାନ୍ଦି ଅଧୀର ହୋଇପଡିବ ସିଏ । ଛୁଆବେଳୁ ଏମିତି ନାକ କାନ୍ଦୁରୀ ସିଏ। ବେଳେ ବେଳେ ମୁଁ ରାଗିକି କହେ, "କାନ୍ଦିକି ଡରଉଛୁ ନୁହେଁ।" ସିଏ ଫିକ୍ କରି ହସି ଦେଇ କହିବ, " ମୋ କାନ୍ଦକୁ ତୁମେ ଏତେ ଡରୁଛ କାହିଁକି ଯେ!" ଏବେ ମୋର ହସିବା ପାଳି ।

ଭୁବନେଶ୍ୱର ଠାରୁ ମୁମ୍ବାଇ ଯାଏଁ ମୋର ଟିକେଟ ଗୋ-ଏୟାର ଫ୍ଲାଇଟରେ ହୋଇଥିଲା । ଧାଡି ଧାଡି ହୋଇ ବୋର୍ଡିଙ୍ଗ ପାସ କାଉଣ୍ଟର। ବିଭିନ୍ନ ଏୟାରୱେଜର କାଉଣ୍ଟର। ସମସ୍ତ ଏୟାରୱେଜବାଲାଙ୍କ ଭିନ୍ନ ଭିନ୍ନ ୟୁନିଫର୍ମ । ମୁଁ ବୋଡିଙ୍ଗ –ପାସ ପାଇଁ ଲାଇନ ଦେଲି ଗୋ-ଏୟାରର କାଉଣ୍ଟରରେ। ଲଗେଜ ଚେକ ଇନ କରି ସାରି ଓ ବୋଡିଙ୍ଗ ପାସ ନେଇ ମୁଁ ସିକ୍ୟୁରିଟି ଚେକିଙ୍ଗ ପାଇଁ ଗଲି। ତାପରେ ମୁଁ ଆସି ଉପର ମହଲାର ଲାଉଞ୍ଜରେ ଅପେକ୍ଷା କଲି। ମୋର ଫ୍ଲାଇଟ ଟାଇମ ଥିଲା ସନ୍ଧ୍ୟା ୫.୪୫। ହେଲେ ଏବେ ଯାଏଁ ଡିସପ୍ଲେ ବୋର୍ଡରେ ମୋର ଫ୍ଲାଇଟ୍‌ର ନାଁ ଦେଖାଉ ନ ଥିଲା। କିଛି ସମୟ ପରେ ଜଣାଗଲା ଯେ ମୁମ୍ବାଇରେ ଭୀଷଣ ବର୍ଷା। ସେଥିପାଇଁ ଫ୍ଲାଇଟ ବିଳମ୍ବ ହେଉଛି। ଏକୁଟିଆ ବସି ବସି ବିରକ୍ତ ଲାଗୁଥିଲା । ମୁଁ ମୋ ଚାରିପଟେ ଥରେ ଦୃଷ୍ଟି ପହଁରେଇ ଆଣିଲି। ସମସ୍ତେ ଯେ'ଝା' ଭିତରେ ପୋତି ହୋଇ ପଡିଥିଲେ। କିଏ ମାଗାଜିନରେ ମୁହଁ ପୋତିଥିଲା ତ ଆଉ କିଏ ମୋବାଇଲ ଭିତରେ। ଆଉ କିଏ ନିଜ ସହିତ ଥିବା ପରିବାର କିମ୍ବା ସହଯାତ୍ରୀ ସହିତ ବାର୍ତ୍ତାଳାପରେ ମସଗୁଲ ଥିଲା। ମୋ କଡରେ ବସିଥିବା ଭଦ୍ରଲୋକ ବ୍ଲାକ କଫି ପିଉ ପିଉ ଆଜିର ଟାଇମସ ଓଫ ଇଣ୍ଡିଆ ପଢିବାରେ ବ୍ୟସ୍ତ ଥିଲେ । ମୁଁ ତାଙ୍କୁ ଓଡିଆରେ କହିଲି, ମୋର ଲଗେଜ ଏଇଠି ଅଛି, ଟିକେ ଆଖି ପକେଇଥିବେ । ମୁଁ ପାଣି ପିଇକି ଆସୁଛି । ସିଏ କିଛି ନ ବୁଝିଲା ପରି ମୋତେ ଚାହିଁଲେ। ଏତେବେଳେକେ ମୁଁ ମୋର ଭୁଲ ବୁଝିପାରିଲି। ଟିକେ ହସି ହିନ୍ଦୀରେ ପୂର୍ବ କଥାକୁ ଦୋହରେଇଲି । ସିଏ ସବୁ ବୁଝିଗଲା ପରି ଜୋରରେ ମୁଣ୍ଡ ଟୁଙ୍ଗାରି କହିଲେ । 'ୟେସ୍, ୟେସ୍ ।'

ମୁଁ ଡିସପୋଜେବଲ ଗ୍ଲାସରେ ଟ୍ୟାପରୁ ପାଣି ନେଇ ପିଉ ପିଉ ଭାବୁଥିଲି, ମୁଁ ଭୁଲି ଯାଇଛି ଯେ ଏୟାରପୋର୍ଟ ଗୋଟେ ମିନି ଇଣ୍ଡିଆ। ନିଜର ବୋକାମୀ ଉପରେ ମୋତେ ଟିକେ ହସ ଲାଗିଲା ।

ଲାଉଞ୍ଜର କାଚ କାନ୍ଥ ସେପାଖେ ଭୁବନେଶ୍ୱର ଆକାଶରୁ ଏବେ ଅବିରତ ଭାବରେ ଝରି ପଡୁଥିଲା ଜୁଲାଇର ମେଘ । ଡିସପ୍ଲେରେ ଦେଖାଉଥିଲା ମୁମ୍ବାଇ ଯିବାକୁ ଥିବା ଗୋ-ଏୟାର ଫ୍ଲାଇଟ ୭.୪୫ରେ ମୁମ୍ବାଇକୁ ଉଡାଣ ଭରିବ। ଅଗତ୍ୟା ମୁଁ ସମୟ କାଟିବା ପାଇଁ ସାଙ୍ଗରେ ଆଣିଥିବା ଜୁଲାଇ ମାସର ଗୋଟେ ପାରିବାରିକ ପତ୍ରିକା ଉପରେ ଆଖି ବୁଲେଇବାକୁ ଲାଗିଲି । ଶେଷରେ ସେଇ ସମୟ ଆସିଗଲା । ଆମେ ସମସ୍ତେ ଲାଇନରେ ଛିଡା ହୋଇ ନିଜର ବୋଡିଙ୍ଗ ପାସ ଦେଖେଇ ଫ୍ଲାଇଟ ଭିତରେ ଜଣେ ଜଣେ ହୋଇ ପ୍ରବେଶ କଲୁ । ପ୍ରବେଶ ଦ୍ୱାରରେ ଯୋଡହସ୍ତ ମୁଦ୍ରାରେ ଛିଡା ହୋଇଥିବା ସୁନ୍ଦରୀ ଏୟାର ହୋଷ୍ଟେସମାନେ ଆମର ସ୍ୱାଗତ କରୁଥିଲେ। ନିଜ ସିଟ ନମ୍ବର ଦେଖି ମୁଁ ମୋର କ୍ୟାବିନ ବ୍ୟାଗକୁ ମୁଣ୍ଡ ଉପରେ ଥିବା ସେଲ୍ଫରେ ରଖିବାକୁ ଚେଷ୍ଟା କଲି । ହେଲେ ସେଲ୍ଫ ବହୁତ ଉଚ୍ଚରେ ଥିଲା। ମୋର ହାତ ପାଉ ନ ଥିଲା। ବିଷଣ୍ଣ ଭାବରେ ମୁଁ ଚାରିଆଡେ ଚାହିଁବାକୁ ଲାଗିଲି ସାହାଯ୍ୟ ପାଇଁ। ଏଇ ସମୟରେ ଜଣେ ସୁନ୍ଦରୀ ଏୟାର ହୋଷ୍ଟେସ ଆସି ମୋ ହାତରୁ ବ୍ୟାଗ ନେଇ ମୁଣ୍ଡ ଉପରକୁ ଥିବା ଉଦ୍ଦିଷ୍ଟ ସ୍ଥାନରେ ରଖିଦେଲେ । ମୁଁ ତାକୁ ଧନ୍ୟବାଦ ଜଣେଇ ବସିପଡିଲି ମୋ ସିଟ୍‌ରେ । (ଆରଥରକୁ...)





♥ ମଧୁସୂଦନ ନଗର ପୋଷ୍ଟ ଅଫିସ, ଭୁବନେଶ୍ୱର- ୭୫୧୦୨୨
(ମୋ) ୮୨୪୯୪୩୭୨୭୬

---

## ପଢିଲା ପରେ...

# ପୂଜାସଂଖ୍ୟା ସାଗରିକା...




"କିଏ ଏତେ ମାଆ ପଣ ଗୁଞ୍ଜି ଦେଲା ସୁନୀତା ଛାତିରେ ? ଯିଏ ଲୁହ ପିଇ ହସିପାରୁଛି ଫୁଲ ପରି !ଯିଏ ତହତହ ନିଦାଘରେ ଛିଡ଼ା ହେଇ ବି ଅନ୍ୟ ପାଇଁ ପାଲଟିଯାଇ ପାରୁଛି ଗୋଟେ ମିଠା ଜହ୍ନ ରାତି ? ସମସ୍ତଙ୍କ ଟାହିଟାପରା ଆଉ ବେଖାତିର ପଣକୁ ହସି ହସି କୋଳେଇ ନେବା ପରେ ଘୁଙ୍ଗୀ ଝିଅଟେ ସଂସାର ବେଦୀରେ କେମିତି ପାଲଟିଯାଉଛି ଈଶ୍ୱରୀ !"

ଏକ ଚମତ୍କାର ଗପ ମାଧ୍ୟମରେ ସାଗରିକାର ସମ୍ପାଦିକା ସୈରିନ୍ଧ୍ରୀ ସାହୁ ଲେଖିଛନ୍ତି ତାଙ୍କ ସମ୍ପାଦକୀୟ ସ୍ତମ୍ଭରେ।

ସର୍ବମୋଟ ୨୨୪ ପୃଷ୍ଠାସମ୍ପନ୍ନ ଏ ସୁସମ୍ପାଦିତ ପତ୍ରିକାରେ ରହିଛି ସାହିତ୍ୟର ପ୍ରମୁଖ ବିଭାଗମାନ। ପ୍ରତି ପୂଜା ପତ୍ରିକାର ପ୍ରଥମ ଆକର୍ଷଣ ରହିଥାଏ ଭିନ୍ନ ଶୈଳୀର ଗପ ଓ କବିତା। ସବୁ ବର୍ଷ ପରି ଏ ବର୍ଷ ପୂଜା ସଂଖ୍ୟାରେ ମଧ୍ୟ ସ୍ଥାନିତ ହେଇଛି ଭିନ୍ନ ଧରଣର, ଉଚ୍ଚକୋଟୀର ଗପ, କବିତା ଓ ଅନ୍ୟାନ୍ୟ। ପତ୍ରିକାର ପ୍ରଥମ ପର୍ବ ଅର୍ଥାତ ଗଳ୍ପଗବାକ୍ଷର ପ୍ରଥମ ସ୍ତବକରେ ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର, ଅମରେଶ ବିଶ୍ୱାଳ, ବିଷ୍ଣୁ ସାହୁ, ସୁପ୍ରିୟା ମଲ୍ଲିକ, ଝରଣା ପଟ୍ଟନାୟକ, ଉଦୟ ନାରାୟଣ ଦାସ, ଡ଼. ରତିକାନ୍ତ ବେହେରା, କ୍ଷୀରୋଦ ବିହାରୀ ବିଶ୍ୱାଳ ଓ କମଳିନୀ କାନ୍ତ ଆଦି ଗପ ଲେଖିଛନ୍ତି। ବିଶିଷ୍ଟ କଥାକାର ଅଜୟ ସ୍ୱାଇଁ ଏଥିରେ ଏକ ଚିଠି ଭଳି ସ୍ୱତନ୍ତ୍ର କଥାଟେ ଲେଖିଛନ୍ତି।

ଦ୍ୱିତୀୟ ସ୍ତବକରେ କମଳା ଶତପଥି, ଡ଼, ଦାଶରଥୀ ଭୂୟାଁ, ରାଜୀବ ଗୋପାଳ ସ୍ୱାଇଁ, ଡ଼. କବିତା ବାରିକ, ପୁଷ୍ପାଞ୍ଜଳି କର, ଶୈବାଳିନୀ ସାହୁ, ବନମାଳୀ ସେନାପତି, କମଳିନୀ ମଲ୍ଲିକ, ଶ୍ରୀନିବାସ ସେଠୀ, ହେମନ୍ତ କୁମାର ଘୋଷାଲ, ଆନନ୍ଦ କୁମାର ମାଇତି, ଡ଼. ସୋମା ଚାନ୍ଦ, ଚୌଧୁରୀ ବରଦାପ୍ରସନ୍ନ ଦାସ ଓ ସସ୍ମିତା ରାଉତ ଆଦି ଗପ ଲେଖିଛନ୍ତି।

କବିତାର ପ୍ରଥମ ସ୍ତବକରେ ସେନାପତି ପ୍ରଦ୍ୟୁମ୍ନକେଶରୀ, ମନୋଜ କୁମାର ପଣ୍ଡା, ଅରୁଣ କୁମାର ସାହୁ, କ୍ଷୀରୋଦ ପରିଡ଼ା, ଗିରିଜାଶଙ୍କର ଶର୍ମା, ଡ଼, ଅବନୀ ପ୍ରଧାନ, ବୃନ୍ଦାବନ ଦାସ, ଜ୍ଞାନେନ୍ଦ୍ର କୁମାର ପଣ୍ଡା, ସବିତା ରାଣୀ ବେହେରା, ରଜୀତ ଦାସ, ସୌଭାଗ୍ୟବନ୍ତ ମହାରଣା, କମଳ କୁମାର ମହାନ୍ତି, ରଜନୀ ଶତପଥୀ, ଯୋଗେଶ ଦାସ, କୈଳାସ ଚନ୍ଦ୍ର ସାହାଣୀ, କ୍ଷମାନିଧି ଭୋଇ, ପାରମିତା ଷଡ଼ଙ୍ଗୀ, ଅଳକା ରାୟ, ପିନାକୀ ମିଶ୍ର, ପ୍ରେମାନନ୍ଦ ଖଣ୍ଡୁଆଳ, ଶ୍ୱେତା ରାଉତ, ସୁଧାଂଶୁ ଅଶୋକ, ଅନ୍ନପୂର୍ଣ୍ଣା ମହାନ୍ତି, ନିତ୍ୟାନନ୍ଦ ମହାନ୍ତି, ସତ୍ୟ ସାହୁ, ଶରତ କୁମାର ଦାସ, ଶିଶିର ନାୟକ, ଜୟନ୍ତୀ ବିଶ୍ୱାଳ ବେହୁରିଆ, ଦେବଯାନୀ ଦାସ, ମାତୃପ୍ରସାଦ ଶତ୍ରୁଜିତ, ବିଜୟଲକ୍ଷ୍ମୀ ପାଣିଗ୍ରାହୀ, ରବି କୁମାର ମହାନ୍ତି, ତୃପ୍ତିରାଣୀ ପାତ୍ର, ସନ୍ତୋଷିନୀ ଦାଶ (ଗିରି ) ଓ ଡ଼. ସ୍ୱର୍ଣ୍ଣପ୍ରଭା ଖଟୁଆ ପ୍ରମୁଖଙ୍କର କବିତା ସ୍ଥାନିତ।

ଜୀବନ କାହାଣୀରେ ବିନୋଦ ଓ ରମ୍ୟ ରଚନାରେ ରାଧାଶ୍ୟାମ ରାଉଳ ଲେଖିଛନ୍ତି ଗୋଟେ ଲେଖାଏଁ ଭିନ୍ନ ସ୍ୱାଦର କାହାଣୀ।

କବିତାର ଦ୍ୱିତୀୟ ସ୍ତବକରେ ସମରେନ୍ଦ୍ରନାଥ ମହାପାତ୍ର, ଶ୍ରୀଦେବ,ଡ଼. ଶ୍ରୀହରି ଧଳ, ରତ୍ନାକର ରାଉତ, ଡ଼. ଦୀନବନ୍ଧୁ ସାହୁ, ସୁଶାନ୍ତ କୁମାର ନାୟକ, ସଂଜିତ କୁମାର ବଳ, କିଶୋର ପାଣିଗ୍ରାହୀ, ଲକ୍ଷ୍ମୀନାରାୟଣ ହୋତା, ବିରଜା ରାଉତରାୟ, ଧନଞ୍ଜୟ ସ୍ୱାଇଁ, ଅଙ୍ଗୁରବାଳା ପରିଡ଼ା, ସାବିତ୍ରୀ କବି, ପ୍ରଭାତ ନଳିନୀ ମହାପାତ୍ର, ଭରତ ଚନ୍ଦ୍ର ଦାଶ, ସତ୍ୟରଞ୍ଜନ ପ୍ରହରାଜ, ବୀଣାପାଣି ଦେବତା, ବାବାଜୀ ଚରଣ ଜେନା, ବିଦ୍ୟୁତଲତା ଭୂୟାଁ, ଯଶୋଧାରା ଦାସ,ଡ଼. ମନୋରଞ୍ଜନ ବିଷୋୟୀ, ବିପିନ ମହାନ୍ତି, ମନୋଜ ପଟ୍ଟନାୟକ, ପ୍ରଦୀପ୍ତ ମହାନ୍ତି, ସୁରଞ୍ଜନ ପାତ୍ର, ଲିପ୍ସା ପଟେଲ,ଶୋଭନା ଜେନା, ଚକ୍ରଧର ପଣ୍ଡା, ଡ଼. ଶ୍ରୀଧର ସାମଲ, ଡ଼. କାଳିପଦ ପଣ୍ଡା, ପ୍ରଶାନ୍ତ ଦାସ, ସୁରେନ୍ଦ୍ର ପାଣିଗ୍ରାହୀ, ପୀତାମ୍ବର ତରାଇ, ବିଦ୍ୟୁତଲତା ଦାସ, ରଶ୍ମିରଞ୍ଜନ ରାଉତ ଆଦିଙ୍କର କବିତା ସ୍ଥାନିତ।

ଏ ଶାରଦୀୟ ସଂଖ୍ୟାକୁ ଆହୁରି ପରିପୁଷ୍ଟ କରିଛି ସବିତା ମିଶ୍ର, କନକ ମଞ୍ଜରୀ ସାହୁ, ଡ଼. ବିନୋଦିନୀ ପାତ୍ର, ଅନୁରୂପା ସିଂ, ନଗେନ୍ଦ୍ରନାଥ ପଟ୍ଟନାୟକ, ଜୟକୃଷ୍ଣ ସାମଲ ଆଦିଙ୍କର ଗୋଟେ ଲେଖାଏଁ ଛଅଟି ମନଲୋଭା ଅନୁବାଦ ଗଳ୍ପ।

ପ୍ରବନ୍ଧ ବିଭାଗରେ ଡ଼. ଅଭିରାମ ଦାସ, ଲକ୍ଷ୍ମୀଧର ନାୟକ ଆଦିସ୍ୟ, ଡ଼. ଅରବିନ୍ଦ ଗିରି, ବିଭୂତି ଭୂଷଣ ସେନାପତି, ଡ଼. ରାଜେନ୍ଦ୍ର ପାଢ଼ୀ ଓ ପ୍ରଫେସର ମଣୀନ୍ଦ୍ର କୁମାର ମେହେର ଆଦି ସ୍ଥାନିତ।

ବହି ସମୀକ୍ଷା ଭଳି ସ୍ୱତନ୍ତ୍ର ବିଭାଗରେ ନକୁଳ ଚନ୍ଦ୍ର ସାହୁ, ସୁବାସ ଚନ୍ଦ୍ର ସାହାଣୀ, ବିଜୟ ମହାପାତ୍ର, ପ୍ରଶାନ୍ତ ମହାନ୍ତି, ନନ୍ଦକିଶୋର ସିଂ ଓ ପ୍ରଫେସର ବିଷ୍ଣୁପ୍ରିୟା ଓତା ଆଦି ନିଜର ଲେଖନୀ ଚାଳନା କରିଛନ୍ତି।

'କୃତଘ୍ନତା' ନାମକ ଏକ ଲଳିତ ନିବନ୍ଧ ଦ୍ୱାରା ପତ୍ରିକାକୁ ଶେଷସ୍ପର୍ଶ ଦେଇଛନ୍ତି ପୀତାମ୍ବର ଦାସ।

ମୋଟ ଉପରେ କହିବାକୁ ଗଲେ ପତ୍ରିକାର ପ୍ରଚ୍ଛଦ, ଅଙ୍ଗୀକରଣ, ବିଷୟଚୟନ ଓ ବିଭିନ୍ନ ବିଭାଗର ଉନ୍ନତମାନର ପ୍ରସ୍ତୁତି ଯୋଗୁଁ ପତ୍ରିକାଟି ପୂଜା ପତ୍ରିକା ଭିଡ଼ରେ ନିଜର ଉତ୍କର୍ଷ ସ୍ଥାନ ବଜାୟ ରଖିବାରେ ସକ୍ଷମ ହୋଇପାରିଛି ।ଏଥିପାଇଁ ପତ୍ରିକାର ସମ୍ପାଦିକାଙ୍କୁ ଯେତେ ଧନ୍ୟବାଦ ଦେଲେ ବି କମ୍ ପଡ଼ିବ।




ଆଲେଖ୍ୟ :
ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ
ସହଦେବଖୁଣ୍ଟା, ବାଲେଶ୍ୱର
ମୋବାଇଲ -୭୫୬୦୦୧

---

## ପୂଜା ପତ୍ରିକା ସମୀକ୍ଷା

**ସମୟର ଆକାଂକ୍ଷା**
ମୁଖ୍ୟ ସମ୍ପାଦକ **ସୁରେଶ ନାୟକ**
ଠିକଣା : ପ୍ଲଟ ନଂ ୧୭୩ ଏବଂ ୧୭୪, ଏଚ୍ ଲେନ୍, ୧୨କ୍ରଶ, କ୍ରିଷ୍ଣା ନଗର, ଲସ୍‌ପେଟ୍, ପଣ୍ଡିଚେରୀ-୬୦୫୦୦୮
(ମୋ) : ୯୦୪୩୦୮୭୪୫୬
ମୂଲ୍ୟ : ୧୨୦/-




"ଆମେ ଜାଣୁ ଯେ ଉଭୟ ବିଶ୍ୱାସ ଏବଂ ଅବିଶ୍ୱାସ ଜୀବନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥାଏ । ବିଶ୍ୱାସ ଆମକୁ ଆଗକୁ ବଢିବାକୁ ଶକ୍ତି ପ୍ରଦାନ କରୁଥିବା ବେଳେ ଅବିଶ୍ୱାସ ଆମକୁ ପଛକୁ ଠେଲେ । ବିଶ୍ୱାସ ଆମ ଭିତରେ ପ୍ରେମ ଓ ବନ୍ଧୁତାର ବିକାଶ ଘଟାଏ । ବ୍ୟବସାୟୀଙ୍କ ପାଇଁ କୃଷକଙ୍କୁ ବିଶ୍ୱାସ କରିବା ଏବଂ ତାଙ୍କୁ କ୍ଷମା କରିବା ଏକ ମହତ କାର୍ଯ୍ୟ ଥିଲା, ଯାହା କୃଷକଙ୍କ ସ୍ୱଭାବରେ ପରିବର୍ତ୍ତନ କରି ଏକ ନୂତନ ଜୀବନ ଆରମ୍ଭ କରିବାର ରାହା ଦେଖାଇଥିଲା । ବିଶ୍ୱାସ ଏବଂ ଦୟାର ଶକ୍ତି ବହୁତ ମହତ । ସମସ୍ତେ ଏପରି ସୁଯୋଗ ପାଇବାକୁ ଯୋଗ୍ୟ ଅଟନ୍ତି । ବିଶ୍ୱାସ ହରେଇବା ପୂର୍ବରୁ ଆମେ ପରସ୍ପରକୁ ବୁଝିବାକୁ ଚେଷ୍ଟା କରିବା ଉଚିତ୍ । ବିଶ୍ୱାସ କରିଥିବା ଲୋକଟିକୁ ସମ୍ମାନ କରିବା କଥାଯେପରି ସେ ଆସ୍ଥା ନ ହରାଏ । ସେଥିପାଇଁ ଆମକୁ ଯେତେ ମୂଲ୍ୟ ଦେବାକୁ ହେଉନା କହିଁକି ।"

ପୂଜାରେ ପ୍ରକାଶିତ ବିଶେଷାଙ୍କ ଗୁଡ଼ିକ ମଧ୍ୟରୁ ବାରି ହେଇ ପଡୁଥିବା 'ସମୟର ଆକାଂକ୍ଷା'ର ସମ୍ପାଦକୀୟର ଏହା ହେଉଛି ଉଦ୍ଧୃତାଂଶ। ବିଶ୍ୱାସ, ଅବିଶ୍ୱାସ ଓ ଦୟା ଭଳି ଶବ୍ଦକୁ ନେଇ ଏପରି ଏକ ଶକ୍ତିଶାଳୀ ବକ୍ତବ୍ୟ ରଖିଛନ୍ତି ପଣ୍ଡିଚେରୀରୁ ପ୍ରକାଶ ପାଉଥିବା 'ସମୟର ଆକାଂକ୍ଷା'ର ମୁଖ୍ୟ ସଂପାଦକ କବି ସୁରେଶ ନାୟକ ।

ନିଜ ପତ୍ରିକାର ପ୍ରକାଶନ ପାଇଁ ମୁଖ୍ୟ ସମ୍ପାଦକ ଭାବରେ ଶ୍ରୀଯୁକ୍ତ ନାୟକ ଯେଉଁଳି ଭାବରେ ଉତ୍ସର୍ଗୀକୃତ ତା'ର ଏକ ଜୀବନ୍ତ ଚିତ୍ର ସେ ପ୍ରଦାନ କରିଛନ୍ତି। ଏଥିରୁ ଗୋଟିଏ କଥା ସ୍ପଷ୍ଟ ଯେ, ଭଲ ପତ୍ରିକାଟିଏ ଉଧେଇବା ପାଇଁ ଏବେ ମଧ୍ୟ ଯଥେଷ୍ଟ ପାଠକର ଅଭାବ ରହିଛି। ସାହିତ୍ୟକୁ ପ୍ରାଣଭରି ଭଲ ପାଉଥିବା ଜଣେ ମଣିଷ ହିଁ କେବଳ ହାତରୁ ଅର୍ଥ ବ୍ୟୟ କରି ନିଜର ଶ୍ରମ ଓ ସମୟ ବିନିମୟରେ ଯେଉଁ ପତ୍ରିକାଟିକୁ ପ୍ରସ୍ତୁତ କରେ ତାହା ପାଠକ ମହଲରେ କେତେ ସଫଳ ହୁଏ ବା କେତେ ବିଫଳ ହୁଏ ତା'ର ହିସାବ ସେ ରଖେନା। ଏମିତି ଏକ ପତ୍ରିକା 'ଆକାଂକ୍ଷା'। ପ୍ରତି ପୂଜାରେ ସୁନ୍ଦର ପରିପାଟୀ ସହିତ ସୁନ୍ଦର ବିଷୟବସ୍ତୁକୁ ଚୟନ କରି ଏହା ପ୍ରକାଶିତ ହୋଇଥାଏ। ଚଳିତ ବିଶେଷାଙ୍କଟି ମଧ୍ୟ ବିଭିନ୍ନ ଦୃଷ୍ଟିକୋଣରୁ ନିଶ୍ଚିତ ଭାବରେ ସୁଖପାଠ୍ୟ ଅଟେ।

ଏଥିରେ ଦେବ୍ରାଜ ଲେଙ୍କା, ଭବାନୀ ପଟ୍ଟଯୋଶୀ ଓ ରଶ୍ମୀ ରାଉଳ 'ସ୍ମୃତିରେ ସ୍ମୃତିରେ' ତାଙ୍କ ସ୍ମୃତି ଯଥାକ୍ରମେ 'ଗାଁ', 'ସ୍ମୃତି ତୁମେ କେମିତି'ଓ 'ଚମତ୍କାର' କୁ ଜୀବନ୍ୟାସ ଦେଇଥିବା ବେଳେ ଆମ ସମୟର କମିତାରେ ହରପ୍ରସାଦ ଦାସ, ଦେବଦାସ ଛୋଟରାୟ, ରାମକୃଷ୍ଣ, ପ୍ରସନ୍ନ କୁମାର ମହାନ୍ତି, ଅମରେଶ ପଟ୍ଟନାୟକ, ଅଜୟ ପ୍ରଧାନ, ପବିତ୍ର ମୋହନ ଦାଶ, ଗଜାନନ ମିଶ୍ର, ମନୋଜ କୁମାର ପଣ୍ଡା, ବୀଣାପାଣି ଦେବତା, ମୀନକେତନ ପଶାୟତ, ଅଂଗୁରବାଳା ପରିଡା, ସୁଶୀଳ କୁମାର ପାଣିଗ୍ରାହୀ, ମମତା ସାହୁ, ରବି ଶତପଥୀ, କ୍ଷୀରୋଦ ପରିଡା, ଅମୀୟ ରଂଜନ ମହାପାତ୍ର, ସ୍ୱପ୍ନା ମିଶ୍ର ପ୍ରମୁଖ କବିତା ଲେଖିଥିବା ବେଳେ ଗଳ୍ପ ବିଭାଗରେ ଗୌରହରି ଦାସ, ମମତା ଦାଶ, ଅଜୟ ସ୍ୱାଇଁ, ସଦାନନ୍ଦ ତ୍ରିପାଠୀ, ସରୋଜିନୀ ସାହୁ, ଭୀମ ପୃଷ୍ଟି, ଅରବିନ୍ଦ ରାୟ, ଚିରଶ୍ରୀ ଇନ୍ଦ୍ରସିଂ, ହେମନ୍ତ କୁମାର ଘୋଷାଲ, ପ୍ରକାଶ ମହାପାତ୍ର, ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର, ଅମରେଶ ବିଶ୍ୱାଳ, ସୁପ୍ରିୟା ମଲ୍ଲିକ, ଶ୍ରୀପ୍ରସାଦ ମହାନ୍ତି, କାର୍ତ୍ତିକ ସ୍ୱାଇଁ, ନନ୍ଦିତା ମହାନ୍ତି ପ୍ରମୁଖ ବେଶ୍ ସୁନ୍ଦର ଗଳ୍ପ ରଚନା କରିଛନ୍ତି । 'ଉଡାଣ'ସ୍ତମ୍ଭରେ ସମକାଳୀନ ଓଡିଆ କବିତାର ନବ ଉନ୍ମେଷ ଶୀର୍ଷକ ବିରଜା ବଳ ପାଞ୍ଚଜଣ ନବ ଉନ୍ମେଷିତ କବିଙ୍କ କବିତା ସହ କବିତାର ସଂକ୍ଷିପ୍ତ ଆଲୋଚନା କରିଛନ୍ତି । 'ପ୍ରବୀଣଙ୍କ ଲେନ୍ସରେ ତରୁଣ'ବିଭାଗରେ ତିନିଜଣ ବରିଷ୍ଠ କବି ଯଥା ପବିତ୍ରମୋହନ ଦାଶ, ମନୋଜ ମେହେର ଓ ସରୋଜ ବଳଙ୍କ ଲେନ୍ସରେ ସମୁଦାୟ ୧୩ଜଣ କବିଙ୍କ କବିତା ଓ ତାଙ୍କ ସମ୍ପର୍କରେ କିଛି ସୂଚନା ବେଶ୍ ଉପାଦେୟ । ତା' ବ୍ୟତୀତ ଢୋକରା କଳା ଉପରେ ସୁମିତ୍ରା ପାଢୀଙ୍କ ଆଲେଖ୍ୟ, ପ୍ରିୟବ୍ରତ ପାତ୍ରଙ୍କ ଭ୍ରମଣ କାହାଣୀ, ଗୋଲକ ବିହାରୀ ଆଚାର୍ଯ୍ୟଙ୍କ ପୁସ୍ତକ ସମୀକ୍ଷା, ଓ ଓଁ ଅଭିଜ୍ଞାନ ସାହୁଙ୍କ ରମ୍ୟରଚନା ପତ୍ରିକାଟିକୁ ବେଶ୍ ମନୋଜ୍ଞ ଓ ସଂଗ୍ରହଣୀୟ କରିଛି । ମୋଟ ଉପରେ ପତ୍ରିକାର ଅଙ୍ଗୀକରଣ, ବିଷୟଚୟନ ଏବଂ ପ୍ରସ୍ତୁତି ସବୁଥିରେ ଏକ ସୁନ୍ଦରପଣ ଉକୁଟି ଉଠୁଛି। ଏଥିପାଇଁ ପତ୍ରିକାର ମୁଖ୍ୟ ସମ୍ପାଦକଙ୍କୁ ଧନ୍ୟବାଦ ଦେବା ସହିତ ତାଙ୍କର ସହଯୋଗୀ କର୍ମକର୍ତ୍ତାମାନଙ୍କୁ ମଧ୍ୟ ସାଧୁବାଦ ଦିଆ ଯାଇପାରେ ।

♥ ସମୀକ୍ଷା :
ଧ୍ୱନି ପ୍ରତିଧ୍ୱନି ବ୍ୟୁରୋ

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ

ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com

ଚେତନାର ଦର୍ପଣ - ୫୨

# ବଞ୍ଚିବାର ଦୃଢ ଇଚ୍ଛା ଶକ୍ତି



♥ ଲଳିତ ମୋହନ ମିଶ୍ର

ଦୃଢ ଇଚ୍ଛା ଶକ୍ତି ଆଗରେ ହାର ମାନିନିଏ ଶାରୀରିକ ଅକ୍ଷମତା ଓ ଅଭାବ । ଗ୍ଲେନ୍ କନିଙ୍ଗହାମ୍ ଏବଂ ତାଙ୍କ ବଡ଼ ଭାଇ ଫ୍ଲଏଡ୍‌ଙ୍କୁ ବିଦ୍ୟାଳୟରେ ଶୀତଦିନେ କିରାସିନି ଷ୍ଟୋଭ ଜାଳି ରୁମ୍ ଗରମ କରିବାର ଦାୟିତ୍ୱ ଦିଆଯାଇଥିଲା । ସବୁଦିନ ସକାଳେ ସେ ଏ କାମ କରୁଥିଲେ । ସେତେବେଳେ ଗ୍ଲେନ୍‌ଙ୍କୁ ଆଠ ବର୍ଷ । ଦିନେ ହଠାତ୍ କେହି ଜଣେ କିରୋସିନି ପାତ୍ରରେ ପେଟ୍ରୋଲ ରଖି ଦେଇଥିଲା । ଷ୍ଟୋଭ୍ ଜଳିବା ମାତ୍ରେ କୋଠରୀରେ ଏକ ବିସ୍ଫୋରଣ ହୋଇ ଚାରିଆଡେ ନିଆଁ ଲାଗିଗଲା । ଅଗ୍ନିକାଣ୍ଡରେ ବଡଭାଇ ଫ୍ଲଏଡ୍‌ଙ୍କ ମୃତ୍ୟୁ ଘଟିଲା । ଗ୍ଲେନ୍ ଗୁରୁତର ଭାବରେ ପୋଡ଼ି ଯାଇଥିଲେ । ଗ୍ଲେନ୍‌ଙ୍କ ତଳ ଶରୀର ଭୟାବହ ଅଗ୍ନିକାଣ୍ଡରେ ଜଳି ଯାଇଥିଲା । ସେ ବଞ୍ଚି ଯାଇଥିଲେ ମଧ ତାଙ୍କ ଗୋଡ଼ର ମାଂସ ପୋଡ଼ି ଯାଇଥିବାରୁ ଡାକ୍ତର ତାଙ୍କର ଗୋଡ କାଟିବାକୁ ପରାମର୍ଶ ଦେଇଥିଲେ । ଗ୍ଲେନ୍ ଡାକ୍ତରଙ୍କ ପରାମର୍ଶକୁ ପ୍ରତ୍ୟାଖ୍ୟାନ କରି କହିଲେ, 'ମୁଁ ଏହି ପାଦରେ ଚାଲିବା ଆରମ୍ଭ କରିବି' । ଗ୍ଲେନ୍‌ଙ୍କ କଥା ଶୁଣି ଡାକ୍ତର ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ଗ୍ଲେନ୍‌ଙ୍କ ମା' ତାଙ୍କୁ ହ୍ୱିଲ୍ ଚେୟାରରେ ନେଇ ନିକଟସ୍ଥ ପାର୍କ ବୁଲିବାକୁ ଯାଉଥିଲେ । ପିଲାମାନଙ୍କୁ ସେଠାରେ ଖେଳୁଥିବା ଦେଖି ଗ୍ଲେନ୍‌ଙ୍କ ଇଚ୍ଛାଶକ୍ତି ଆହୁରି ଦୃଢ଼ ହେବାରେ ଲାଗିଲା । ଯେ ଯାହା ହେଉ ନା କାହିଁକି ? ଦିନେ ସେ ଚାଲି କରି ଦେଖାଇବେ ବୋଲି ଦୃଢ ପ୍ରତିଜ୍ଞାଭିଳାଷୀ ହେଲେ । ଏହାପରେ ଗ୍ଲେନ୍ ନିଜ ପାଦକୁ କାର୍ଯ୍ୟକ୍ଷମ କରିବା ପାଇଁ ଯଥାସମ୍ଭବ ଚେଷ୍ଟା କଲେ । ବାର ବର୍ଷ ବୟସରେ ଗ୍ଲେନ ଦୌଡ଼ିବା ଆରମ୍ଭ କରିଥିଲେ ଏବଂ ତାଙ୍କ ସ୍କୁଲରେ ଦ୍ରୁତ ଧାବକ ଭାବରେ ସୁନାମ ଅର୍ଜନ କରିଥିଲେ । ତେର ବର୍ଷ ବୟସରେ ସେ ପ୍ରଥମ ଏକ ମାଇଲ ଦୌଡ଼ରେ ଜିତିଥିଲେ । ସବୁଠାରୁ କମ୍ ସମୟ ମଧ୍ୟରେ କାନସାସ୍ ରିଲେରେ ସେ ଏକ ମାଇଲ ଦୌଡ଼ିବାର ବିଶ୍ୱ ରେକର୍ଡ ସ୍ଥାପନ କରିଥିଲେ । ପରବର୍ତ୍ତୀ ସମୟରେ ଗ୍ଲେନ୍ କନିଂହାମ୍ ୟୁଥ୍ ରାଞ୍ଚ ପ୍ରତିଷ୍ଠା କରିଥିଲେ, ଯେଉଁଠାରେ ସେ ପ୍ରାୟ ଦଶ ହଜାର ଗରିବ ପିଲାଙ୍କୁ ଲାଳନପାଳନ କରିଥିଲେ । ନିଜର ଦୃଢ଼ ଇଚ୍ଛା ଶକ୍ତି ଓ ସଂକଳ୍ପ ବଳରେ ଗ୍ଲେନ୍ ପ୍ରମାଣିତ କରିଦେଇ ଥିଲେ, ଯଦି ବଞ୍ଚିବାର ଇଚ୍ଛା ଓ କିଛି କରିବାର ଦୃଢ ଇଚ୍ଛା ଶକ୍ତି ଥାଏ, ତେବେ ପ୍ରତିବନ୍ଧକ କେବେ ରୋକି ପାରିବ ନାହିଁ ।

♥ କୁରାଳ, ନୟାଗଡ
(ମୋ) ୯୪୩୭୯୮୫୮୬୬

# ସେଲ୍ଫ ହାର୍ମ ଥିଙ୍କିଙ୍ଗ୍

## ଡାକ୍ତର ସମ୍ରାଟ କର



ସକାଳୁ ବର୍ଷା ଲାଗି ରହିଥାଏ । ଅନେକ ସମୟ ଲମ୍ବା ରିଂ ପରେ ଦେଖିଲେ ସୁଦୂର କାଲିଫର୍ଣ୍ଣିଆରୁ ଫୋନ କରିଛନ୍ତି ବାନ୍ଧବୀ ନିରୁପମା । ନିରୁପମା ତାଙ୍କ ପୁଅ ସୌମ୍ୟସାଇ ସିଦ୍ଧାର୍ଥଙ୍କୁ ନେଇ କେଜାଣି କାହିଁ ଭାରି ଚିନ୍ତିତ । ତାଙ୍କ କହିବା ମୁତାବକ ପିଲାଟି ହିଂସାତ୍ମକ ବା ଅଭଦ୍ର ଆଚରଣର ନୁହଁ କିନ୍ତୁ କେଜାଣି କାହିଁକି ବେଳେ ବେଳେ ଉତ୍ତେଜିତ ହୋଇଯାଇ ନିଜର କିଛି ଗୋଟିଏ ଛୋଟବଡ଼ ଶାରୀରିକ କ୍ଷତି କରି ବସୁଛି । ଯାହାକି ପରବର୍ତ୍ତୀ ସମୟରେ ମାନସିକ ଅସ୍ଥିରତା ଓ ଘରେ ଅଶାନ୍ତିର ଝଡ଼ ଦେଖିବା ପାଇଁ ମିଳୁଛି । ମୁଁ ତାଙ୍କ ଠାରୁ ସବିଶେଷ ଶୁଣିବା ପରେ କହିଲି ବର୍ତ୍ତମାନର ସମୟରେ ଯୁବିପିଢିଙ୍କ ମଧ୍ୟରେ ଏବେ ଏକ ଅଜବ ପ୍ରତିକ୍ରିୟା ଦେଖିବାକୁ ମିଳୁଛି । କୌଣସି କାର୍ଯ୍ୟରେ ଅସଫଳ ହେଲେ ସେମାନଙ୍କ ଧୈର୍ଯ୍ୟଚ୍ୟୁତି ଘଟୁଛି ଏବଂ ସେମାନେ ନିଜ ମାନସିକ ଭାରସାମ୍ୟ ହରାଉଛନ୍ତି । ଏପରି ସମୟରେ ସେମାନଙ୍କ ଠାରେ ସେଲ୍ଫ ହାର୍ମ ଥିଙ୍କିଙ୍ଗ ବୃଦ୍ଧି ପାଉଥିବା ଦେଖାଯାଉଛି । ଏହା ଏକ ମାନସିକ ନୁହଁ ବ୍ୟବହାରିକ ରୋଗ । ଯେଉଁଥିରେ ସୁଇସାଇଡ଼ର ଇଚ୍ଛା ନଥାଇ ଉଦ୍ଦେଶ୍ୟମୂଳକ ଭାବରେ ନିଜର ଶାରୀରିକ କ୍ଷତି କରାଯାଏ ।


ସେଲ୍ଫ ହାର୍ମ ବିଭିନ୍ନ ପ୍ରକାରର ରହିଛି । ଉଦାହରଣ ହେଉଛି ତୀକ୍ଷ୍ଣ ବସ୍ତୁ କିମ୍ବା ଉତ୍ତାପ ସାହାଯ୍ୟରେ ହାତର ଚର୍ମକୁ ଆଘାତ ପହଞ୍ଚାଇବା । ସହିପରି ଅତ୍ୟଧିକ ଔଷଧ ସେବନ, ନିଜ ଶରୀରକୁ ଜଳାଇବା, କୌଣସି କଠିନ ବସ୍ତୁକୁ ମୁଥା ମାରିବା, ନିଜ ମୁଣ୍ଡ ପିଟିବା ଆଦି କାର୍ଯ୍ୟ ସେଲ୍ଫ ହାର୍ମ ଥିଙ୍କିଙ୍ଗରେ ଅନ୍ତର୍ଭୁକ୍ତ । ଏହି ଭାବନା ଆସିବାର ମୁଖ୍ୟ କାରଣ ପାରିବାରିକ ସମସ୍ୟା । ଏହାଛଡ଼ା ଶାରୀରିକ ଓ ମାନସିକ ଶୋଷଣ, ଦୀର୍ଘଦିନ ଡିପ୍ରେସନରେ ରହିବା, ଏକୁଟିଆପଣ ଆଦି ସମସ୍ୟା ଯୋଗୁଁ ସେଲ୍ଫ ହାର୍ମ ଥିଙ୍କିଙ୍ଗ ଆସିପାରେ । ଏଥିରୁ ବର୍ତ୍ତିବା ଲାଗି ନିଜ ସମସ୍ୟା ତଥା ଭାବନାକୁ ସାଙ୍ଗ ଓ ପରିବାର ଲୋକଙ୍କ ସହ ସେୟାର କରନ୍ତୁ । ଏହା ବ୍ୟତୀତ ପ୍ରୋବ୍ଲେମ ସଲଭିଂ ଥେରାପୀ, କଗ୍ନିଟିଭି ଥେରାପୀ ଏବଂ ସାଇକୋଡିନାମିକ ଥେରାପୀର ସାହାଯ୍ୟ ନେଇ ପାରିବେ । ମାନସିକ ଶାନ୍ତି ଲାଗି ଯୋଗ ଓ ଧ୍ୟାନ କରିବା ସହ ଭ୍ରମଣରେ ଯାଇପାରିବେ । ଏହାଛଡ଼ା ଡେଲି ଡାଏରୀରେ ମେଣ୍ଟେନ କରିପାରିବେ । ସଙ୍ଗୀତ ଶୁଣିପାରିବେ କିମ୍ବା ଚିତ୍ର ଆଙ୍କି ପାରିବେ ।

ବାସ୍ତବରେ ସେଲ୍ଫ ହାର୍ମ ଥିଙ୍କିଙ୍ଗ ଏକ ସେପରି ମାନସିକ ଅସନ୍ତୁଳନ ନୁହେଁ । ଏହାର ନିରାକରଣ କ୍ଷେତ୍ରରେ ପୀଡ଼ିତର ପାଖରେ ରହୁଥିବା ଲୋକ ବା ସେ ପ୍ରତିଦିନ ମିଳାମିଶା କରୁଥିବା ଲୋକମାନଙ୍କର ଗୁରୁଦାୟିତ୍ୱ ରହିଛି । କୌଣସି ପରିସ୍ଥିତିରେ ପୀଡ଼ତ ଜଣଙ୍କୁ ବିରକ୍ତି କରନ୍ତୁ ନାହିଁ କିମ୍ବା ସେ ଦୁଃଖିତ ହେଲା ପରି ବା ଉତ୍ତେଜିତ ହେଲା ପରି କୌଣସି କାର୍ଯ୍ୟ କରନ୍ତୁ ନାହିଁ । ତାଙ୍କ ପାଇଁ ଏକ ଭଲ ରୁଟିନ ବନ୍ଧା ଜୀବନ ତିଆରି କରନ୍ତୁ । ସୁଷମ ଖାଦ୍ୟ, ତଟକା ପନିପରିବା, ନିରାମିଷ ଖାଦ୍ୟ, ଶାଗ ଓ ତଟକା ଫଳ ବହୁତ ଭଲ କାମ ଦେବ । ଯୋଗପ୍ରାଣାୟମ ବା ମର୍ଣ୍ଣିଂ ୱାର୍କ ଏକ ଭଲ ଅଭ୍ୟାସ । ସମସ୍ତ ପ୍ରକାର ନିଶାଦ୍ରବ୍ୟ ଠାରୁ ସେ ଯେପରି ଦୂରେଇ ରହିବେ ସେ ଦିଗଟିକୁ ଦେଖନ୍ତୁ । ଉଚିତ ସମୟରେ ଖାଇବା ସହିତ ନିର୍ଦ୍ଧାରିତ ସମୟରେ ଯେପରି ସେ ବିଶ୍ରାମ ନିଅନ୍ତି ସେ ଦିଗଟିକୁ ଦେଖନ୍ତୁ । ତେବେ ତାଙ୍କ ମାନସିକ ଅସନ୍ତୁଳନ କ୍ଷେତ୍ରକୁ ଲକ୍ଷ୍ୟ ରଖି ଅକସ୍ମାତ କୌଣସି କ୍ଷୟକ୍ଷତି କରିବା ପୂର୍ବରୁ ତାଙ୍କ ପାଖରେ ରହୁଥିବା ଲୋକମାନଙ୍କର ସତର୍କ ନଜର ରହିବା ମଧ ଜରୁରୀ । କାରଣ ଏ କ୍ଷେତ୍ରରେ ପୀଡ଼ିତମାନେ ମଧ ନିଦରୁ ହଠାତ ଉଠି ପଡ଼ି କୌଣସି ଅଭାବନୀୟ ଘଟଣା ଘଟାଇବାର ମଧ ସମ୍ଭାବନା ଅଛି । ତେଣୁ ପୀଡ଼ିତର ପାଖ ଲୋକମାନେ ଅଧିକ ସମସ୍ୟା ଅନୁଭବ କଲେ କିମ୍ବା ପୀଡ଼ିତର ଆଚରଣ ଅସ୍ୱାଭାବିକ ଦେଖିଲେ ତୁରନ୍ତ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ । ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କୌଣସି ପରିସ୍ଥିତିରେ ଦେଶୀୟ ଚିକିତ୍ସା ବା ଗୁଣି ଗାରେଡ଼ି ଚିକିତ୍ସାକୁ ବିଶ୍ୱାସ କରନ୍ତୁ ନାହିଁ କିମ୍ବା ଏହାକୁ ଗ୍ରହଣ କରନ୍ତୁ ନାହିଁ । ଆପଣଙ୍କ ଧୈର୍ଯ୍ୟ ଓ ଡାକ୍ତରଙ୍କ ଉପରେ ବିଶ୍ୱାସ ପୀଡ଼ିତକୁ ନିଶ୍ଚିନ୍ତ ଆରୋଗ୍ୟ ପ୍ରଦାନ କରି ଏକ ନୂଆ ଜୀବନ ଅଭିମୁଖେ ରାସ୍ତା ଦେଖାଇବ ।



♥ ମାନସିକରୋଗ ବିଶେଷଜ୍ଞ, ଦି'ବ୍ରେନ
ପୁରୀଘାଟ ରୋଡ଼, କଟକ
(ମୋ) ୯୧୩୨୪୩୩୩୩୩

## ।। ସ୍ୱୀକାରୋକ୍ତି ।।




# ଏହା ଏକ କାଳ୍ପନିକ ଉପନ୍ୟାସ

## ଡ. ରତିକାନ୍ତ ବେହେରା

ସନ୍ନ୍ୟାସୀ ପ୍ରେମାନନ୍ଦ ସେଦିନ ମଠଛାଡ଼ି ଚାଲିଗଲା ପରେ ତାଙ୍କ ଉତ୍ତର ଜୀବନର ପରିଣତି କ'ଣ ହେଲ, ତା'ର ଏକ କଳାତ୍ମକ ଅଭିବ୍ୟକ୍ତି ହେଉଛି 'ବୈରାଗ୍ୟ କୁମୁଦ' । ସାଧାରଣତଃ ସଂସାରୀ ମଣିଷକୁ ଆଧାର କରି ସେମାନଙ୍କର ଜନ୍ମ, ଜୀବନ, ଯୌବନ, ଜରା, ବ୍ୟାଧି ଓ ମୃତ୍ୟୁକୁ ନେଇ ସାହିତ୍ୟ ଋଦ୍ଧିମନ୍ତ । କିନ୍ତୁ ସନ୍ନ୍ୟାସୀ ଓ ସନ୍ନ୍ୟାସିନୀମାନଙ୍କର ଜୀବନ କିପରି ବ୍ୟତୀତ ହୋଇଥାଏ ( ? ) ଏ ପ୍ରଶ୍ନ ମୋତେ ବାରମ୍ବାର ଆଲୋଡ଼ିତ କରିଛି । ସେମାନଙ୍କ ଜୀବନଚର୍ଯ୍ୟାର ଚିତ୍ର ଓ ଚରିତ୍ର ଦେବା ଅଭିପ୍ରାୟରେ ଏ ମୋର ସାମାନ୍ୟ ପ୍ରୟାସ । ଦଶବର୍ଷ ପୂର୍ବେ ରଚନା କରିଥିବା 'ବିଚିତ୍ର ବୈରାଗ୍ୟ' ଉପନ୍ୟାସର ଏହା ଉତ୍ତରାର୍ଦ୍ଧ ।

ସାଧାରଣତଃ ସନ୍ନ୍ୟାସୀ ଓ ସନ୍ନ୍ୟାସିନୀ ମାନଙ୍କ ଜୀବନ କଳୁଷିତ ନହେବା ଉଚିତ୍- ଏହା ହିଁ ପ୍ରତିଷ୍ଠିତ ସତ୍ୟ । ବେଦ, ଉପନିଷଦଠାରୁ ଆରମ୍ଭ କରି ସାରା ସନ୍ଥ ସାହିତ୍ୟ ଏହାକୁ ପ୍ରତିପାଦିତ କରିଆସିଛି । ସନ୍ନ୍ୟାସୀ ସନ୍ନ୍ୟାସିନୀମାନଙ୍କଠାରୁ ଜନ ସମୁଦାୟର ଏହା ହିଁ ପ୍ରତ୍ୟାଶା । ବେଳେବେଳେ ଏହାର ବ୍ୟତିକ୍ରମ ଘଟିଛି । ମାର୍ଗ ହୁଡ଼ିଛି ସନ୍ନ୍ୟାସୀ । ପଥଭ୍ରଷ୍ଟ ହୋଇଛି ଗୈରିକ ବସନ ଭୂଷଣ ଓ କମଣ୍ଡଳୁ । କିନ୍ତୁ ଏପରି କାହିଁକି ହୁଏ ?

ପ୍ରକୃତରେ ଗୈରିକ ଧାରଣ କରିଦେଲେ ହଠାତ୍ ମଣିଷଟେ ଶତ ପ୍ରତିଶତ କାମନା-ବାସନା ବିବର୍ଜିତ ହୋଇଯିବ, ଏମିତି ସୁନିଶ୍ଚିତ କରି କହିବେ ନାହିଁ । କେବଳ କେବଳ ମଣିଷ ନୁହେଁ, ସୃଷ୍ଟିର ପ୍ରତ୍ୟେକ ଜୀବ ଓ ର୍ନିଜୀବ ସତ୍ତା ସ୍ୱ -ସ୍ୱ ଗୁଣଧର୍ମ, ବୃତ୍ତି ଓ ପ୍ରବୃତ୍ତି ବର୍ଜିତ ହୋଇପାରନ୍ତି ନାହିଁ । ଏହା ହିଁ ଥିଲା ମୋର ପୂର୍ବ ଉପନ୍ୟାସ 'ବିଚିତ୍ର ବୈରାଗ୍ୟ' ସାରତତ୍ତ୍ୱ । ଏଣୁ ମୁଖ୍ୟ ଚରିତ୍ର ପ୍ରେମାନନ୍ଦଙ୍କୁ ଅସଲ ସନ୍ନ୍ୟାସ ଜୀବନର ସ୍ୱାଦଯୁକ୍ତ କରିବା ଅଭିପ୍ରାୟରେ ଏବେ 'ବୈରାଗ୍ୟ କୁମୁଦ'ର ପରିକଳ୍ପନା । ମଠ ଛାଡ଼ି ଚାଲିଯିବା ପରେ ତାଙ୍କ ଅସଲ ସନ୍ନ୍ୟାସ ଜୀବନର ଆରମ୍ଭ ହୋଇଛି ଖଣ୍ଡଗିରି ଆଶ୍ରମରୁ । ଏଠାରେ ସ୍ୱାମୀ ବୋଧାତ୍ମନନ୍ଦଙ୍କ ସମ୍ପର୍କରେ ଆସିବା ଏବଂ ସପ୍ତଦିବସ ବ୍ୟାପୀ ଏଠା ସର୍ପଗୁମ୍ଫାରେ ଧ୍ୟାନମଗ୍ନ ହେବା ଫଳରେ ତାଙ୍କୁ ନୂତନ ଉପଲବ୍ଧି ଓ ଜ୍ଞାନପ୍ରାପ୍ତି ହୋଇଛି ଯାହା ତାଙ୍କ ପରବର୍ତ୍ତୀ ସନ୍ନ୍ୟାସ ଜୀବନକୁ ବେଶ ସୁଗମ କରି ଗଢ଼ି ତୋଳିଛି । ଏଠାରୁ ପ୍ରବ୍ରଜ୍ୟାରେ ବାହାରି ଭାରତର ବିଭିନ୍ନ ସ୍ଥାନ ସେ ଭ୍ରମଣ କରିଛନ୍ତି ଏବଂ ଗୋଟେଇଛନ୍ତି ପର୍ଯ୍ୟାପ୍ତ ଅନୁଭୂତି । ପ୍ରେମ-ଭକ୍ତିର ଲୀଳାଭୂମି ବୃନ୍ଦାବନରେ ଅତିବାହିତ ହୋଇଛି ତାଙ୍କର ସତର ବର୍ଷ । ଏଇଠାରେ ସେ ପ୍ରେମଭକ୍ତି ପରିବର୍ତ୍ତେ କର୍ମ, ଜ୍ଞାନ ଓ ଧ୍ୟାନରେ ମନୋନିବେଶ କରିଛନ୍ତି । ପରିଣତିର ବଦ୍ରିନାଥରେ ଏକମାସ ଧ୍ୟାନନିବିଷ୍ଟ ହେବାପରେ ହିମାଳୟସ୍ଥିତ ବ୍ୟାସଗୁମ୍ଫାରେ ଦେହତ୍ୟାଗ କରିଛନ୍ତି । ସମର୍ପିତ ହୋଇ ଯାଇଛନ୍ତି ମୂଳସତ୍ତାରେ ।

ପ୍ରେମାନନ୍ଦଙ୍କ ମହାର୍ଘ ଉପଲବ୍ଧି ହେଉଛି ତାଙ୍କ ତତ୍ତ୍ୱ ଓ ଦର୍ଶନ । କାମନା ବାସନାର ଲିପ୍ତଥାଇ ମଣିଷ ପଶୁତୁଲ୍ୟ ହୋଇଯାଏ । ଯଦି ମଣିଷ କାମନା ବାସନା ଲୋଭ, ମୋହ, ମାୟା, ଈର୍ଷା, ହିଂସା, କ୍ରୋଧ ଆଦି ନକରାତ୍ମକ ତତ୍ତ୍ୱଗୁଡ଼ି ନିଜ ଭିତରୁ ଦୂରଇ ଦିଏ, ତେବେ ତା' ଭିତରେ ଦେବତ୍ୱର ଅବତରଣ ଘଟେ । ଇନ୍ଦ୍ରିୟ ସହିତ ମନ ଉପରେ ନିୟନ୍ତ୍ରଣ ଆସେ । କ୍ରମେ ମନୁଷ୍ୟ ବି ଦେବତା ପାଲଟିଯାଏ ।

ଏହା ଏକ କାଳ୍ପନିକ ଉପନ୍ୟାସ । ପ୍ରାୟ ଏଥିରେ ପ୍ରତ୍ୟେକ ଚରିତ୍ର କଳ୍ପନା ପ୍ରସୂତ । ଏଣୁ ଏହି କାଳ୍ପନିକ ଉପନ୍ୟାସର କାହାଣୀ ଓ ଘଟଣାର ସୌଷ୍ଟବତା ନିମିତ୍ତ ବିଭିନ୍ନ ମଠ,



ମନ୍ଦିର, ଆଶ୍ରମ ଓ ଗୁମ୍ଫା ଗୁଡ଼ିକର ବ୍ୟବହାର କରାଯାଇଛି । ଚରିତ୍ର ଗୁଡ଼ିକୁ ସେହି ସେହି ପବିତ୍ର କ୍ଷେତ୍ର (ମଠ, ମନ୍ଦିର ଓ ଆଶ୍ରମ) ଗୁଡ଼ିକର ପୃଷ୍ଠପଟରେ ବିକଶିତ କରାଯାଇଛି । ଏତଦ୍‌ଭିନ୍ନ ଗୋଟେ ଯୋଡ଼େ କାଳ୍ପନିକ ସ୍ଥାନର ମଧ୍ୟ ଅବତାରଣା ରହିଛି । ତେବେ ଏ ସ୍ଥାନ ଗୁଡ଼ିକର ମର୍ଯ୍ୟାଦା କ୍ଷୁର୍ଣ୍ଣ କରିବା ମୋର ଉଦ୍ଦେଶ୍ୟ ନୁହେଁ କି ନଥିଲା । ଏ ଗୁଡ଼ିକର ମହାନତା ଓ ପବିତ୍ରତା ଚିରକାଳ ଅକ୍ଷୁଣ୍ଣ ରହିଛି ଏବଂ ରହିବ ମଧ୍ୟ । ମୁଁ ମୋର ଏହି ସାରସ୍ୱତ କର୍ମଟି ପାଇଁ ଏଗୁଡ଼ିକ ବ୍ୟବହାର କରି ଯଦି କୌଣସି ତ୍ରୁଟି କରିଥାଏ, ଏଥିପାଇଁ କ୍ଷମା ଯାଚ୍ଞା କରୁଛି ।

♥ ବାଲେଶ୍ୱର
ମୋ: ୯୪୩୯୪୪୨୯୪୨

# ଗଳ୍ପ

# ଅଭୁଲା ସେ ପିଲାଦିନ

## ପ୍ରଦ୍ୟୁମ୍ନ ପଟ୍ଟନାୟକ





ମୁଁ ଭଲପାଇବା ଶିଖିବା ଆଗରୁ ଆମ ଗାଆଁକୁ ଭଲ ପାଉଥିଲି । କୌଣସି ବସ୍ତୁର ପ୍ରକୃତ ମୂଲ୍ୟ ଯେପରି ତା'ର ଉପଲବ୍ଧି ଅପେକ୍ଷା ଅନୁପଲବ୍ଧିରେ ଅଧିକ ଅନୁଭୂତ ହୋଇଥାଏ, ସେପରି ଦଶ ଏଗାର ବର୍ଷ ଯାଏ ଗାଁର ଧୂଳି-ମାଟି, ପାଣି- ପବନ, ନଈ- ନାଳ, ଗାଡ଼ିଆ-ପୋଖରୀ, ତୋଟା - ମାଳ, ବିଲ- ଗୋହିରି ସହ ପରିଚିତ ଥାଇ ବି ଅନୁଭବ କରି ପାରୁନଥିଲି ସେସବୁର ମହତ୍ତ୍ୱ । ନିତ୍ୟ ନୈମିତ୍ତିକ ଭାବେ ଗ୍ରାମ୍ୟ ପରିବେଶରେ ବିତି ଯାଇଥିଲା ଶୈଶବ । ପ୍ରଥମ ଥର ପାଇଁ ଅନୁଭୂତ ହେଲା ଆମ ଗାଆଁର ମହତ୍ତ୍ୱ ଯେବେ ସପ୍ତମ ଶ୍ରେଣୀରେ ପଢ଼ିବାକୁ ଗାଆଁ ଛାଡ଼ି ତିନି କୋଶ ଦୂର ପିଉସୀ ଘର ଗାଆଁକୁ ଗଲି । ଆମ ଗାଆଁକୁ ବହୁତ ଝୁରି ହେଲି । ସେତେବେଳେ ପ୍ରକୃତି ଏବଂ ପରିବେଶକୁ ବୁଝିବା କିମ୍ବା ଝୁରିହେବା ବୟସ ତ ହୋଇ ନଥିଲା, କେବଳ ଗାଆଁକୁ ଝୁରୁଥିଲି ଘର ଠାରୁ ଦୂରେଇ ଯିବାରୁ । ଘରକଥା ମନେ ପଡୁଥିଲା ଅହରହ ବୋଉ କଥା ଭାବୁଥିବାରୁ । ପାଠ ପଢ଼ା କିମ୍ବା ଅନ୍ୟ ଯେକୌଣସି କାରଣ ହେଉ ପଛକେ ମା' ଠାରୁ ଶିଶୁ ଦୁରେଇ ରହିବାକୁ ହେଲେ ଯେଉଁ ପୀଡ଼ା ଅନୁଭବ କରିବାକୁ ପଡ଼ି ଥାଏ ସେକଥା କେବଳ ଅନୁଭବୀ ହିଁ ଜାଣେ ।

ଗୋଟିଏ ଶିକ୍ଷା ବର୍ଷ ଆଷାଢ଼ମାସ ଠାରୁ ଆରମ୍ଭ ହୋଇ ପୁଣି ବୈଶାଖ ମାସ ଯାଏ ଲମ୍ବିଥିଲା । ସେ ଲମ୍ବା ଅବଧି ମଧ୍ୟରେ କେବଳ ଦୁଇଥର ଘରକୁ ଆସିବାର ସୁଯୋଗ ମିଳିଥିଲା । ଥରେ ପାର୍ବଣ ଛୁଟିରେ ଏବଂ ଆଉଥରେ ଧାନକଟା ଛୁଟିରେ । ବାକି ସମୟ ବିତି ଯାଇଥିଲେ ପିଉସୀ ଘର ଗାଆଁରେ, କିଛି ପାଠ ପଢ଼ାରେ କିଛି ବୋଉ କଥା, ଘରକଥା ମନେ ପକାଇବାରେ । ଯାହା ମୁଁ ପଢ଼ିଲି, ଯାହା ମୁଁ ଭୋଗିଲି ଏବଂ ଯାହା ଫଳାଫଳ ହେଲା ଆଜି ଚିନ୍ତା କରେ, ହୁଏତ ଆମ ଗାଆଁରେ ରହି ପଢ଼ିଥିଲେ ତା' ଠାରୁ ଅଧିକ ଫଳାଫଳ ମିଳି ଥାଆନ୍ତା । ଯେଉଁ ସମୟ ମୋର ଘରକଥା ମନେ ପକାଇ ମନ ଦୁଃଖ କରି ବାରେ ଅପଚୟ ହେଉଥିଲା ସେ ସମୟ , ସେ ଏକାଗ୍ରତା ପାଠ ପଢ଼ିବା ପାଇଁ ବିନିଯୋଗ ହୋଇ ପାରି ଥାଆନ୍ତା ।

ବୈଶାଖ ମାସରେ ବୃତ୍ତି ପରୀକ୍ଷା ଦେଇ ସିଧା ସାନବାପାଙ୍କ ସହ ଆସି ଯାଇଥିଲି ଗାଆଁକୁ । ସାରା ଗ୍ରୀଷ୍ମ ଛୁଟି ମୋର ବିତିଥିଲା ଗାଆଁରେ । ଭାବିଲି ସେତିକିରେ ସରିଗଲା ମୋର ବୋଉ ଠାରୁ ଦୂରରେ ରହିବାର ନିର୍ବାସନ । କିନ୍ତୁ ସେ ଶେଷ ନୁହଁ ମାତ୍ର ଆରମ୍ଭ ଥିଲା । ତା'ପରେ ପୁଣି ଚାରି ବର୍ଷ ଗାଆଁଠାରୁ ଦଶ କିଲୋମିଟର ଦୂରରେ ଥିବା ଛୋଟ ସହରରେ ଥିବା ସ୍କୁଲ ଛାତ୍ରାବାସରେ ରହି ମାଟ୍ରିକ ପଢ଼ିବାକୁ ପଡ଼ିଲା । ଛାତ୍ରାବାସର ରହଣି ଥିଲା ଆହୁରି ଦୟନୀୟ । ପିଉସୀ ଘରେ ଥିବା ବେଳେ କେବଳ ଘର କଥା, ବୋଉ କଥା ମନେ ପଡୁଥିଲା, ଛାତ୍ରାବାସରେ କିନ୍ତୁ ସେ ମନେ ପଡ଼ିବା ଆହୁରି ତୀବ୍ରତର ହେବାରେ ଲାଗିଲା ଯେବେ ସକାଳ ଏବଂ ରାତ୍ରିରେ ଖାଇବାକୁ ଦିଆଯିବା ମଧ୍ୟବର୍ତ୍ତୀ ସମୟରେ ଭୋକ ଲାଗୁଥିଲା । ଦିନରେ କେବଳ ଦୁଇଥର ଖାଇ ରହିବା ମୋ ଭଳି ଭୋକ ଆତୁରା ପକ୍ଷେ କଷ୍ଟକର ଥିଲା । ପିଲାବେଳୁ ମୋର ଅଧିକ ପରିମାଣର ନୁହଁ ଅଧିକ ଥର ଖାଇବାର ଅଭ୍ୟାସ ଥିଲା । ଏକାବେଳେକେ ମୁଁ ଅଧିକ ଖାଇ ପାରେ ନାହିଁ କି ଭୋକ ସମ୍ଭାଳି ପାରେ ନାହିଁ । କିନ୍ତୁ ଛାତ୍ରାବାସର ବ୍ୟବସ୍ଥା ଅନୁଯାୟୀ କେବଳ ସେତିକି ଭୋଜନ ମିଳୁ ଥିବାରୁ ମୁଁ ଅନନ୍ୟୋପାୟ ଥିଲି । ଆଖିରୁ ଲୁହ ଝରାଇ ଭୋକକୁ ସହୁଥିଲି । ଅନ୍ୟମନସ୍କ ରହି ବୋଉ କଥା ଭାବୁଥିଲି । କିନ୍ତୁ ସେକଥା କାହିଁକି କେଜାଣି ବୋଉକୁ କିମ୍ବା ଆଉ କାହାକୁ କହି ପାରୁ ନଥିଲି ।

ହଷ୍ଟେଲରେ ଯେବେ ସକାଳେ ସଞ୍ଜରେ ଖାଇବା ଘଣ୍ଟି ବାଜେ ମୁଁ ଆଗତୁରା ଯାଇ ସେହି ଜାଗାରେ ବସିଯାଏ ଯେଉଁ ଠାରୁ ପୁଝାରୀ ଦ୍ୱାରା ଖାଦ୍ୟାନ୍ନ ବିତରଣ ଆରମ୍ଭ ହେଉଥାଏ । ପିଲାମାନେ ବସିଥିବା ଧାଡ଼ିର ଗୋଟିଏ ପଟୁ ଆରମ୍ଭ କରି ଶେଷ ଯାଏ ପୁଝାରୀର ଖାଦ୍ୟ ପରଶା ସରିବା ବେଳକୁ ମୋର ଖାଇବା ଶେଷ ହୋଇ ଯାଉଥାଏ । ସ୍ୱାଭାବିକ ଭାବରେ କିଛି ଘଣ୍ଟା ଉତାରୁ ଭୋକ ଲାଗେ । କିନ୍ତୁ ପୁଣି ଯାଇ ରାତ୍ରି ଭୋଜନ ବ୍ୟତୀତ ଅନ୍ୟ କୌଣସି ଭୋଜନ ବ୍ୟବସ୍ଥା ନଥାଏ । ଆଜିକାଲି ଭଳିଆ ସେତେବେଳେ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା ଥିଲେ ଧ୍ୟାନ ଭୋକରେ ନରହି ପାଠରେ ରହି ଥାଆନ୍ତା । ସେତେବେଳେ ଗାଁ କଥା, ଘର କଥା ଏବଂ ବୋଉ କଥା ବେଶି ମନେପଡ଼େ । କେବେ କେବେ କୌଣସି କାରଣ ବଶତଃ ଶ୍ରେଣୀରେ ପାଠ ପଢ଼ା ହେଉନଥିଲେ ମୁଁ ଗାଁକୁ ମନେ ପକାଇ ରଫ ଖରାରେ ଆମ ଗାଆଁର ମାନଚିତ୍ର ଆଙ୍କି ଥାଏ । ସେପରି ଚିତ୍ର ଆଙ୍କିବା ମାଧ୍ୟମରେ ମୁଁ ମୋ ମନକୁ ବୁଝାଉଥାଏ, ଗ୍ରାମ୍ୟ ମନସ୍କ ହେଉଥାଏ । ଦେଖୁ ଦେଖୁ ମାଟ୍ରିକ ଚାରି ବର୍ଷ ବିତିଗଲା । ସେ ଚାରି ବର୍ଷ ମୋ ପାଇଁ ଚଉଦ ବର୍ଷ ବନବାସ ଭଳି ପ୍ରଲମ୍ବିତ ଏବଂ ଦୁଃଖ ଦାୟକ ଥିଲା । ଏକାଦଶ ଶ୍ରେଣୀ ଟେଷ୍ଟ ପରୀକ୍ଷା ପରେ ବୋର୍ଡ଼ ପରୀକ୍ଷା ପାଇଁ ପ୍ରସ୍ତୁତି କରିବା ଲାଗି ବାକ୍ସ ବେଡିଂ ଧରି ଚାଲି ଆସିଥିଲି ଘରକୁ । ପରୀକ୍ଷା ଯାଏ ଘରେ ରହି ପଢୁଥିଲି । ସେ ସମୟ ଥିଲା ମୋ ଜୀବନର ସୁବର୍ଣ୍ଣ ସମୟ । ମାଟ୍ରିକ ପାସ୍ କରି ଗାଆଁ ପାଖ ଟାଉନରେ ଥିବା କଲେଜରେ ପଢ଼ିବା ପାଇଁ ନାମ ଲେଖାଇଲି । କଲେଜ ସେହି ସ୍ଥାନରେ ଥିଲା ଯେଉଁ ଠାରେ ମୁଁ ହଷ୍ଟେଲରେ ରହି ସ୍କୁଲରେ ପଢୁଥିଲି । ସେତେବେଳକୁ ମୁଁ ବଡ଼ ପିଲା ହୋଇ ସାଇକେଲ ଚଳାଇ ପାରୁଥିଲି । ତେଣୁ ଛାତ୍ରାବାସରେ ନରହି ସବୁଦିନ ଘରୁ ଯିବା ଆସିବା କରୁଥିଲି । ବୋଉ ହାତ ରନ୍ଧା ଖାଦ୍ୟ ଖାଉଥିଲି । ନଈକୂଳ ପଡ଼ିଆରେ ଗାଆଁ ପିଲାଙ୍କ ସହ ଫୁଟବଲ ଖେଳୁଥିଲି । ସାଙ୍ଗ ସାଥିଙ୍କ ସହ ନଈ ପହଁରା, ଗଛ ଚଢ଼ା, ବଣ ଜଙ୍ଗଲରେ ବୁଲିବା, ଯାତ୍ରା ଦେଖିବା ଆଦି ଚାଲୁଥାଏ । ଆଦ୍ୟ ଯୌବନରେ କବିତା ଲେଖୁଥିଲି । ରାଧାନାଥ, ଗଙ୍ଗାଧର ଗ୍ରନ୍ଥାବଳୀ ପଢି ଶେଷ କରି ଦେଇଥିଲି । ନୂଆ କରି ପ୍ରେମ କରିବା ଶିଖି ଥିଲି । ମନରେ କୌଣସି ଚିନ୍ତା ନଥିଲା । ପେଟରେ ଭୋକ ନଥିଲା । ନିଶ୍ଚିନ୍ତ ରେ ପଢୁଥିଲି । ପ୍ରଫୁଲ୍ଲ ଚିତ୍ତରେ ମୋ ଦିନ ଗୁଡ଼ିକ ଆକାଶ ବାଣୀ କଟକର ସୁଗମ ସଙ୍ଗୀତ, ବିବିଧ ଭାରତୀ ବିନାକା ଗୀତ ମାଳା ଶୁଣି ବିତି ଯାଉ ଥାଏ । ମୋଟ ଉପରେ ସେ ସମୟ ପାଠ ପଢ଼ା ବ୍ୟତୀତ ଖେଳକୁଦ, ମନୋରଞ୍ଜନ ସହ ବେଶ୍ ଉପଭୋଗ୍ୟ ଥିଲା ।

ମାତ୍ର ଦୁଇ ବର୍ଷର ସେ ଅନୁଭବ । ମୋ ଜୀବନର ସ୍ୱର୍ଣ୍ଣାଭ ଅଧ୍ୟାୟ ଦେଖୁ ଦେଖୁ ଅତିବାହିତ ହୋଇଗଲା । ମୋତେ ବି.ଏ ପଢ଼ିବା ପାଇଁ ପୁଣି ଆମ ଗାଆଁ ଠାରୁ ତିରିଶ କିଲୋମିଟର ଦୂର ଭଦ୍ରକ ଯିବାକୁ ପଡ଼ିଲା । ଅବଶ୍ୟ ସେତେବେଳେ ମୁଁ ନବ ଯୁବକ । ଆଉ ଦୁଗ୍ଧ ପୋଷ୍ୟ ଶିଶୁ ଭଳି ବୋଉର ପଣତରେ ବାନ୍ଧି ହେଉ ନଥିଲି । ନିଜ ଭବିଷ୍ୟତ ଗଢ଼ିବାର ସ୍ୱପ୍ନ ଦେଖିବା ଆରମ୍ଭ କରି ଦେଇଥିଲି । ବୋଉର ଓଢ଼ଣା ତଳୁ ମୁହଁ କାଢ଼ି କଲେଜର ରୂପସୀ ମାନଙ୍କୁ ଦେଖିବାର ଆନନ୍ଦ ଉପଲବ୍ଧି କରୁଥିଲି । ଧୀରେ ଧୀରେ ଗ୍ରାମ୍ୟ ମନସ୍କତା ଅପସରି ଯାଉଥାଏ । ମୁଁ ସହରୀ ଚଳଣି ସହ ଅଭ୍ୟସ୍ତ ହେଉଥାଏ । ବୈତରଣୀ କୂଳ ଛାଡ଼ି ସାଳନ୍ଦୀ କୂଳରେ ବିତିଲା ଆଉ ଦୁଇ ବର୍ଷ । କଲେଜପାଠ, ହଷ୍ଟେଲ ରହଣି, ଅନର୍ସ ବିଭାଗ ପିକନିକ୍ ଏବଂ ସାଙ୍ଗସାଥୀ ମେଳରେ ବି.ଏ ପଢ଼ା ହୋଇ ଗଲା । ଏମ୍ .ଏ ପଢିବା ପାଇଁ ଯିବାକୁ ପଡ଼ିଲା ଆଉ କିଛି ଦୂର । ରେଭେନ୍ସା କଲେଜ, କଟକ ସହର । ସେତେବେଳକୁ ଘର ପରିବେଶ ବି ବଦଳି ଯାଇଥାଏ । ଆମ ଯୌଥ ପରିବାରରେ ମୋତେ ଅଧିକ ସ୍ନେହ କରୁଥିବା ସାନବାପା ଏବଂ ବୁଢ଼ା ବାପାଙ୍କର ଦେହାନ୍ତ ହୋଇ ଯାଇଥାଏ ଗୋଟିଏ ମାସରେ, କିଛି ଦିନ ବ୍ୟବଧାନରେ । ସାନବାପା କ୍ୟାନସରରେ ଆକ୍ରାନ୍ତ ହୋଇ ଏବଂ ବୁଢ଼ା ବାପା ପୁଅ ଚିନ୍ତାରେ ପ୍ରାଣ ହରାଇଥିଲେ । ସେତେବେଳକୁ ମୋର ଦୁଃଖ ସହିବା ତଥା ଦାୟିତ୍ୱ ବୁଝିବାର ବୟସ ହୋଇ ଯାଇଥିଲା । ଆଗପରି ଆଉ ଘର, ଗାଁ କି ବୋଉ କଥା ବିଶେଷ ମନେ ପଡୁ ନଥାଏ । ଭବିଷ୍ୟତ ଗଠନ ନିମନ୍ତେ ପାଠରେ ମନୋନିବେଶ କରିବାକୁ । ପଡୁଥାଏ ଝୁଙ୍କ୍ ଲାଗିଥାଏ କିପରି ଶୀଘ୍ର ପାଠପଢ଼ା ଶେଷ କରି କେଉଁଠି ଚାକିରି ଟିଏ କରିବି । ଆର୍ଥିକ ରୂପେ ଆତ୍ମନିର୍ଭରଶୀଳ ହେବି । ତଥାପି ଖରାଦିନେ ଗାଆଁକୁ ଗଲେ ସାହି ପିଲାମାନେ ମିଶି ଡ୍ରାମା କରୁଥିଲୁ । ଅଭିନୟ କରିବାର ସଉକ ଗ୍ରାମ୍ୟ ଜୀବନରେ ମନୋରଞ୍ଜନର ସାଧନ ବ୍ୟତୀତ ବ୍ୟକ୍ତିଗତ କଳାତ୍ମକ ପରିପ୍ରକାଶ । ଏମ୍ .ଏ ପଢ଼ା ସରୁ ସରୁ ତତକ୍ଷଣାତ୍ ହାତରେ ଚାକିରି ନଥିଲା । ତିନି ଚାରି ମାସ ଗାଆଁରେ ରହି ବିଭିନ୍ନ ପରୀକ୍ଷା ଇଣ୍ଟରଭ୍ୟୁ ଦେଉଥାଏ । ସେ ସମୟରେ ଗାଆଁରେ ରହଣି ଆଗ ଭଳି ସୁଖକର , ଆନନ୍ଦ ଦାୟକ ନଥିଲା । ଅନୁଭୂତ ହେଉଥାଏ ଯେପରି ପାଠ ଶାଠ ପାଢି ଆମେ ବେକାର । ଗାଆଁ ଉପରେ ବୋଝ । କେବଳ ମୁଁ ନୁହେଁ ମୋ ଭଳି ଆଉ କେତେଜଣ ଉଚ୍ଚ ଶିକ୍ଷିତ ଯୁବକଙ୍କୁ ଦେଖି ଗାଁ ଲୋକମାନଙ୍କ ପ୍ରତିକ୍ରିୟା ଯାହାବି ହେଉ ନା କାହିଁକି ଆମକୁ ମାଡି ପଡୁ ଥାଏ ।

ତା' ପରେ ଆସିଲା ଦୁଇ ତିନୋଟି କଲେଜରେ ଅଧ୍ୟାପନା କରିବାର ନିଯୁକ୍ତି । ସେଥିରୁ ଗୋଟିକରେ ଯୋଗ ଦେବା ପରେ ବେକାର ବସିବାର ଗ୍ଲାନି ଦୂରୀଭୂତ ହୋଇ ଯାଇଥିଲା । ଅନୁଭୂତ ହେଉଥାଏ ବେସରକାରୀ କଲେଜରେ ଚାକିରି କରି ବେତନ ଆଶାନୁରୂପ ନହେଲେ ବି ଅଧ୍ୟାପନା କାର୍ଯ୍ୟ ମର୍ଯ୍ୟାଦା ପୂର୍ଣ୍ଣ ଏବଂ ସନ୍ତୋଷ ଜନକ । ମାତ୍ର କେଇମାସ ଅଧ୍ୟାପନା କାର୍ଯ୍ୟ କରିବା ପରେ ମିଳି ଯାଇଥିଲା ବ୍ୟାଙ୍କ ଚାକିରି । ଚାକିରି ନିମିତ୍ତ ଗାଆଁଠାରୁ ଦୂରେଇ ରହିବା ଆଉ ବିମର୍ଷକାରୀ କିମ୍ବା ଦୁଃଖଦାୟକ ନଥିଲା । ସେସବୁ କେବେଠାରୁ ଦେହସୁହା ହୋଇ ଯାଇଥିଲା । ଆମ ବିଚାରରେ ଆମ ଭଳି ଶିକ୍ଷିତ ପିଲାମାନଙ୍କ ଠାରୁ ଗାଆଁ ବି ଆଶା କରୁଥିଲା ଯେ ଆମେ ଗାଆଁରୁ ବାହାରେ ରହି ରୋଜଗାର କରୁ । ନାତିଦୀର୍ଘ ତିନି ବର୍ଷ ବ୍ୟାଙ୍କ ଚାକିରି କରିବା ପରେ ଦେଶର ସିଭିଲ ସର୍ଭିସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଥିଲା ଆଉ ଏକ ମହାର୍ଘ ଅନୁଭବ । ସେପରି ପରୀକ୍ଷା ରେ କୃତକାର୍ଯ୍ୟ ହୋଇଥିବା ମୁଷ୍ଟିମେୟଙ୍କ ମଧ୍ୟରୁ ଜଣେ ହୋଇ ଥିବାରୁ ଆମ ଗାଆଁର ଲୋକମାନଙ୍କର ମୋ ପ୍ରତି ସ୍ନେହ ଶ୍ରଦ୍ଧା ସମ୍ମାନ ବୃଦ୍ଧି ପାଇଥିଲା । ମୋତେ ନେଇ ମୋ ସହିତ ସଂଶ୍ଲିଷ୍ଟ ଆତ୍ମୀୟ ସ୍ୱଜନ, ବନ୍ଧୁ ବାନ୍ଧବ, ପାଖ ପଡ଼ିଶା ଗର୍ବ ଅନୁଭବ କରୁଥିବା ଦେଖି ମୋର ଆତ୍ମ ପ୍ରତ୍ୟୟ ବୃଦ୍ଧି ହୋଇ ଥିଲା ।

ସେଯାଏ ଅବିବାହିତ ଥିବାରୁ ଅନେକ ବିବାହ ପ୍ରସ୍ତାବ ବି ଆସୁଥିଲା । ସେଥିରୁ ଗୋଟିଏ ପ୍ରସ୍ତାବକୁ ଗ୍ରହଣ କରି ମୋର ବିବାହ ହୋଇଥିଲା ଫେବୃଆରୀ ମାସରେ ଶ୍ରୀପଞ୍ଚମୀ ଦିନ । ସେହି ବର୍ଷ ଜୁଲାଇ ମାସରେ ମୋତେ ନୂଆ ଚାକିରିରେ ଯୋଗ ଦେବାକୁ ଦିଲ୍ଲୀ ଯିବାକୁ ପଡ଼ିଲା । କିଛି ବର୍ଷର ବ୍ୟବଧାନରେ ପୁଣି ଆରମ୍ଭ ହୋଇଗଲା ମୋର ସେହି ପ୍ରବାସ ଜନିତ ପୂର୍ବ ବିମର୍ଷ । ଆଉଥରେ ନିର୍ବାସନ ଯୋଗ । ବହୁ ଅଧ୍ୟବସାୟ ଫଳରେ ମିଳିଥିବା ଚାକିରି ଛାଡ଼ି ହେଉ ନଥାଏ କି ଗାଁ, ଘର, ରଜ୍ୟର ମୋହକୁ ଭୁଲି ହେଉଥାଏ । ସେପରି ଉଦବେଗଜନକ ଅନୁଭବ ନେଇ ମୋତେ ଦିଲ୍ଲୀରେ ଅତିବାହିତ କରିବାକୁ ପଡ଼ିଲା ଦୀର୍ଘ ବତିଶ ବର୍ଷ । ପ୍ରବାସ ଜୀବନର ବିଷଣ୍ଣତା ସହ କ୍ରମେ ଯୋଡ଼ି ହୋଇ ଗଲା ଅନେକ ବ୍ୟକ୍ତିଗତ ବିମର୍ଷ । ଜଣ ଜଣ କରି ବୋଉ, ବାପା, ସାନଭାଇ, ଜେଜେମା ଆଦି ପରିବାର ସଦସ୍ୟ ମୋ ଆଗରେ ସଂସାରରୁ ବିଦାୟ ନେଇ ଚାଲିଗଲେ । ଏ ସମସ୍ତ ଦୁଃଖ ଅପେକ୍ଷା ଅଧିକ ଦୁଃଖ ଦାୟକ ଥିଲା ଆମ ଗାଆଁ, ଆମ ଘର ଏବଂ ଆମ ରାଜ୍ୟକୁ ଫେରିବାର ଅନିଶ୍ଚିତତା । ବାପା ବୋଉ ଥିବା ବେଳେ ଅତି କମ୍‌ରେ ବର୍ଷକୁ ଥରେ ଗାଁ କୁ ଆସିବାର ଆଗ୍ରହ ରହୁଥିଲା । ସେମାନେ ଯିବା ପରେ ସେ ବି ଅନିୟମିତ ହୋଇଗଲା । ତା' ସହ ଯୋଡ଼ି ହୋଇଗଲା ବଢୁଥିବା ପିଲାଙ୍କର ପାଠ ପଢ଼ା, ଟିଉସନ, ପରୀକ୍ଷା ଆଦିର ଜଞ୍ଜାଳ ।

ଏସବୁ ସାଂସାରିକ ଜଞ୍ଜାଳ କେବେଠୁଁ ମୋ ସୃଜନଶିଳତାକୁ ନିଷ୍କ୍ରିୟ କରି ଦେଇଥାଆନ୍ତି । ତଥାପି ଅବଦମିତ ଭାବାବେଗ ସ୍ୱତଃ ପ୍ରବୃତ୍ତ କିଛି କିଛି ଲେଖିବା ପାଇଁ ବାଧ୍ୟ କରୁଥାଏ । କିନ୍ତୁ ସେସବୁର ପରିପ୍ରକାଶ ହୋଇ ପାରୁ ନଥାଏ । କେହି ବନ୍ଦୀ ଆଜୀବନ କାରାଦଣ୍ଡ ଭୋଗି ବୟସର ଅପରାହ୍ନରେ ମୁକ୍ତ ହେବା ଭଳି ଆନନ୍ଦ ଅନୁଭୂତ ହେଲା ଯେବେ ମୋର ସେବା ନିବୃତ୍ତ ହେବାର ସମୟ ଆସିଲା ।

ବୟସର ସାୟାହ୍ନରେ ଶୈଶବ କୈଶୋରର କଥା ବେଶି ମନେପଡ଼େ । ମନେପଡ଼େ ସ୍ନିଗ୍ଧ ସକାଳ, କ୍ଳାନ୍ତ ଅପରାହ୍ଣ, ଅବଶ ଗୋଧୂଳି, ଘୁମନ୍ତ ସନ୍ଧ୍ୟା, ବିବଶ ରଜନୀରେ ବିତାଇ ଥିବା ଜୀବନ । ସମୟ ତା' ବାଟରେ ଚାଲି ଯାଉଥିବା ବେଳେ ମାନବ ଜୀବନରେ ଘଟିଯାଏ ଯାହାସବୁ ନିୟତିର ନିର୍ଦ୍ଦେଶରେ ଘଟିବାକୁ ଥାଏ ।

♥ ଫ୍ଲାଟ ନମ୍ବର -୧୦୧, ପ୍ରକାଶ ଦୀପ ଟାୱାର ଜୟ ଦୁର୍ଗା ନଗର,
ଭୁବନେଶ୍ୱର -୭୫୧୦୦୬
ମୋ:୯୯୬୮୨୮୦୮୯୬

# ପୁସ୍ତକ ପ୍ରକାଶନ କ୍ଷେତ୍ରରେ ପ୍ରୁଫ୍-ସଂଶୋଧକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ



କଟକ, ୧୪/୧୨ (ନି.ପ୍ର): ଠିକ୍ ପ୍ରୁଫ୍-ସଂଶୋଧନ ହେଉନଥିବାରୁ ଓଡ଼ିଆ ଭାଷାରେ ପ୍ରକାଶିତ ପୁସ୍ତକ ଆଦିରେ ଅସଂଖ୍ୟ ବର୍ଣ୍ଣାଶୁଦ୍ଧି ଦେଖାଦେଇ ଭାଷା ବିକୃତ ହୋଇଯାଉଛି। ତେଣୁ ଆଜି ଆମ ସାହିତ୍ୟ କ୍ଷେତ୍ରରେ ସ୍ୱର୍ଗତଃ କାଳିନ୍ଦୀଚରଣ ପାଣିଗ୍ରାହୀ,ପଣ୍ଡିତ କୃଷ୍ଣଚନ୍ଦ୍ର କର, ରାମକୃଷ୍ଣ ନନ୍ଦଙ୍କ ପରି ପ୍ରୁଫ୍-ସଂଶୋଧକଙ୍କ ଆବଶ୍ୟକତା ରହିଛି ବୋଲି ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି। ଅଧ୍ୟାପିକା ନୀହାରିକା ଦାସ ସ୍ମୃତି ନ୍ୟାସ ତରଫରୁ ଶନିବାର ପୂର୍ବାହ୍ନରେ ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନଠାରେ ଓଡ଼ିଆ ଭାଷାର ଶ୍ରେଷ୍ଠ ପ୍ରୁଫ୍-ସଂଶୋଧକଙ୍କୁ ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଶିକ୍ଷାବିତ୍ ଡକ୍ଟର ସଂକର୍ଷଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡକ୍ଟର ଜଷ୍ଟିସ ମଦନମୋହନ ଦାସ ମୁଖ୍ୟଅତିଥି ଓ ପ୍ରଫେସର ଡକ୍ଟର ଯତୀନ୍ଦ୍ର କୁମାର ନାୟକ ମୁଖ୍ୟବକ୍ତା ରୂପେ ଯୋଗଦେଇଥିଲେ। ଚଳିତବର୍ଷ ପାଇଁ ସ୍ୱର୍ଗତା ଶୈଳବାଳା ମହାପାତ୍ର ଓ ଡକ୍ଟର ଶମ୍ଭୁଦୟାଳ ଅଗ୍ରୱାଲଙ୍କୁ ଶ୍ରେଷ୍ଠ ପ୍ରୁଫ୍-ସଂଶୋଧକ ଭାବରେ ଅର୍ଥରାଶି ସହ ପୁରସ୍କୃତ କରାଯାଇଥିଲା। ସ୍ୱର୍ଗତା ମହାପାତ୍ରଙ୍କ ତରଫରୁ ତାଙ୍କ କନ୍ୟା ମଧୁସ୍ମିତା ଆଚାର୍ଯ୍ୟ ଏହି ପୁରସ୍କାର ଗ୍ରହଣ କରିଥିଲେ। ରମ୍ୟ-ବ୍ୟଙ୍ଗ ଲେଖକ ରାଧାଶ୍ୟାମ ରାଉଳ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିବା ବେଳେ ଡକ୍ଟର ନାରାୟଣ ମହାନ୍ତି ସ୍ୱାଗତ ଭାଷଣ ଓ ଅଧ୍ୟାପକ ବିଜୟ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସାହିତ୍ୟିକ ଡକ୍ଟର ବାବାଜି ଚରଣ ପଟ୍ଟନାୟକ, ଡକ୍ଟର କୁମାର ସାହୁ, ଡକ୍ଟର ସୁନାମଣି ରାଉତ,କାନ୍ତିବାଳା ନାୟକ, ଶିକ୍ଷାବିତ୍ ପ୍ରଫେସର ଦିନେଶ ପଟ୍ଟନାୟକ, ଡକ୍ଟର ଶଚୀନ୍ଦ୍ର ରାଉଳ, ପ୍ରାଧ୍ୟାପିକା ଚିତ୍ରା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ନ୍ୟାସର ଆବାହକ ଦୀପକ କୁମାର ମହାନ୍ତ ମଞ୍ଚ ପରିଚାଳନା କରିଥିଲେ ଓ ଶିକ୍ଷାବିତ୍ ତୃଷାରକାନ୍ତ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଜେଇଙ୍କ ନିର୍ଦ୍ଦେଶରେ ସରକାରୀ ଜମିରୁ ଗଛକଟା



ଖଇରା, ୧୪/୧୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ବର୍ଗନା ଗ୍ରାମ ପଞ୍ଚାୟତ ଅଧୀନ ଗମ୍ଭାରିଆ ଗ୍ରାମରେ ସୁରକ୍ଷା ପାଚେରୀ ନିର୍ମାଣ ଆଳରେ ମୂଲ୍ୟବାନ ଗଛ କାଟି ବିକ୍ରି ଉଦ୍ୟମ କରାଯାଉଥିବା ନେଇ ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି। ରାଜସ୍ୱ ନିରିକ୍ଷକଙ୍କ ବିନା ଅନୁମତିରେ ଏବଂ ବ୍ଲକ କନିଷ୍ଠ ଯନ୍ତ୍ରୀ ଶ୍ରୀବାନନ୍ଦ ପାଣିଗ୍ରାହୀଙ୍କ ନିର୍ଦ୍ଦେଶରେ ଏହା କରାଯାଉଥିବା ନେଇ ଗ୍ରାମର ସୁଧାକର ଦାସ,ମହେନ୍ଦ୍ର ଦାସ ଓ ସନାତନ ରାଉତଙ୍କ ସମେତ ଶତାଧିକ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଘଟଣା ଉପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଗାଁ ପୋଖରୀର କଡରେ ସୁରକ୍ଷା ପାଚେରୀ ନିର୍ମାଣ ପାଇଁ ୩ବର୍ଷ ତଳେ ୩ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ଏବେ ପାଚେରୀ ନିର୍ମାଣ ଆଳରେ ଯନ୍ତ୍ରୀଙ୍କ ନିର୍ଦ୍ଦେଶରେ ଏକ ବିଶାଳକାୟ ଅର୍ଜ୍ଜୁନ ଗଛ କାଟି ବିକ୍ରି ଉଦ୍ୟମ କରାଯାଉଥିବା ବେଳେ ଗ୍ରାମବାସୀ ଶନିବାର ରାଜସ୍ୱ ନିରିକ୍ଷକଙ୍କୁ ଅଭିଯୋଗ କରିଥିଲେ। ରାଜସ୍ୱ ନିରିକ୍ଷକ ଦେବବ୍ରତ ସାହୁ ଉକ୍ତ ଗଛ ଜବତ କରିଥିବା ବେଳେ ତଦନ୍ତ ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ପାଣିଗ୍ରାହୀଙ୍କୁ ଯୋଗାଯୋଗ କରିବାରେ ଏଭଳି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଏହା ପୂର୍ବରୁ ହରିପୁର, ବାଇଁଶଗଡିଆ, ବଡନୁଆଗାଁ, ଝିଙ୍କିରିଆ ପଞ୍ଚାୟତରେ ଉକ୍ତ କନିଷ୍ଠ ଯନ୍ତ୍ରିଙ୍କ ତତ୍ତ୍ୱାବଧାନରେ ଚାଲିଥିବା ଅନେକ ପ୍ରକଳ୍ପ ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଅଭିଯୋଗ ହୋଇଥିଲା।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ସିବିଆଇ ସ୍କାନରରେ...

ଜେରା ପରେ ବିଷ୍ଣୁପଦଙ୍କ ଜଣେ ଡ୍ରାଇଭର ନୃସିଂହ ଶତପଥୀ କିନ୍ତୁ ନିଜ ସଂପୃକ୍ତି ବିଷୟକୁ ଖଣ୍ଡନ କରିଛନ୍ତି। କହିଛନ୍ତି ଯାହା ଜାଣିଛି ସିବିଆଇକୁ କହିଛି। ବାବୁ ଅନ୍ୟମାନଙ୍କ ଗାଡ଼ିରେ ବି ଯିବା ଆସିବା କରନ୍ତି। କୁହାଯାଉଛି, ଗିରଫ ହୋଇଥିବା ୩ ଅଭିଯୁକ୍ତଙ୍କୁ ପଚରାଉଚରା ଏବଂ ବ୍ୟାଙ୍କ ତଥ୍ୟ ଯାଞ୍ଚ ବେଳେ ସାମ୍ନାକୁ ଆସିଛି ବିଷ୍ଣୁପଦ ଏବଂ ତାଙ୍କ ଡ୍ରାଇଭର ଲିଙ୍କ୍। ଏପଟେ ସିବିଆଇର ଏ ତନାଘନା ଭିତରେ ସାମ୍ନାକୁ ଆସିଛି ସନ୍ଦେହର ବିନ୍ଦୁକୁ ଯୋଡ଼ିବା ଭଳି ଆଉ ଏକ ବଡ଼ ତଥ୍ୟ। ଅକ୍ଟୋବର ୧୯ରେ ଏସ୍ଥି, ଏସସି ବିଭାଗର ସ୍କୁଲ ଅପଗ୍ରେଡେସନ କାମ ପାଇଁ ସେଇ ବ୍ରିଜ ଆଣ୍ଡ ରୁଫ୍ କମ୍ପାନୀ ଲିମିଟେଡକୁ ଏହି ଚିଠି ଲେଖିଛନ୍ତି ନିଜେ ସଚିବ ବିଷ୍ଣୁପଦ ସେଠୀ। ବୌଦ୍ଧ ଏବଂ ନୟାଗଡରେ ସ୍କୁଲ ଅପଗ୍ରେଡେସନ ପାଇଁ ପ୍ଲାନ ଏବଂ ଏଷ୍ଟିମେଟ ଦେବାକୁ ଏହାର ନିର୍ଦ୍ଦେଶକ ଚଞ୍ଚଳ ମୁଖାର୍ଜୀଙ୍କୁ ଚିଠି କରିଛନ୍ତି। ଆଉ ଏ ଚିଠି ସ୍ପଷ୍ଟ କରୁଛି ବ୍ରିଜ ଆଣ୍ଡ ରୁଫ୍ କମ୍ପାନୀ ସହ ବିଷ୍ଣୁପଦ ସେଠୀଙ୍କର ସିଧାସଳଖ ଲିଙ୍କ ରହିଛି। ତେବେ ଏ କାମ ସରକାରୀ ନିୟମ ଆଧାରରେ ଦିଆଯାଇଛି କି ନାହିଁ ତାକୁ ନେଇ ପ୍ରଶ୍ନ ଉଠିଛି। ଚଞ୍ଚଳ ମୁଖାର୍ଜୀଙ୍କ ସହ ବିଷ୍ଣୁପଦଙ୍କର କ'ଣ ରହିଛି ସଂପର୍କ? ପୂର୍ବ ସରକାରରେ ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗ ଦାୟିତ୍ୱରେ ଥିବାରୁ ବଞ୍ଚଳଙ୍କୁ ଆଉ କିଛି ଅନୁଗ୍ରହ ଦେଖାଇଛନ୍ତି କି ବିଷ୍ଣୁପଦ? ବିଷ୍ଣୁପଦ ସେଠୀଙ୍କ ପାଇଁ ବିବାଦ ନୂଆ ନୁହେଁ। ପୂର୍ବରୁ ବି ଏକାଧିକ ଦୁର୍ନୀତି ଅଭିଯୋଗରେ ସେ ଛନ୍ଦି ହୋଇଥିଲେ। ବହୁ ଚର୍ଚ୍ଚିତ ଓମେଡ ସ୍କାମରେ ତାଙ୍କ ନାଁ ଥିଲା। ଏନେଇ ଲୋକାୟୁକ୍ତରେ ବି ମାମଲା ହୋଇଥିଲା। ସମବାୟ ବିଭାଗ ସଚିବ ଥିବା ବେଳେ କମ୍ପ୍ୟୁଟର କିଣା ଦୁର୍ନୀତି, ସମବାୟ ବ୍ୟାଙ୍କ ମ୍ୟାନେଜମେଣ୍ଟ ଇନଚାର୍ଜ ଦାୟିତ୍ୱରେ ଥିବା ବେଳେ ବେଆଇନ ଭାବେ ମାଆଙ୍କ ଚିକିତ୍ସା ପାଇଁ ଟଙ୍କା ଉଠାଇ ଏବଂ ପରବର୍ତ୍ତୀ ସମୟରେ ଫେରାଇ ବି ବିବାଦକୁ ଆସିଥିଲେ ବିଷ୍ଣୁପଦ। ଆଉ ଏବେ ପୁଣି ଏକ ଦୁର୍ନୀତି ଅଭିଯୋଗରେ ତାଙ୍କ ନାଁ।

## ସମ୍ବିଧାନ ଭାରତୀୟ...

ସବୁକ୍ଷେତ୍ରରେ ମହିଳାଙ୍କ ଅବଦାନ ବଢ଼ିବାରେ ଲାଗିଛି। ସଂସଦରେ ପ୍ରତିନିଧିତ୍ୱ ବଢ଼ିଛି; କ୍ରୀଡ଼ା, ମହାକାଶ ବିଜ୍ଞାନରେ ବି ବଢ଼ିଛି। ଆମ ସମ୍ବିଧାନ ଭାରତୀୟ ଏକତାର ପ୍ରତୀକ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ। ସେ କହିଛନ୍ତି, ସମ୍ବିଧାନ ସଭାରେ ସବୁ ବର୍ଗର ଲୋକଙ୍କୁ ସାମିଲ କରାଯାଇଥିଲା। ବିବିଧତା ଭିତରେ କିପରି ସମନ୍ୱୟ ରହିବ ତାକୁ ଗୁରୁତ୍ୱ ଦିଆଯାଇଥିଲା। ବିବିଧତା ଭିତରେ ଏକତା ହେଉଛି ଆମର ଶକ୍ତି। ଭାରତର ଏକତା ପାଇଁ ନିରନ୍ତର ଭାବେ କାର୍ଯ୍ୟ କରି ଆସୁଛି ବୋଲି ସେ କହିଛନ୍ତି। ଆଉ ଏଥିପାଇଁ ଧାରା ୩୭୦କୁ ଉଚ୍ଛେଦ କରିବାକୁ ପଡ଼ିଲା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ୱାନ୍ ନେସନ ୱାନ୍ ଟ୍ୟାକ୍ସ ପାଇଁ ଜିଏସ୍ଟି, ୱାନ୍ ନେସନ ୱାନ୍ ରାସନ କାର୍ଡ ବ୍ୟବସ୍ଥା, ୱାନ୍ ନେସନ ୱାନ୍ ହେଲ୍ଥ କାର୍ଡ ପାଇଁ 'ଆୟୁଷ୍ମାନ ଭାରତ' ବିଷୟରେ କହିବା ସହିତ ଡିଜିଟାଲ୍ ଇଣ୍ଡିଆରେ ଆମର ଅଗ୍ରଗତି ସମସ୍ତେ ଦେଖୁଛନ୍ତି ବୋଲି ସେ କହିଛନ୍ତି। ନୂଆ ଶିକ୍ଷାନୀତିରେ ମାତୃଭାଷାକୁ ଗୁରୁତ୍ୱ ଦିଆଯାଇଛି ବୋଲି ସେ କହିଛନ୍ତି। ମାତୃଭାଷା ପଢ଼ି ଜଣେ ଡାକ୍ତର, ଇଞ୍ଜିନିୟର ହୋଇ ପାରିବେ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ।

## ଦୋଛକିରେ...

ବି ଜଣକ ପରେ ଜଣେ ଦଳ ଛାଡିବା ଆରମ୍ଭ କରିଛନ୍ତି। ୯ ରେ ଥିବା ସଂଖ୍ୟା ୭କୁ ଖସି ଆସିଛି। ଦଳର ଆଭିମୁଖ୍ୟ ସ୍ପଷ୍ଟ ନଥିବାରୁ ତୃଣମୂଳ ସ୍ତରରେ ପ୍ରଭାବ ପଡୁଥିବା କଥା ବି କିଛି ନେତା ନବୀନଙ୍କୁ ଅବଗତ କରାଉଥିବା ସୂଚନା ମିଳିଛି। ଏଭଳି ସ୍ଥିତିରେ ବିଜେଡି ନେତା କହୁଛନ୍ତି ଆମ ଦଳ ସମ୍ପୂର୍ଣ୍ଣତାରେ ବିଶ୍ୱାସ ରଖିଛି। ବିଜେଡି ଛାଡ଼ି ଯେଉଁମାନେ ଯାଉଛନ୍ତି ସେମାନେ କାଉନସିଲର ଜିତି ପାରିବେନି। ବିଜେପି କହିଛି ଦୁଇ ଆସିଛନ୍ତି ଆଉ ଦୁଇ ଲାଇନରେ। ବିଜେଡି ନିଶ୍ଚିହ୍ନ ହୋଇଯିବ। ରାଜ୍ୟସଭା ଅଧକ୍ଷ ତଥା ଉପରାଷ୍ଟ୍ରପତିଙ୍କ ବିରୋଧରେ ଅନାସ୍ଥା ଓ ୱାନ୍ ନେସନ ୱାନ୍ ଇଲେକସନକୁ ନେଇ ଦଳ ଏଯାଏଁ ଆଭିମୁଖ୍ୟ ସ୍ପଷ୍ଟ କରିନି। କିନ୍ତୁ ମାନସ ମଙ୍ଗରାଜ,ନିରଞ୍ଜନ ବିଶି, ଶୁଭାଶିଷ ଖୁଣ୍ଟିଆଙ୍କ ଭଳି କିଛି ସାଂସଦ ଯା ଭିତରେ ଧନଖଡଙ୍କୁ ଭେଟିବା ରାଜନୈତିକ ମହଲରେ ଆଲୋଚନା ସୃଷ୍ଟି କରିଛି। ଦେଶର ପ୍ରତ୍ୟେକ ଆଞ୍ଚଳିକ ଦଳ ଘଉଳ କିୟା ଇଣ୍ଡି ମେଣ୍ଟ ସହ ଅଛନ୍ତି। କିନ୍ତୁ ବିଜେଡି କ୍ଷେତ୍ରରେ ବର୍ତ୍ତମାନ ବ୍ୟତିକ୍ରମ ଦେଖାଦେଇଛି। ନବୀନ କିନ୍ତୁ ନିକଟରେ କହିଥିଲେ ଅନାସ୍ଥା ପ୍ରସଙ୍ଗରେ ଦଳ ମତ କଣ ହେବ ସେନେଇ ବିଚାର ବିମର୍ଶ ଚାଲିଛି। ନିର୍ବାଚନ ବିପର୍ଯ୍ୟୟ ପରଠୁ ବିଜେଡିର ଆତ୍ମ ବିଶ୍ୱାସ ଲଗାତର ଖସି ଚାଲିଥିବାବେଳେ ବିଜେପି କିନ୍ତୁ କଂଗ୍ରେସକୁ ବଡ଼ାଇ ଚାଲିଛି। ଦେଖିବାର କଥା ହେଉଛି ମମତା ଓ ସୁଜିତଙ୍କ ପରେ ଏବେ କିଏ ବିଜେଡି ଛାଡି ବିଜେପିକୁ ଆସୁଛନ୍ତି।

## ସମ୍ବଲରେ ମିଳିଲା...

ବିଜୁଳି ଚୋରି ଧରିବାକୁ ଯୋଇଥିବା ଏହି ଚଢ଼ାଉ ସମୟରେ ଏହି ବହୁ ପୁରାତନ ମନ୍ଦିର ଦେଖିବାକୁ ମିଳିଥିଲା। ମନ୍ଦିର ଭିତରେ ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବା ଭଗବାନଙ୍କ ମୂର୍ତ୍ତି ଗୁଡ଼ିକୁ ନିଜେ ଷେପୋକାର ସର୍କଲ ଅଫିସର ଅନୁଜ ଚୌଧୁରୀ ଓ ଅନ୍ୟ ପୁଲିସ କର୍ମଚାରୀମାନେ ସଫା କରିଥିଲେ। ଏହି ସମୟର ଫଟୋ ଏବେ ସୋଶାଲ ମିଡିଆରେ ବେଶ ଭାଇରାଲ ହେଉଛି।

## ଲାଲକୃଷ୍ଣ ଆଡ଼ଭାନୀ ...

ସେହିପରି ଗତ ଅଗଷ୍ଟ ମାସରେ ତାଙ୍କୁ ପୁଣି ଥରେ ଆପୋଲୋ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଏକାଧିକ ରୁଟିନ ଟେଷ୍ଟ ଓ ଯାଞ୍ଚ ପରେ ତାଙ୍କୁ ଡିସ୍ଚାର୍ଜ କରିଦିଆଯାଇଥିଲା। ଚଳିତ ବର୍ଷ ପ୍ରାରମ୍ଭରେ ତାଙ୍କୁ ଦିଲ୍ଲୀ ଏମ୍ସରେ ଭର୍ତ୍ତି କରାଯାଇଥିଲା। ତେବେ ଗୋଟିଏ ରାତି ରଖାଯାଇ ତାଙ୍କୁ ଡିସଚାର୍ଜ କରିଦିଆଯାଇଥିଲା। ସ୍ୱର୍ଗତ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱାଧୀନ ଏନ୍ଡିଏ ସରକାରରେ ଆଡ଼ଭାନୀ ଉପ-ପ୍ରଧାନମନ୍ତ୍ରୀ ସହିତ ସ୍ୱରାଷ୍ଟ୍ର ମନ୍ତ୍ରୀ ଥିଲେ। ୨୦୦୯ ଲୋକସଭା ନିର୍ବାଚନରେ ସେ ବିଜେପିର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଥିଲେ। ଚଳିତ ବର୍ଷ ତାଙ୍କୁ ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ 'ଭାରତ ରତ୍ନ' ପ୍ରଦାନ କରାଯାଇଥିଲା।

## ଖସୁଛି ପାରଦ...

ଗତ ୨୪ ଘଂଟାରେ କିଛିକିଛି ସ୍ଥାନରେ ଘନକୁହୁଡ଼ି ଦୃଶ୍ୟମାନ ସହ ଶୀତର ପ୍ରକୋପ ଅନୁଭୂତ ହେଉଥିବା ବେଳେ ରାଉରକେଲାରେ ସର୍ବନିମ୍ନ ତାପମାତ୍ରା ୭.୭ ଡିଗ୍ରି ରେକର୍ଡ ହୋଇଛି। ସେହିପରି ପାହାଡ଼ିଆ ଅଂଚଳ କି ଉଦୟଗିରିରେ ୫.୨ ଡିଗ୍ରି ସର୍ବନିମ୍ନ ତାପମାତ୍ରା ରେକର୍ଡ ହୋଇଛି। ଭୁବନେଶ୍ୱରରେ ସର୍ବନିମ୍ନ ତାପମାତ୍ରା ୧୪ ଓ କଟକରେ ୧୨ ଡିଗ୍ରି ତାପମାତ୍ରା ରେକର୍ଡ କରାଯାଇଛି। ପାଣିପାଗ ବିଭାଗ କହିଛି, ଆଗାମୀ ୩ ଦିନ ପାଇଁ ରାଜ୍ୟରେ ପାଗ ମୁଖ୍ୟତଃ ଶୁଷ୍କିଲା ରହିବ। କିନ୍ତୁ ୧୭ ଠାରୁ ପୁଣି ରାଜ୍ୟରେ ବର୍ଷାର ସମ୍ଭାବନା ଅଛି। ବାୟୁର ଦିଶା ପରିବର୍ତ୍ତନକୁ ନେଇ ବଙ୍ଗୋପ ସାଗରରୁ ରାଜ୍ୟ ମଧ୍ୟକୁ ଯେଉଁ ବାୟୁ ପ୍ରବାହିତ ହେଉଛି। ଏହାଦ୍ୱାରା ଆର୍ଦ୍ରତାର ପରିମାଣ ରହୁଛି। ଫଳରେ ଆକାଶ ମେଘୁଆ ସହ କାଁଇଁ ବର୍ଷା ସମ୍ଭାବନା ରହିଛି। ୧୭ ତାରିଖରେ ବର୍ଷା ସମ୍ଭାବନାକୁ ନେଇ ଗଜପତି, ଗଂଜାମ, ପୁରୀ, ରାୟଗଡ଼ା ଜିଲ୍ଲାଗୁଡ଼ିକରେ ଗୋଟିଏରୁ ଦୁଇଟି ସ୍ଥାନରେ ହାଲ୍କା ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୧୮ ତାରିଖରେ ଗଜପତି, ଗଂଜାମ, ପୁରୀ, ରାୟଗଡ଼ା, ଖୋର୍ଦ୍ଧା, ନୟାଗଡ଼, କୋରାପୁଟ ଓ ମାଲକାନଗିରି ଜିଲ୍ଲା ଏବଂ ୧୯ ତାରିଖରେ ଗଂଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, କନ୍ଧମାଳ ଓ କଳାହାଣ୍ଡି ଜିଲ୍ଲାଗୁଡ଼ିକରେ ଗୋଟିଏରୁ ଦୁଇଟି ସ୍ଥାନରେ ହାଲ୍କାରୁ ମଧ୍ୟମଧରଣର ବର୍ଷା ହେବାର ସମ୍ଭାବନା ରହିଛି। ପୁଣି ୨୦ ତାରିଖ ପରଠୁ ପାଗରେ ଶୁଷ୍କିଲା ଆସିବା ବୋଲି ପୂର୍ବାନୁମାନ କରାଯାଇଛି।

## ପୁଣି ଶମ୍ଭୁସୀମାରେ ...

ବଳ ପ୍ରୟୋଗ କରାଯାଇଛି। ୧୭ ଜଣ ଆହତ ହୋଇଛନ୍ତି। ଅନେକ ଚାଷୀ ଗୁରୁତର ଆହତ ହୋଇଛନ୍ତି। ସେ ଆହୁରି ପ୍ରଶ୍ନ କରିଛନ୍ତି ଆପଣ ସଂସଦରେ ସମ୍ବିଧାନ ଚର୍ଚ୍ଚା କରୁଛନ୍ତି। ଶାସକ ଏବଂ ବିରୋଧୀ ଦୁହେଁ ମିଶି ଖେଳୁଛନ୍ତି। ଆମ ସ୍ୱର ଉଠାଉନାହାଁନ୍ତି। ଚାଷୀ ନେତା ସରବନ ସିଂହ ପନ୍ଧେର କହିଛନ୍ତି ୧୮ ତାରିଖ ପର୍ଯ୍ୟନ୍ତ କୌଣସି ଗୋଷ୍ଠୀ ଦିଲ୍ଲୀ ଅଭିମୁଖେ ଯିବେନାହିଁ। ଆଉ ଆଗକୁ ହରିୟାଣା ଚାଷୀ ମଧ ଦିଲ୍ଲୀ ଅଭିମୁଖେ ବାହାରିବେ।

## ମଣିପୁରରେ ୫.୮୭...

(ସାବୁନ ବକ୍ସ କେସ ସମେତ ଓଜନ)ଜବତ କରିଛି।ଏହି ନିଷେଧ ପଦାର୍ଥ ୪୦ ବର୍ଷୀୟ ମହିଳା ଏନ.ସୋହ୍ରାଙ୍କ ଘରୁ ଉଦ୍ଧାର କରାଯାଇଛି।ଏହି ମାମଲାରେ ଚାରିଜଣଙ୍କୁ ଗିରଫ କରାଯାଇଛି।ଗିରଫ ବ୍ୟକ୍ତିଙ୍କ ନାମ ଖୋବୀ(୨୭),ରେବିଖେଇ(୨୩),ଲୋବୀ(୨୪)ତଥା କେଇସୁଖେଇ(୨୩)ବୋଲି ଜଣାପଡିଛି।ଏହି ମାମଲାରେ ଏଫଆଇଆର ପଞ୍ଜୀକୃତ ହୋଇଛି ଏବଂ ଅଧିକ ତଦନ୍ତ ଚାଲିଛି।

# ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଫିଟ୍ ଇଣ୍ଡିଆ ୨୦୨୪ ଉଦ୍‌ଯାପିତ



ବାରିପଦା, ୧୪/୧୨ (ନି.ପ୍ର): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଫିଟ୍ ଇଣ୍ଡିଆ ୨୦୨୪ କାର୍ଯ୍ୟକ୍ରମର ଷଷ୍ଠ ସଂସ୍କରଣ ଆଜି ଉଦ୍‌ଯାପିତ ହୋଇ ଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ଗତ ୫ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହରେ ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ହେମନ୍ତ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ପ୍ରଫେସର ସାହୁ ନିଜ ବକ୍ତବ୍ୟରେ ଛାତ୍ରଛାତ୍ରୀ ମାନଙ୍କୁ ନିୟମିତ ଅଭ୍ୟାସ, ଦୌଡ଼, ଯୋଗ, ଏବଂ ଖେଳକୁ ଜୀବନର ଅଂଶ ଭାବେ ଗ୍ରହଣ କରିବାକୁ ପ୍ରେରଣା ଦେଇଥିଲେ। କାର୍ଯ୍ୟକ୍ରମର ସଂଯୋଜକ ପ୍ରାଣୀ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ. ପ୍ରିୟରଞ୍ଜନ ଦେବତା ଫିଟ୍ ଇଣ୍ଡିଆ ୨୦୨୪ର ପୃଷ୍ଠଭୂମି ଓ ଏଥିପାଇଁ ବିଶ୍ୱବିଦ୍ୟାଳୟରେ ଆୟୋଜନ କରାଯାଇଥିବା ବିଭିନ୍ନ ପ୍ରତିଯୋଗିତା ଯଥା ଧୀର-ସାଇକେଲ ଚାଳନା, ତର୍କ, ପ୍ରବନ୍ଧ, କୁଇଜ୍, ପୋଷ୍ଟର, ଦଉଡ଼ିଡିଆଁ, ଦୌଡ଼, ଯୋଗ, ଓ ବିଭିନ୍ନ ପାରମ୍ପରିକ ଭାରତୀୟ କ୍ରୀଡ଼ାର ଆୟୋଜନ ସମ୍ପର୍କରେ ସୂଚନା ଦେଇଥିଲେ। ମୟୂରଭଞ୍ଜ ଆଥ୍‌ଲେଟିକ୍ ଆସୋସିଏସନ୍‌ର ସମ୍ପାଦକ ବିଜୟ କୁମାର ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତାମାନଙ୍କୁ ଟ୍ରଫି ସହ ମାନପତ୍ର ପ୍ରଦାନ କରିଥିଲେ। କମ୍ପ୍ୟୁଟର ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ. ଜନ୍ମେଞ୍ଜୟ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସାଖ୍ୟିକୀ ବିଭାଗର ସହକାରୀ ପ୍ରଫେସର ଡ. ଯତୀନ୍ଦ୍ରନାଥ ବେଶ୍ରା ଧନ୍ୟବାଦ ଅର୍ପଣ କରିଥିଲେ। ଏ ସମସ୍ତ କାର୍ଯ୍ୟକ୍ରମର ପରିଚାଳନାରେ ପ୍ରାଣୀ ବିଜ୍ଞାନ ବିଭାଗର ପ୍ରଫେସର ପୁଷ୍ପାଞ୍ଜଳି ପରିଡ଼ା, ଅର୍ଥନୀତି ବିଭାଗର ପ୍ରଫେସର ମିନତୀ ମଲ୍ଲିକ, ଉଦ୍ଭିଦ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ. ବିଷ୍ଣୁପ୍ରିୟା ହାଁସଦା, ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଶିକ୍ଷକ ପ୍ରଦୀପ୍ତ ରଞ୍ଜନ ଦାସ ପ୍ରମୁଖ ସହଯୋଗ କରିଥିଲେ। ଆୟୋଜିତ ପ୍ରତିଯୋଗିତା ଗୁଡ଼ିକରେ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅଭୂତପୂର୍ବ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

# ରେମୁଣା ଜୁନିଅର କଲେଜରେ ବିଶ୍ୱ ଏଡ଼ସ ଦିବସ ପାଳିତ




ରେମୁଣା, ୧୪/୧୨ (ନି.ପ୍ର): ରେମୁଣା ହାୟାର ସେକେଣ୍ଡାରୀ ସ୍କୁଲ (ରେମୁଣା ଜୁନିଅର କଲେଜ) ରେ ଅନୁଷ୍ଠାନର ୟୁଥ୍ ରେଡ଼କ୍ରସ ୟୁନିଟ ଏବଂ ରେଡ୍ ରିବନ୍ କ୍ଲବ ଆନୁକୂଲ୍ୟରେ ବିଶ୍ୱ ଏଡ଼ସ ଦିବସ ପାଳନ ଅବସରରେ ଏକ ଏଡ଼ସ ସଚେତନତା ସଭା କଲେଜ ଅଧକ୍ଷ ହରିଶ୍ଚନ୍ଦ୍ର ବାଗ୍ ଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଯାଇଛି। ଏହି ସଭାରେ ମୁଖ୍ୟ ଅତିଥି ତଥା ରିସୋର୍ସ ପର୍ସନଭାବେ ଯୋଗଦାନ କରି ସ୍ୱନାମଧନ୍ୟ ଆୟୁର୍ବେଦ ବିଶେଷଜ୍ଞ ପ୍ରଫେସର ଡ଼ଃ ଶାନ୍ତନୁ କୁମାର ଦାସ ଛାତ୍ରଛାତ୍ରୀମାନଙ୍କୁ ଏଡ଼ସ ର ଭୟାବହତା, କାରଣ, ନିରାକରଣ ଓ ସତର୍କତା ଅବଲମ୍ବନ ସମ୍ପର୍କରେ ବୁଝାଇଥିଲେ। ଏତଦ୍ ବ୍ୟତୀତ କଲେଜ ର ପୂର୍ବତନ ଅଧକ୍ଷ ତଥା ଇତିହାସ ବିଭାଗୀୟ ମୁଖ୍ୟ ଡଃ ଶାନ୍ତନୁ କୁମାର ପାଣି ଏବଂ ଇଂରାଜୀ ବିଭାଗର ମୁଖ୍ୟ ଅଧ୍ୟାପକ ବିରେଶ କୁମାର ଷଡ଼ଙ୍ଗୀ ଏଡ଼ସ ଓ ଏଚ୍ଆଇଭି ଉପରେ ଆଲୋକପାତ କରିଥିଲେ। ଏହି ସଚେତନତା ଶିବିର କୁ କଲେଜ ୟୁଥ ରେଡକ୍ରସ୍ ୟୁନିଟ ତଥା ରେଡ୍ ରିବନ୍ କ୍ଲବ ର ଉପଦେଷ୍ଟା ଡଃ ପ୍ରଶାନ୍ତ କୁମାର ମହାନ୍ତି ପରିଚାଳନା କରିଥିଲେ। ଏଡ଼ସ ସମ୍ପର୍କିତ କୁଇଜ୍, ତର୍କ, ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀମାନଙ୍କୁ ଅତିଥିଙ୍କ ଦ୍ୱାରା ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ପରିଶେଷରେ ଉଦ୍ଭିଦ ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପିକା ରୀତା ରାଣୀ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସ୍ଥାନୀୟ ଅଧିବାସୀମାନଙ୍କୁ ଏଡ଼ସ ସମ୍ପର୍କରେ ସଚେତନ କରାଇବା ଲାଗି ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ପଦଯାତ୍ରା ର ଆୟୋଜନ କରାଯାଇଥିବାବେଳେ ଅନୁଷ୍ଠାନ ର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଅଣଶିକ୍ଷକ କର୍ମଚାରୀ ମାନେ ଏହି କାର୍ଯ୍ୟକ୍ରମରେ ସହଯୋଗ ପୂର୍ବକ ସଫଳ କରାଇଥିଲେ।

# ଜିଲ୍ଲା ସ୍ତରୀୟ ଯୁବ ଉତ୍ସବ ତଥା ପ୍ରତିଯୋଗିତା ନିମନ୍ତେ ପ୍ରସ୍ତୁତି ବୈଠକ

ସୁବର୍ଣ୍ଣପୁର, ୧୪/୧୨ (ନି.ପ୍ର): ଜିଲ୍ଲା ସ୍ତରୀୟ ଯୁବ ଉତ୍ସବ ତଥା ରାଜ୍ୟ ସ୍ତରରେ ଅନୁଷ୍ଠିତ ଜାତୀୟ ଯୁବ ଉତ୍ସବ ୨୦୨୫ ରେ ଜିଲ୍ଲାରୁ ପ୍ରତିନିଧିତ୍ୱ କରିବା ପାଇଁ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝିଙ୍କ ପୌରାହିତ୍ୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆଗାମୀ ତା ୧୭/୧୨/୨୪ ଦିନ ସ୍ଥାନୀୟ ସଂସ୍କୃତି ଭବନ ଠାରେ ଜାତୀୟ ଯୁବ ଉତ୍ସବ ୨୦୨୫ ନିମନ୍ତେ ରାଜ୍ୟ ସ୍ତରକୁ ପ୍ରତିଯୋଗୀ ପଠାଇବା ପାଇଁ ଜିଲ୍ଲାସ୍ତରୀୟ ପ୍ରତିଯୋଗୀତା ଅନୁଷ୍ଠିତ କରାଯିବ। ଉକ୍ତ ଦିନ ଜିଲ୍ଲାର ୧୫ ବର୍ଷରୁ ୨୯ ବର୍ଷର ଯୁବ ବର୍ଗ ଙ୍କ ମଧ୍ୟରେ ଦଳଗତ ଲୋକନୃତ୍ୟ,ଦଳଗତ ଲୋକ ସଙ୍ଗୀତ,ଏକକ ଲୋକନୃତ୍ୟ, ଏକକ ଲୋକ ସଙ୍ଗୀତ, ହିନ୍ଦୀ ଓ ଇଂରାଜୀ ଭାଷାର ପଦ୍ୟ ପଠନ /ଗଳ୍ପ ଲିଖନ, ଚିତ୍ରକଳା, ହିନ୍ଦୀ ଓ ଇଂରାଜୀ ଭାଷାରେ ଉପସ୍ଥାପିକ ବକ୍ତୃତା ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ କରାଯିବ।


## INVITATION FOR BIDS

(Through E-Procurement)
Tender Reference No.03/BM/2024-25
Tender Call Notice No. 6018 / BM /dtd. 12/12/2024
Tender ID No.

The Executive Officer, Bhadrak Municipality, Bhadrak invites percentage rate bids in double cover system through e-procurement in conformity with the detailed tender call notice to be eventually drawn up in Municipal Agreement form for execution of the works as detailed in the table below from eligible class of contractors registered with the state Government/contractors of equivalent grade/class registered with central Government/MES/Railways and Municipal Contractors on production of definite proof from the appropriate authority. Only tenderers with sound financial background capable of investing required amount for advance procurement of all materials required for the work need apply.

| | | |
|---|---|---|
| 1. | Name of the work | : Repair & renovation of road from Shani Mandir Chhak to NH-16 via New Bus Stand in Ward No.6 |
| 2. | No of works put to tender | : 1 No individual civil construction works |
| 3. | Estimated cost | : As per DTCN |
| 4. | Period of completion | : As per DTCN |
| 5. | Date and time of availability of bid document in the portal | : From 10.00 hours of Dt.16.12.24 to 17.00 hours of Dt.30.12.24 |
| 6. | Mode of deposit towards cost of Bid document & EMD | : Online |
| 7. | Date and time of opening of Technical bid | : 11.00 hours and onwards of Dt. 31.12.2024 |
| 8. | Name and address of the Officer Inviting Bid | : Executive Officer, Bhadrak Municipality, Bhadrak. |

Further details can be seen from the e-procurement portal "https://tendersorissa.gov.in"
or "http://tenders.ori.nic.in/nicgep/app"

OIPR : 13152/11/0016/2425

Executive Officer
Bhadrak Municipality


# ଗୀତା ଜୟନ୍ତି ଓ ତୁଳସୀ ପୂଜନ ଉତ୍ସବ ଅନୁଷ୍ଠିତ

ବାଲେଶ୍ୱର, ୧୪/୧୨ (ନି.ପ୍ର): ମାନସିଂ ବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଗୀତା ଜୟନ୍ତି ଓ ତୁଳସୀ ପୂଜନ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପରିଚାଳନା କମିଟିର ସଭାପତି ଯୋଗଦେଇ ସାମ୍ପ୍ରତିକ ସମାଜରେ ଗୀତାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ତୁଳସୀ ପୂଜନ ଓ ତୁଳସୀର ଔଷଧୀୟ ଗୁଣକୁ ନେଇ ବିଶେଷ ବକ୍ତା ଭାବରେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ତଥା ସମାଜସେବୀ ପ୍ରତିମା ପଣ୍ଡା ବକ୍ତବ୍ୟ ରଖିଥିଲେ।ପୂଜ୍ୟ ସନ୍ଥ ଶ୍ରୀ ଶ୍ରୀ ଆଶାରାମଜୀ ବାପୁଜୀ ଧର୍ମୀୟ ଅନୁଷ୍ଠାନର କର୍ମକର୍ତ୍ତା ଜୟନ୍ତ ଗୁରୁଜୀ ତୁଳସୀର ମହନୀୟତା ଉପରେ କୁନି କୁନି ପିଲାମାନଙ୍କୁ ବୁଝାଇବା ସହ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବିଦ୍ୟାଳୟର ସଂପାଦକ ଗଯାଧର କର କାର୍ଯ୍ୟକ୍ରମର ସଭାପତିତ୍ୱ କରିଥିଲେ। ଏହି ଅବସରରେ ପୂର୍ବରୁ ହୋଇଥିବା ସାଧାରଣ ଜ୍ଞାନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପ୍ରମାଣ ପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟା ମାନିନୀ ମହାନ୍ତି, ନିରୁପମା ନାୟକ,ଆରତୀମଣି ପାତ୍ର, ? ଗରିପ୍ରିୟା ଭୂୟାଁ,କାଜଲ ପାତ୍ର, ଗୀତାଞ୍ଜଳୀ ବେହେରା, ସ୍ୱର୍ଣ୍ଣପ୍ରଭା ଦାସ, ପ୍ରତିପଦ୍ମା ଭଞ୍ଜ,ପ୍ରାଥଙ୍କା ସାହୁ, ଡ଼ଲି ରାଣୀ ମାଇତି, ସେବୀକା ପ୍ରଭାସିନୀ ପଣ୍ଡା ଓ ଲକ୍ଷ୍ମୀପ୍ରିୟା ରକ୍ଷିତ ପ୍ରମୁଖ ସହଯୋଗ କରିଥିଲେ। ଏଥିରେ ବିଦ୍ୟାଳୟର ସମସ୍ତ କୁନି କୁନି ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଉପସ୍ଥିତ ଥିଲେ।

ରବିବାର, ଡିସେମ୍ବର ୧୫, ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ମହାଜନଙ୍କ ସୁଧର ଶିକାର ହେଲେ ଦମ୍ପତି: ବିଷ ପିଇ ଆତ୍ମହତ୍ୟା ଉଦ୍ୟମ

ଜଳେଶ୍ୱର, ୧୪/୧୨ (ନି.ପ୍ର): ସୂଚନା ଅନୁଯାୟୀ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଶ୍ରୀରାମପୁର ଗ୍ରାମ ପଞ୍ଚାୟତର ମାଳିପାଳ ଗାଁର ୱାର୍ଡ ନମ୍ବର୍ ୩ର ଭାନୁ ଚରଣ ଦାସଙ୍କ ସାନ ପୁତ୍ର ଝାଡେଶ୍ୱର୍ ଦାସ ୪୦(କାଳିଆ) ଓ ପୁତ୍ର ବଧୂ ଗୀତା ରାଣୀ ଦାସ (୩୬) କାଳିଆ ଗାଁ ଓ ଆଖ ପାଖ ଅଞ୍ଚଳରୁ ୧୫ରୁ ଉର୍ଦ୍ଧ ଲୋକ ମାନଙ୍କ ଠାରୁ ୨୨ଲକ୍ଷ୍ୟରୁ ଅଧିକ ଟଙ୍କା ୧୦ ଟଙ୍କା ଲେଖାଏ ସୁଧରେ ନେଇ ଏହି ସବୁ ଅର୍ଥ କୌଣସି ଏକ ଚିଟଫଣ୍ଡ ସଂସ୍ଥା ରେ ଜମା କରିଥିବାର ସୂଚନା ପରିବାର ପାଖରୁ ମିଳିଥିଲା କିନ୍ତୁ ତାଙ୍କୁ ସୁଧର ଦେଇଥିବା ଟଙ୍କା କିମ୍ବା ସୁଧ ପଇସା ନ ମିଳିବାରୁ ଟଙ୍କା ଦେଇଥିବା ମହାଜନ ମାନେ ସକାଳୁ ଆଜି ସମସ୍ତେ ଏକ ତ୍ରିତ ହୋଇ କାଳିଆଙ୍କ ଘରେ ପହଞ୍ଚି ତାଙ୍କୁ ଟଙ୍କା ଫେରସ୍ତ ପାଇଁ ଚାପ ପ୍ରୟୋଗ କରିଥଲେ ଯାହା ଫଳରେ ସେ ସେମାନଙ୍କ ଟଙ୍କା ଫେରାଇ ନ ପାରିବା କାରଣରୁ ଆଜି ସକାଳ ୭ଘଟିକା ସମୟର ଦୁହେଁ ଦମ୍ପତି ଘରେ ଚାଷ କାର୍ଯ୍ୟ ପାଇଁ ଥିବା ଘାସମରା ବିଷ ପାନ କରିଦେଇଥିଲେ ପରିବାର ଲୋକେ ବିଷ ଖାଇଦେବା ଦେଖି ସେମାନଙ୍କୁ ସଙ୍ଗେ ସଙ୍ଗେ ପାଖରେ ଥିବା ହାତୀଗର୍ଡ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ସ୍ୱାସ୍ଥ୍ୟ ଅବସ୍ଥା ସଙ୍କଟପନ୍ନ ହେବାରୁ ବାଲେଶ୍ୱର ବଡ଼ ମେଡ଼ିକାଲ ସେଠାରେ ମଧ ଗୁରୁତର ଅବସ୍ଥାରେ ପୁଣି କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି ତେଣୁ ସାଧାରଣରେ ଦାବୀ ଜୋର ଧରିଛି କି ପ୍ରକୃତରେ କାଳିଆ କେଉଁ ମାନଙ୍କ ଠାରୁ କେତେ ଟଙ୍କା କରଜ କରିଛି ଓ ଉକ୍ତ ଟଙ୍କାକୁ କେଉଁ ଚିଟଫଣ୍ଡ ସଂସ୍ଥା ରେ ଜମା କରିଛି ଉଚ୍ଚ ସ୍ତରୀୟ ତଦନ୍ତ ହେଲେ ସତ୍ୟକଥା ସବୁ ସାମ୍ନାକୁ ଆସିବା ସହିତ ଆଗାମୀ ଦିନରେ ଲୋକେ ସଚେତନତା ହେବା ସହିତ ଏହି ପରି ଅଘଟଣ ଏଡାଇ ଦିଆ ଯାଇ ପାରିବ ।

# ୧୯ତମ ସ୍ୟାଣ୍ଡ ଫେଷ୍ଟ ୨୦୨୪-୨୫ ଉଦ୍‌ଘାଟିତ




ବାଲେଶ୍ୱର, ୧୪/୧୨ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ଗାନ୍ଧୀସ୍ମୃତି ଭବନ ପରିସରରେ ୧୯ତମ ସ୍ୟାଣ୍ଡ ଫେଷ୍ଟ ୨୦୨୪-୨୫ ଉଦଘାଟନୀ ଦିବସ ପାଳିତ ହୋଇଛି। ସଙ୍ଗଠନର ସଭାପତି ଶ୍ରୀ ପ୍ରଦୀପ କୁମାର ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଉଦ୍ଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱରର ପୂର୍ବତନ ସଦର ବିଧାୟକ ଶ୍ରୀ ସ୍ୱରୂପ କୁମାର ଦାସ ପ୍ରଦୀପ ଉଜ୍ଜଳନ କରିବା ସହ ଏହି ଦିବସର ଆଭିମୁଖ୍ୟ ସମ୍ପର୍କରେ ବାର୍ତା ଦେଇଥିଲେ। ମୁଖ୍ୟ ବକ୍ତା ମହାନଦୀ ବଞ୍ଚାଓ ଆନ୍ଦୋଳନର ମୁଖ୍ୟ ଉଦ୍ୟୋକ୍ତା ଶ୍ରୀ ସୁଦର୍ଶନ ଦାସ ପ୍ରଥମ ସନ୍ଧ୍ୟାରେ ଯୋଗ ଦେଇ ସ୍ୟାଣ୍ଡଫେଷ୍ଟ ବାଲେଶ୍ୱରର ଏକ ବହୁ ପୁରାତନ ଏବଂ ଉଚ୍ଚକୋଟୀର ସାଂସ୍କୃତିକ କାର୍ଯ୍ୟକ୍ରମ ବୋଲି ମତ ବ୍ୟକ୍ତ କରିଥିଲେ।୧୯ ବର୍ଷ ଧରି ସ୍ୟାଣ୍ଡଫେଷ୍ଟ କିଭଳି ଯୁବ ପ୍ରତିଭା ମାନଙ୍କ ଆଗକୁ ନେବା ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରି ସୁଖ୍ୟାତି ଅର୍ଜି ଥିବାବେଳେ ଆଗକୁ କିପରି ଆହୁରି ଅଧିକ ଭଲ କାର୍ଯ୍ୟ କରି ପାରିବ ଏନେଇ ପ୍ରଚେଷ୍ଟା ଜାରି ରଖିଛି ବୋଲି ଅତିଥିମାନେ ମତ ବ୍ୟକ୍ତ କରିଥିଲେ ।ସେହିଭଳି ଭାବେ ଅନ୍ୟାନ୍ୟ ଅତିଥିମାନଙ୍କ ମଧ୍ୟରେ ମୁଖ୍ୟ ପୃଷ୍ଠ ପୋଷକ ଶ୍ରୀ ରିତିକ୍ ଜୀ, ସହ ଉପାଧ୍ୟକ୍ଷ ପ୍ରକାଶ କିଶୋର ନାୟକ, ଉପଦେଷ୍ଟା ଶ୍ରୀ ଗୌର ହରି ମଲ୍ଲିକ,ସାଂସ୍କୃତିକ ସମ୍ପାଦକ ଲକ୍ଷ୍ମୀକାନ୍ତ ସ୍ୱାଇଁ, ପ୍ରୋଗ୍ରାମ ସଂଯୋଜକ ଶ୍ରୀ ଅମୟ କୁମାର ଦାସ ଆଦି ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମର ପ୍ରଥମ ଦିବସରେ ତିନି ଶହ ଚାଳିଶ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ । ଏହି ପରିପ୍ରେକ୍ଷୀରେ ବେବି ଆଇକନ, ମିସ୍ ସ୍ୟାଣ୍ଡ ଫେଷ୍ଟ ପାରମ୍ପରିକ ରାଉଣ୍ଡ, କୁଇନ ଅଫ୍ ସ୍ୟାଣ୍ଡ ଫେଷ୍ଟର ପାରମ୍ପରିକ ଓ ରିଲ୍ ରାଉଣ୍ଡ, ଶାସ୍ତ୍ରୀୟ ନୃତ୍ୟ,ଆଧୁନିକ ନୃତ୍ୟ ଆଦି ଆୟୋଜିତ ହୋଇଯାଇଥିଲା । ଦୁଇ ଦିନ ଧରି ହେବାକୁ ଥିବା ଏହି କାର୍ଯ୍ୟକ୍ରମର ଶେଷ ସନ୍ଧ୍ୟାରେ ପ୍ରସିଦ୍ଧ ଓଲିଉଡ ପ୍ଲେବ୍ୟାକ ଗାୟକ ତାରିକ୍ ଅଜିଜ ଙ୍କ ସମେତ ଅନ୍ୟାନ୍ୟ ସେଲିବ୍ରିଟି ଯୋଗଦେବେ ବୋଲି କାର୍ଯ୍ୟକ୍ରମର ସଭାପତି ଶ୍ରୀ ପ୍ରଦୀପ କୁମାର ଦାସ ସୂଚନା ଦେଇଥିଲେ। ସଂଗଠନର କୋଷାଧକ୍ଷ ଶ୍ରୀ ଝାଡେଶ୍ୱର ଜେନା ମଞ୍ଚ ଆହ୍ୱାନ କରିଥିବା ବେଳେ ସାଂଗଠନିକ ସମ୍ପାଦକ ଶ୍ରୀ ପାର୍ଥସାରଥୀ ଦାସ ସମସ୍ତଙ୍କୁ ଧନ୍ୟବାଦ ଜଣାଇ ସଭା ସାଙ୍ଗ କରିଥିଲେ।

# ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ବାର୍ଷିକ କ୍ରୀଡା ଉତ୍ସବ



ନୀଳଗିରି, ୧୪/୧୨ (ନି.ପ୍ର): ଔପଦା ବ୍ଲକ୍ ଅଧିନ ଇଶ୍ୱରପୁର ସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ୨୨ତମ ବାର୍ଷିକ କ୍ରୀଡାଉତ୍ସବ ୨୦୨୪ ଡିସେମ୍ବର ୧୩ଓ ୧୪ତାରିଖ ଦୁଇଦିନ ଧରି ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଦିବ୍ୟଜନନୀ ଶ୍ରୀମାଙ୍କ ପକ୍ଷରୁ କ୍ରୀଡାମଶାଲ ଆସି ସ୍ଥାପନ ହେବାପରେ ଧ୍ୟାନ ସଙ୍ଗୀତରେ ସମସ୍ତେ ଏକାଗ୍ର ହୋଇଥିଲେ। ବିଦ୍ୟାଳୟର ସମ୍ପାଦକଙ୍କ ଦ୍ୱାରା ମାତୃପତାକା ଉତ୍ତୋଳନ କରିଥିଲେ।ଛାତ୍ରଛାତ୍ରୀଙ୍କ ଦ୍ୱାରା ମାର୍ଚ୍ଚପାଷ୍ଟ ଓ ଜାତୀୟସଙ୍ଗୀତ ଗାନ କରାଯାଇଥିଲା। ପ୍ରଧାନଶିକ୍ଷୟତ୍ରୀ ସାଗରିକା ପରିଡା ଛାତ୍ରଛାତ୍ରୀ ମାନଙ୍କୁ କ୍ରୀଡା ଅନୁଶାସନ ସମ୍ପର୍କରେ ଶପଥ ପାଠ କରାଇଥିଲେ। ଉଦ୍ଘାଟନୀ ଦିବସରେ ସମ୍ପାଦକ ଅଶ୍ୱନିକୁମାର ମଉଗଜ ଛାତ୍ରଛାତ୍ରୀଙ୍କ ଶାରିରୀକ, ପ୍ରାଣିକ ଓ ମାନସିକ ବିକାଶ ପାଇଁ କ୍ରୀଡାର ଉପଯୋଗୀତା ସମ୍ପର୍କରେ ଆଲୋଚନା କରିବା ସହିତ ଉଚ୍ଚତର ଶକ୍ତିକୁ ଧାରଣ ଓ କାର୍ଯ୍ୟକ୍ରମ କରିବା ପାଇଁ କ୍ରୀଡାମାଧମରେ ନିଜ ଶରୀରକୁ ପ୍ରସ୍ତୁତ କରିବା ପାଇଁ ଆହ୍ୱାନ ଦେଇଥିଲେ। ପ୍ରଥମଦିନର କ୍ରୀଡାଉତ୍ସବକୁ ମଧୁସୂଦନ ସାମଲ, ଶ୍ରୀଧର ବାରିକ ଓ ରାଧାକୃଷ୍ଣ ସେଠୀ ପରିଚାଳନା କରିଥିବା ବେଳେ ସେମାନଙ୍କୁ ରଞ୍ଜିତାବାଳା ଦାସ, ଝୁନାମଣି ବେହେରା, ସୁଶ୍ରୀ ସଙ୍ଗୀତା ମହାପାତ୍ର, ରଶ୍ମିଲତା ସ, ପୂଜା ସ ସହାୟତା କରିଥିବା ବେଳେ ଦ୍ୱିତୀୟ ଦିବସ ଖେଳରେ ହେମନ୍ତ ବେହେରା, ବରୁଣ କୁମାର ବେହେରା ଓ ଜ୍ୟୋତିରଂଜନ ବେହେରା କ୍ରୀଡା ପରିଚାଳନା କରିଥିବା ବେଳେ ମୁକ୍ତିକାନ୍ତ ବେହେରା, ସସ୍ମିତା ସାମଲ, ଫୁଲମଣି ମଳିକ, ଗୀତାଞ୍ଜଳି ଗିରି ପ୍ରମୁଖ ସହାୟତା କରିଥିଲେ। ଅପରାହ୍ନ ୪ଘଟିକାରେ ମାତୃପତାକା ଅବତରଣ ପରେ କ୍ରୀଡାଉତ୍ସବ ଉଦଯାପିତ ହୋଇଥିଲା।

# ସୋଆ ଓ ମାଲା ରେଡି ବିଶ୍ୱବିଦ୍ୟାପୀଠ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର, ୧୪/୧୨ (ନି.ପ୍ର): ଶିକ୍ଷା ଓ ଅନୁସନ୍ଧାନ ଡିମ୍ଡ ବିଶ୍ୱବିଦ୍ୟାଳୟ ଓ ହାଇଦ୍ରାବାଦ ସ୍ଥିତ ମାଲା ରେଡି ବିଶ୍ୱବିଦ୍ୟାପୀଠ ମଧ୍ୟରେ ଏଠାରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି । ଏହି ବୁଝାମଣା ପତ୍ର ଅନୁଯାୟୀ ସୋଆ ଓ ଏମ୍ଆରଭି ସହଯୋଗ ଭିତିରେ ଶିକ୍ଷ ଜଗତର ଆବଶ୍ୟକତାକୁ ଆଖିରେ ରଖି ଶୈକ୍ଷିକ ପାଠ୍ୟକ୍ରମ ପ୍ରସ୍ତୁତ କରିବେ ଯେପରି ଭବିଷ୍ୟତର ଆବଶ୍ୟକତାକୁ ଏହା ପୂରଣ କରିବ । ଦୁଇ ବିଶ୍ୱବିଦ୍ୟାଳୟ ମଧ ଏକତ୍ର ଶିକ୍ଷା, ଗବେଷଣା, ନୂତନ ପ୍ରବର୍ତନ ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଜ୍ଞାନର ଆଦାନ ପ୍ରଦାନ ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିବେ । ସ୍ୱାସ୍ଥ୍ୟ ସେବା, ମେଡିକାଲ୍ ଟେକ୍ନୋଲଜି, ଫାର୍ମାସ୍ୟୁଟିକାଲ୍ ସାଇନ୍ସେସ୍, ଲାଇଫ୍ ସାଇନ୍ସ ଓ ଇଞ୍ଜିନିୟରିଂ ଇତ୍ୟାଦି କ୍ଷେତ୍ରରେ ଗବେଷଣା ନିମନ୍ତେ ଜାତୀୟ ତଥା ଆନ୍ତର୍ଜାତିକ ସଂସ୍ଥାର ଅର୍ଥ ଯୋଗାଣ ନିମନ୍ତେ ଉଭୟ ବିଶ୍ୱବିଦ୍ୟାଳୟ ମିଳିତ ଉଦ୍ୟମ କରିବେ । ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଓ ଏମ୍ଆରଭିର ରେଜିଷ୍ଟ୍ରାର ଡକ୍ଟର ମନ୍ମନ ଜାନୋଡିଆ ଏହି ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ । ଏହି ସମୟରେ ଏମ୍ଆରଭିର ଚିଫ୍ ଇନୋଭେସନ୍ ଅଫିସର ଡକ୍ଟର ବିକାଶ ସାହୁ ଓ ରିସର୍ଚ୍ଚ ଆଣ୍ଡ ଇନୋଭେସନ୍ ଅଫିସର ଡକ୍ଟର ଏଲୋଜିତା ରାଉତ ଉପସ୍ଥିତ ଥିଲେ । ସୋଆର ସ୍କୁଲ ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନ୍ସେସ୍‌ର ଡିନ୍ ପ୍ରଫେସର ସୁଦାମ ଚନ୍ଦ୍ର ସି ଓ ପ୍ରଫେସର ଇ. ସୁବୁଦ୍ଧି ମଧ୍ୟ ଉପସ୍ଥିତ ଥିଲେ ।

# ପାରାଦ୍ୱୀପରେ ବୃହତ୍ ବନ୍ଦର ସାଂସ୍କୃତିକ ସମାରୋହର ତୃତୀୟ ସଂଧ୍ୟା



ପାରାଦ୍ୱୀପ, ୧୪/୧୨ (ନି.ପ୍ର): ପାରାଦ୍ୱୀପ ବନ୍ଦର ଏବଂ ବୃହତ୍ ବନ୍ଦର କ୍ରୀଡ଼ା ନିୟନ୍ତ୍ରଣ ବୋର୍ଡର ମିଳିତ ଆନୁକୁଲ୍ୟରେ ୨୪ତମ ବୃହତ୍ ବନ୍ଦର ସାଂସ୍କୃତିକ ସମାରୋହର ତୃତୀୟ ସନ୍ଧ୍ୟା ପାରାଦ୍ୱୀପର ବାଣୀପୀଠ ଜୟଦେବ ସଦନ ଠାରେ ନାଟକ, ନୃତ୍ୟ ଓ ସଂଗୀତର ସମ୍ଭାର ମଧ୍ୟରେ ପ୍ରସ୍ତୁତ ହୋଇଯାଇଛି । ଆଜିର ସନ୍ଧ୍ୟାରେ ମୁମ୍ବାଇ, କଲିକତା ଏବଂ ଭି.ଓ. ଚିଦାମ୍ବରନାର ବନ୍ଦରର କଳାକାର ମାନେ ନିଜ ନିଜ ଭାଷାରେ ନୃତ୍ୟ, ସଙ୍ଗୀତ,ଓ ନାଟକ ପ୍ରସ୍ତୁତ କରିଥିଲେ ଯେଉଁଥିରେ ସେମାନଙ୍କ ରାଜ୍ୟର ସଂସ୍କୃତିର ଝଲକ ଭରି ରହିଥିଲା । ପ୍ରତିଯୋଗିତା ଆଧାରରେ ଆୟୋଜିତ ଏହି ସମାରୋହରେ କଳାକାର ମାନଙ୍କର ପ୍ରସ୍ତୁତି କୌଣସି ଗୁଣରେ କମ୍ ନଥିଲା । ସେମାନଙ୍କ ମନରେ ପ୍ରତିଯୋଗିତାର ଭାବନା ଥିଲେ ବି ଆମ ଦେଶରେ ଭାଷା ଓ ସଂସ୍କୃତିର ବିଭିନ୍ନତା ମଧ୍ୟରେ ଆମେ ସମସ୍ତେ ଏକ ବୋଲି ଦର୍ଶାଇଥିଲେ । ଭାଷାଗତ ବିଭିନ୍ନତା ଥିଲେ ମଧ୍ୟ ଦର୍ଶକମାନେ କାର୍ଯ୍ୟକ୍ରମର ଆନନ୍ଦ ନେବା ସଙ୍ଗେ ସଙ୍ଗେ କରତାଳି ମାଧ୍ୟମରେ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ। ଆସନ୍ତା କାଲି ଉଦଯାପନୀ ସଂଧ୍ୟାରେ ଆୟୋଜକ ପାରାଦୀପ ବନ୍ଦରର କଳାକାରମାନେ ସେମାନଙ୍କର କାର୍ଯ୍ୟକ୍ରମ ପ୍ରସ୍ତୁତ କରିବେ ।

# ଭଦ୍ରକରେ ଜାତୀୟସ୍ତରୀୟ ବାଣିଜ୍ୟ ମେଳାର ନବମ ସନ୍ଧ୍ୟା

## ଚାକିରୀ ପଛରେ ନଧାଇଁ ଆତ୍ମନିର୍ଭରଶୀଳ ହେବାକୁ ଯୁବଗୋଷ୍ଠୀଙ୍କୁ ଆହ୍ୱାନ




ଭଦ୍ରକ, ୧୪/୧୨ (ନି.ପ୍ର): ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପଡିଆରେ ଅନୁଷ୍ଠିତ ଜାତୀୟ ସ୍ତରୀୟ ଭଦ୍ରକ ବାଣିଜ୍ୟ ମେଳା ନବମ ଦିନରେ ପହଂଚିଥିବାବେଳେ ଏଠାରେ ଜନସମାଗମ କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ମେଳାର ଆୟୋଜକ ଓସ୍‌ମେ ର ସମସ୍ତ କର୍ମକର୍ତାଙ୍କ ପ୍ରଚେଷ୍ଟାରେ ଗତ ୬ ତାରିଖରୁ ଆରମ୍ଭ ହୋଇଥିବା ଏହି ମେଳା ଆସନ୍ତାକାଲି ୧୫ ତାରିଖରେ ଉଦ୍‌ଯାପିତ ହେବ। ତେବେ ପ୍ରତ୍ୟେକ ଦିନ ଏହି ମେଳାକୁ ଆସିଥିବା ବିଭିନ୍ନ ରାଜ୍ୟ ଓ ଆମ ଓଡ଼ିଶା ରାଜ୍ୟ ବିଭିନ୍ନ ଜିଲାର ସ୍ୱୟଂ ସହାୟିକା ଗୋଷ୍ଠୀ, ଘରୋଇ କଂପାନୀ ସମେତ ବିଭିନ୍ନ ବିପ୍ଣଣୀ ମହିଳାମାନଙ୍କୁ ବେଶ୍ ଆକୃଷ୍ଟ କରିଥିବାବେଳେ ଏଥିରେ ପଡିଥିବା ମୀନା ବଜାର ଛୋଟ ଛୋଟ ପିଲାଙ୍କ ମନ ମୋହୁଛି। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ରାଜ୍ୟ ଓ ସ୍ଥାନୀୟ ଅଂଚଳର ବିଭିନ୍ନ ଅନୁଷ୍ଠାନ ଓ କଳାକାରମାନଙ୍କୁ ନେଇ ଆୟୋଜିତ ଓଡ଼ିଶୀ, ଛଉ, ଆଦିବାସୀ, ଗୋଟିପୁଅ ଭଳି ନୃତ୍ୟ ଓ ମେଲୋଡି ସହ ନୃତ୍ୟ ନାଟିକା ଆବାଳ ବୃଦ୍ଧ ବନିତାଙ୍କ ପାଇଁ ବେଶ୍ ମନୋରଂଜନର ଖୋରାକ ଯୋଗାଉଛି। ସେହିଭଳି ଶୀତୁଆ ସନ୍ଧ୍ୟାର ଦ୍ୱିତୀୟାର୍ଦ୍ଧରେ ଅନୁଷ୍ଠିତ ସଭାରେ ବହୁ ମାନ୍ୟଗଣ୍ୟ ଅତିଥି ଓ ସେମାନଙ୍କର ତଥ୍ୟଭିତିକ ଆଲୋଚନା ରଖୁଥିବାବେଳେ ନବମ ଦିନରେ ମୁଖ୍ୟଅତିଥି ଭାବେ କାନାଡା ବ୍ୟାଙ୍କ ଜୋନାଲ ଅଫିସର ରିଜିଓନାଲ ହେଡ୍ ଭି. ଆଗିମଲ ଯୋଗଦେଇ ଏହି ବାଣିଜ୍ୟ ମେଳାର ଆୟୋଜକଙ୍କୁ ସ୍ୱାଗତ କରି ପ୍ରତିବର୍ଷ ଏହି ଜିଲାରେ ଶିଳ୍ପର ବିକାଶ ପାଇଁ ଏଭଳି ମେଳାର ଆୟୋଜନ କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ 'ଅଭିନନ୍ଦନ' ସମ୍ବାଦପତ୍ରର ସଂପାଦକ ତଥା ରାଜ୍ୟର ଜଣେ ବିଶିଷ୍ଟ ସାହିତ୍ୟିକ ତଥା ଶିଳ୍ପୋଦ୍ୟୋଗୀ ଭାବେ ପରିଚିତ ଇଂ ଜଗଦୀଶ ମିଶ୍ର ଯୋଗଦେଇ ନିଜର ପ୍ରତିଷ୍ଠା କ୍ଷେତ୍ରରେ ସେ କିଭଳି ପାଠ ପଢିବା ମଧ୍ୟରେ ସତ୍ୟଓ ନିଷ୍ଠାକୁ ପାଥେୟ କରି ଏକ ଛୋଟ ମିକ୍ସଚର ଫ୍ୟାକ୍ଟ୍ରି ଆରମ୍ଭ କରି ପରବର୍ତୀ ସମୟରେ ଏକ ପ୍ରତିଷ୍ଠିତ ସମ୍ବାଦପତ୍ର ସହ ତାଙ୍କର ବିଭିନ୍ନ କଂପାନୀ ଗଢିଛନ୍ତି, ତାହା ବିସ୍ତୃତ ଭାବେ ବକ୍ତବ୍ୟରେ ସୂଚନା ଦେଇଥିଲେ। ଏବଂ ଆଜିର ଯୁବପିଢି ସରକାରୀ ଓ ଘରୋଇ ଚାକିରୀ ପଛରେ ନଧାଇଁ ଏବେ ବିଭିନ୍ନ ବ୍ୟାଙ୍କ ବିନା ବନ୍ଧକରେ ଦେଉଥିବା ଅର୍ଥରେ ଛୋଟବଡ ବ୍ୟବସାୟ ଆରମ୍ଭ କରିପାରିଲେ, ତାହା ଭବିଷ୍ୟତରେ ଟାଟା ବିର୍ଲା ଭଳି ମହାଦ୍ରୁମରେ ପରିଣତ ହେବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ କାନାଡା ବ୍ୟାଙ୍କ ଜୋନାଲ ଅଫିସ୍‌ର ଡିଭିଜ୍‌ନାଲ ହେଡ୍ ତାପସ ରଂଜନ ବେହେରା ଯୋଗଦେଇ ତାଙ୍କ ବ୍ୟାଙ୍କ ବେକାର ଯୁବକ ଯୁବତୀଙ୍କ କ୍ଷେତ୍ରରେ ଯେଉଁସବୁ ସୁବିଧା ସୁଯୋଗ ସୃଷ୍ଟି କରିଛି, ତାହାର ସୁଯୋଗ ନେବାକୁ ଉପସ୍ଥିତ ଯୁବଗୋଷ୍ଠୀଙ୍କୁ ଆହ୍ୱାନ ଦେଇଥିଲେ। ଓସ୍‌ମେ ର ସଭାପତି ସୁରଜ କୁମାର ସାହୁଙ୍କ ସଂଯୋଜନାରେ ଆୟୋଜିତ ଏହି ନବମ ଦିନ ସଭାରେ ମେଳାର ଆବାହକ ମନୋଜ ରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସଂଗୀତ ନିର୍ଦ୍ଦେଶକ ସୁବାଷ ରାମଙ୍କ ଗ୍ରୁପ୍ ମନୋଜ୍ଞ ମେଲୋଡି ପରିବେଷଣ କରିଥିଲେ।

# ନୀଳଗିରି 'ସଟଲର୍ସ କ୍ଲବ' ଆନୁକୁଲ୍ୟରେ ଦୁଇଦିବସୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍ଘାଟିତ

ନୀଳଗିରି, ୧୪/୧୨ (ନି.ପ୍ର): ନୀଳଗିରିର ଅଗ୍ରଣୀ ଯୁବସ୍ୱେଚ୍ଛାସେବୀ ସଂଗଠନ 'ସଟଲର୍ସ' କ୍ଲବ୍ ଆନୁକୁଲ୍ୟରେ ନୀଳଗିରି ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମରେ ଦୁଇଦିବସୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଚଳିତ ମାସ ୧୪ଓ ୧୫ତାରିଖ ଅନୁଷ୍ଠିତ ହେବାକୁ ଥିବାବେଳେ ଆଜି ୧୪ତାରିଖ ପ୍ରଥମଦିବସରେ ସନ୍ଧ୍ୟା ପ୍ରାୟ ୬.୩୦ମିନିଟ ସମୟରେ ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ ଫିତାକାଟି ଆନୁଷ୍ଠାନିକ ଉଦଘାଟନ କରିଥିଲେ। ପ୍ରଥମଦିବସରେ ପଞ୍ଚାୟତସ୍ତରୀୟ ଯୁବଖେଳାଳୀ ମାନଙ୍କୁ ନେଇ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା। କ୍ଲବର ସଭାପତି ଉଦୟଜ୍ୟୋତି ମହାନ୍ତିଙ୍କ ଦୃଢ଼ନେତୃତ୍ୱରେ ପରିଚାଳିତ ଉକ୍ତ ଟୁର୍ଣ୍ଣାମେଣ୍ଟରେ କ୍ଲବର ସମ୍ପାଦକ ଚୟନକାନ୍ତ ଦାସ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଲବ ସଦସ୍ୟ ମାନସ କୁମାର ବେହେରା, ପ୍ରଦୀପ କୁମାର ଜେନା, ଜୀବନ କୁମାର ଦାସ, ଉମାଶଙ୍କର ନନ୍ଦ, ଅମିୟ, ରୋହିତ, କ୍ରିଷ୍ଣା, ବବୁଲ୍, ସୌଭାଗ୍ୟ ବାରିକ, ସନ୍ତୋଷ ଲେଙ୍କା, ଅର୍ଦ୍ଧେନ୍ଦୁ ଅବିନାଶ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ପଦ୍ମମାଳୀ ମହିଳା ସଙ୍ଗଠନର ବାର୍ଷିକ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ



ବେତନଟୀ, ୧୪/୧୨ (ନି.ପ୍ର): ବେତନଟୀର ଅଗ୍ରଣୀ ମହିଳା ସଙ୍ଗଠନ ପଦ୍ମମାଳୀର ବାର୍ଷିକ ଉତ୍ସବ ଆସନ୍ତା ଡିସେମ୍ବର ୨୨ ତାରିଖ ଦିନ ପରିବର୍ତ୍ତନ ଭିନ୍ନକ୍ଷମ ସ୍ୱତନ୍ତ୍ର ବିଦ୍ୟାଳୟ ଗରୁଡବସା ପରିସରରେ ଅନୁଷ୍ଠିତ ହେବ । ଏଥି ନିମନ୍ତେ ବେତନଟୀ ଡାକବଙ୍ଗଳା ପରିସରରେ ପଦ୍ମମାଳୀ ମହିଳା ସଙ୍ଗଠନର କାର୍ଯ୍ୟକାରୀ ସଭାପତି ଗୀତାଞ୍ଜଳୀ ଭୂୟାଁଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବାର୍ଷିକ ଉତ୍ସବରେ ଅନୁଷ୍ଠିତ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ବାବଦରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା ହୋଇଥିଲା । ଏହି ବୈଠକରେ ସଭାପତି ସଂଯୁକ୍ତା ଜୀ, ସମ୍ପାଦିକା ପ୍ରଭାତୀ ମହାନ୍ତି, ଉପସଭାପତି ସୋନା ଖାତୁନ, ମୀନାକ୍ଷୀ ପରିଡା, ରଞ୍ଜିତା କର, ଅନିନ୍ଦିତା ସାହୁ, ମନୋରମା ସାହୁ, ମିନତୀ ସାହୁ, କୁମୁଦିନୀ ମହାନ୍ତ, ସୁଶିଳା ବାରିକ, ବେତନଟୀ ବ୍ଲକ ସାମ୍ବାଦିକ ସଂଘର ସଭାପତି ସର୍ବେଶ୍ୱର ମହାନ୍ତ, ଉପସଭାପତି ଗତିକୃଷ୍ଣ ମହାନ୍ତ, କୋଷାଧକ୍ଷ ହରିଶ୍ଚନ୍ଦ୍ର ସାମଲ ଓ କବି ପର୍ଶୁରାମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ମହାନଦୀ ସମସ୍ୟାର ସମାଧାନ କରୁ ଟ୍ରିପଲ ଇଞ୍ଜିନ ସରକାର: ପ୍ରସନ୍ନ ଆଚାର୍ଯ୍ୟ

ଭୁବନେଶ୍ୱର, ୧୪/୧୨ (ନି.ପ୍ର): ମହାନଦୀ ପ୍ରସଙ୍ଗରେ ପ୍ରତିକ୍ରିୟା ରଖିଛନ୍ତି ବରିଷ୍ଠ ବିଜେଡି ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ । ସେ କହିଛନ୍ତି ଯେ, ଛତିଶଗଡ ଓଡ଼ିଶା ସୀମାରେ ବିଜେଡି ମହାନଦୀ ଅଭିଯାନ ଆରମ୍ଭ କରିଥିଲୁ। ସେଠାରେ ଏବେ ନଦୀ ନୁହେଁ, ମରୁଭୂମିରେ ପରିଣତ ହୋଇଛି କ୍ଷ ଆଗକୁ ଭୟଙ୍କର ସ୍ଥିତି ମହାନଦୀ ପାଣିକୁ ନେଇ ସୃଷ୍ଟି ହେବ । ମହାନଦୀ ସମସ୍ୟା ନେଇ କେନ୍ଦ୍ର ସରକାର ଓ ଛତିଶଗଡ଼ ସରକାରଙ୍କ ସହ ଆଲୋଚନା ବାରମ୍ବାର କରିଛୁ । କିନ୍ତୁ ଫଳ ଶୂନ । ଏବେ ଟ୍ରିପଲ ଇଞ୍ଜିନ ସରକାର । ହେଲେ ସମସ୍ୟାର ସମାଧାନ ହେବ ନାହିଁ । କାଲି ଟ୍ରିବୁନାଲ ଅଧ୍ୟକ୍ଷ ପରିବର୍ତ୍ତନ କରାଯାଇଛି । ତେଣୁ ଦାସେ ଆସ ମୂଳରୁ ଗାଅ। ପୁଣି ମୂଳରୁ ଶୁଣାଣୀ ଆରମ୍ଭ ହେବ ଏ ସମସ୍ୟା ଦୂର ହେବା ବେଳକୁ ମହାନଦୀ ଲିନ ହୋଇଯାଇଥିବ । ତେଣୁ ଏବେ ଠାରୁ ସତର୍କ ରୁହନ୍ତୁ ସରକାର ।

# ରାଜ୍ୟସ୍ତରୀୟ ସନ୍ଥ ଶିଶୁ ଅନନ୍ତ ଜୟନ୍ତୀ ଉତ୍ସବ




ବାଲିପାଟଣା, ୧୪/୧୨ (ନି.ପ୍ର): ବାଲିପାଟଣା ପଞ୍ଚଦଶ ଶତାବ୍ଦୀରେ ଜଗନ୍ନାଥ ଧର୍ମ ଓ ସଂସ୍କୃତି ର ପ୍ରଚାରକ ପଞ୍ଚସଖା ଙ୍କ ମଧ୍ୟରୁ କନିଷ୍ଠ ସନ୍ଥ ଶିଶୁ ଅନନ୍ତ ଙ୍କ ଜୟନ୍ତୀ ଉତ୍ସବ ଆଜି ପୂର୍ବାହ୍ନରେ ତାଙ୍କର ଜନ୍ମମାଟି ବାଲିପାଟଣା ସ୍ଥିତ ଶିଶୁ ମଠ ଠାରେ ମହାସମାରୋହରେ ପାଳିତ ହୋଇଯାଇଛି। ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଶିଶୁ ଅନନ୍ତ ସ୍ମୃତି ସଂସଦ ର ମିଳିତ ଆନୁକୁଲ୍ୟରେ ଏହି ଉପଲକ୍ଷେ ସଂସଦର ସଭାପତି ଅଭିମନ୍ୟୁ ନାୟକ ଙ୍କ ଅଧକ୍ଷତାରେ ଏକ ସାରସ୍ୱତ ସଭା ଓ ସମ୍ମାନ ପ୍ରଦାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଆନୁଷ୍ଠାନିକ ଭାବରେ ମୁଖ୍ୟ ଅତିଥି ସଂସ୍କୃତ ବିଶ୍ୱବିଦ୍ୟାଳୟ ର ପ୍ରାକ୍ତନ କୁଳପତି ଡ୍ ହରେକୃଷ୍ଣ ଶତପଥୀ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିବା ପରେ କଣ୍ଠଶିଳ୍ପୀ ତଥା ଗୀତିକାର ଶରତ ବାରିକ, ରବି କୁମାର ଓ ଶାଶ୍ୱତୀ ଅନୁଷ୍ଠାନର କଳାକାର ମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ସମ୍ପାଦିକା ତନୟା ଦାସ ଗୋସ୍ୱାମୀ ବାର୍ଷିକ ବିବରଣୀ ପାଠ କରି ଅନୁଷ୍ଠାନକୁ ସହଯୋଗ କରିଥିବା ମଧୁବାବା, ଦୀନକୃଷ୍ଣ ବାବା, ପୂର୍ବତନ ବି ଡି ଓ ସନାତନ ମଲ୍ଲିକ, ପୂର୍ବତନ ମନ୍ତ୍ରୀ ଶଶିଭୂଷଣ ବେହେରା, ଦେବୀ ପ୍ରସାଦ ମିଶ୍ର, ଅଶୋକ ଚନ୍ଦ୍ର ପଣ୍ଡା, ଅରବିନ୍ଦ ଢ଼ାଲିଙ୍କ ଅବଦାନକୁ ସ୍ମରଣ କରିଥିଲେ। ମୁଖ୍ୟ ବକ୍ତା ଜ୍ଞାନାନନ୍ଦ ସାଗର ଶିଶୁ ଅନନ୍ତ ରଚନା ସମ୍ପର୍କରେ ତଥ୍ୟ ରଖିଥିଲେ। ଏହି ଅବସର ରେ ବିଶିଷ୍ଟ ଗବେଷକ ପ୍ରାଧ୍ୟାପକ ଉଦୟ ନାଥ ସାହୁ ଙ୍କୁ ସମ୍ମାନ ଜନକ ଶିଶୁ ଅନନ୍ତ ସମ୍ମାନ,ସାଧକ ସ୍ୱାମୀ ଚିଦାନନ୍ଦ ବ୍ରହ୍ମଚାରୀ ଙ୍କୁ ବାବା ମଧୁସୂଦନ ସମ୍ମାନ,ପୂର୍ବତନ ଦୂରଦର୍ଶନ ଉପ ନିର୍ଦ୍ଦେଶକ ଗୋପାଳ କୃଷ୍ଣ ମହାପାତ୍ରଙ୍କୁ ସାମ୍ବାଦିକ ଗୌରବ ସମ୍ମାନ,ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ରଙ୍କୁ ବାଲିପାଟଣା ଗୌରବ ସମ୍ମାନ,କବି ବିପିନ ମହାନ୍ତିଙ୍କୁ କବି ଅବଦୁଲ ଓସିଦ୍ ସମ୍ମାନ, ଭଜନ ତଥା ଶିଶୁ ଲେଖକ ଅରୁଣ ଚନ୍ଦ୍ର ମହାନ୍ତିଙ୍କୁ ବଡ଼ଭାଇ ନଦୀୟା ବିହାରୀ ସମ୍ମାନ ଓ କୃଷ୍ଣଚନ୍ଦ୍ର ରାୟ ଙ୍କୁ ସାମ୍ବାଦିକ ଗୌରବ ସମ୍ମାନ ପ୍ରଦାନ କରାଯାଇଥିଲା। କବି ଭଗବାନ ସାହୁ ମାନପତ୍ର ପାଠ କରିଥଲେ। କାର୍ଯ୍ୟକ୍ରମରେ ଲେଖକ ବିରେନ୍ଦ୍ର ସାମନ୍ତରାୟ,ବଙ୍କିମ ନାୟକ, ରଜନୀ ରଞ୍ଜନ ଦାଶ, ଶକୁନ୍ତଳା ବଳିଆରସିଂହ, କମଳିନୀ ମଲ୍ଲିକ,ସାହିତ୍ୟ ଏକାଡେମୀ ତରଫରୁ ଚିନ୍ମୟ ମିଶ୍ର,ସଂସଦର ପୂର୍ବତନ ସଭାପତି ବ୍ରଜ କିଶୋର ଶିଶୁ,ଚଳଚ୍ଚିତ୍ର ପ୍ରଜଯୋକ ଗୁଲଜାର ହୋସନ୍‌ଙ୍କ ସମେତ ବହୁ ସାହିତ୍ୟିକ, ସମାଜସେବୀ,ସାଧୁ, ସନ୍ଥ, ଯୋଗୀ, ଭଦ୍ର ମହିଳା, ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ। ଅଧ୍ୟାପକ ଦେବାଶିଷ ମହାପାତ୍ର ସମସ୍ତ କାର୍ଯ୍ୟକ୍ରମକୁ ଉପସ୍ଥାପିତ କରିଥିଲେ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida